Daily Odia Newspaper
SEITHO ARAMBHA
RNI No : ORIORI/2006/21585
Vol.: 20, Issue : 109
Wednesday, 24 June 2026
Balasore, Page : 8, ₹ 2/
ବାଲେଶ୍ୱର, ବୁଧବାର, ୨୪ ଜୁନ୍, ୨୦୨୬
ପୃଷ୍ଠା:୮, ମୂଲ୍ୟ:୨ଟଙ୍କା
Seitho Arambha
Seithoarambha
www.seithoarambha.com

ସେଇଠାରୁ ଆରମ୍ଭ
SEITHO ARAMBHA

ଯାହାଠାରେ ସତ୍ୟ, ପବିତ୍ରତା, ନିଃସ୍ୱାର୍ଥପରତା ବିଦ୍ୟମାନ, ବାଧା ବିପତ୍ତି ତା'ର କ'ଣ କରିବ ? ଜଗତ୍‌ବାସୀ ତାହା ବିରୋଧରେ ଦଣ୍ଡାୟମାନ ହେଲେ ସୁଦ୍ଧା ତାହାର କୌଣସି ଅନିଷ୍ଟ ହୁଏ ନାହିଁ ।
- ସ୍ୱାମୀ ବିବେକାନନ୍ଦ

ଧାରା ୩୭୦ ଉଚ୍ଛେଦ ଦ୍ୱାରା ଡଃ ମୁଖାର୍ଜୀଙ୍କ 'ଅଖଣ୍ଡ ଭାରତ'ର ସ୍ୱପ୍ନ ସାକାର ହୋଇଛି : ମୁଖ୍ୟମନ୍ତ୍ରୀ

ଭୁବନେଶ୍ୱର, ୨୩/୬ (ଆ.ପ୍ର) : ଭାରତ ମାତାର ଅନ୍ୟତମ ମହାନ ସୁପୁତ୍ର ଡଃ ଶ୍ୟାମାପ୍ରସାଦ ମୁଖାର୍ଜୀଙ୍କ 'ଗୋଟି ପ୍ରଥମ' ନୀତିରେ ଅନୁପ୍ରାଣିତ ହୋଇ ପଦିନ୍ଦ ଓଡ଼ିଶା ମାଟି ତଥା ସାମ୍ପ୍ରଦାୟିକ ସଦ୍ଭାବ, ସମ୍ପ୍ରୀତି ଓ ଏକତାର ସୂତ୍ରରେ ବାନ୍ଧି ରାଖିବାକୁ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝି ଯୁକ୍ତିଢ଼ି ଆହ୍ୱାନ ଦେଇଛନ୍ତି । ଆଜି (ମଙ୍ଗଳବାର) ସ୍ୱର୍ଗତ ମୁଖାର୍ଜୀଙ୍କ ବଳିଦାନ ଦିବସ ଅବସରରେ ଲୟଦେବ ଭବନଠାରେ ଆୟୋଜିତ ରାଜ୍ୟସ୍ତରୀୟ କାର୍ଯ୍ୟକ୍ରମରେ ଯୋଗଦେଇ ସେ କହିଛନ୍ତି, ମାତ୍ର ୩୩ ବର୍ଷ ବୟସରେ ସେ କୋଲକାତା ବିଶ୍ୱବିଦ୍ୟାଳୟର ସର୍ବକନିଷ୍ଠ କୁଳପତି ଭାବେ ଶିକ୍ଷା କ୍ଷେତ୍ରରେ ଅଭୂତପୂର୍ବ ପରିବର୍ତ୍ତନ ଆଣିଥିଲେ । ଦେଶର ଏକତା ଓ ଅଖଣ୍ଡତା ପାଇଁ ଜାମ୍ମୁ-କାଶ୍ମୀର ଆନ୍ଦୋଳନରେ ସେ ଦେଇଥିବା ଐତିହାସିକ ସ୍ଲୋଗାନ 'ଏକ ଦେଶ ମେଁ ଦୋ ବିଧାନ, ଦୋ ପ୍ରଧାନ, ଦୋ ନିଶାନ ନେହିଁ ଚଲେଗେଁ' ସମଗ୍ର ରାଷ୍ଟ୍ରକୁ ଏକତା ସୂତ୍ରରେ ବାନ୍ଧିଥିଲା । ସେ ଆହୁରି

କହିଥିଲେ ଯେ କଂଗ୍ରେସର ତୁଷ୍ଟୀକରଣ ରାଜନୀତି ଏବଂ ଭୁଲ୍ ନୀତି ଯୋଗୁଁ କାଶ୍ମୀର ଉପରେ ଲଦି ଦିଆଯାଇଥିବା ଧାରା ୩୭୦ ଭଳି କଳା ଆଇନ ଯୋଗୁଁ ଦୀର୍ଘ ଦଶନ୍ଧି ଧରି ଲକ୍ଷ ନିରୀହ ଲୋକ ପ୍ରାଣ ହରାଇଥିଲେ ଓ ଶରଣାର୍ଥୀ ସବୁଜ ଜୀବନ ବିତାଇଥିଲେ । ସେ ପୁନଶ୍ଚ କହିଥିଲେ ଯେ, ଦିନ ପରମିଟ୍‌ରେ କାଶ୍ମୀର ପ୍ରବେଶ କରି ଗିରଫ ହେବା ପରେ ଜେଲ୍ ଭିତରେ ସନ୍ଦେହଜନକ ପରିସ୍ଥିତିରେ ଡଃ ମୁଖାର୍ଜୀଙ୍କ ମୃତ୍ୟୁର ଲୌକିକ ତଦନ୍ତ ତତ୍କାଳୀନ କଂଗ୍ରେସ ସରକାର କରାଇନଥିଲେ, ଯାହା ଜାତିସାରା ସବୁଠାରୁ ବଡ଼ ଦୁର୍ଭାଗ୍ୟଜନକ ଅଧ୍ୟାୟ । ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ଦୃଢ଼ ନେତୃତ୍ୱରୁ ପ୍ରେରଣା କରି ମୁଖ୍ୟମନ୍ତ୍ରୀ କହିଛନ୍ତି ଯେ ଗିରଫ ୫ ଅଗଷ୍ଟ ୨୦୧୯ ମରିଗଲେ କାଶ୍ମୀରରୁ ଧାରା ୩୭୦ ଉଚ୍ଛେଦ କରାଯାଇ ଡଃ ମୁଖାର୍ଜୀଙ୍କ ସେହି ଅଧୂରା ସ୍ୱପ୍ନକୁ ସାକାର କରାଯାଇଛି ଏବଂ ଏହାହିଁ ତାଙ୍କ ପ୍ରତି ପ୍ରକୃତ ଶ୍ରଦ୍ଧାଞ୍ଜଳି । ଏହି ଅବସରରେ ମୁଖ୍ୟମନ୍ତ୍ରୀ ଦେଶ ଓ ରାଜ୍ୟକୁ ଦୁର୍ବଳ କରୁଥିବା ଲୁଣ୍ଠ, ଦେଶବିରୋଧୀ ଏବଂ ପରିବାରବାଦୀ ଶକ୍ତିମାନଙ୍କ ପ୍ରତି ସତର୍କ ରହିବାକୁ ଆହ୍ୱାନ ଦେଇଛନ୍ତି । ଏହି ଅବସରରେ ଓଡ଼ିଶା ବିଧାନ ସଭାର ବାଚସ୍ପତି ଶ୍ରୀମତୀ ସୁରମା ପାଢୀ କହିଥିଲେ ଯେ ସ୍ୱାଧୀନତା ପରବର୍ତ୍ତୀ ସମୟରେ ଜାତୀୟତାବାଦ ଚିନ୍ତାଧାରାକୁ ଯିଏ ବିଚ୍ଛୁରିତ କରିଥିଲେ ସେ ହେଉଛନ୍ତି ଡଃ ଶ୍ୟାମାପ୍ରସାଦ ମୁଖାର୍ଜୀ । ସେ ହେଉଛନ୍ତି ପ୍ରକୃତ ଦେଶ ଭକ୍ତର ନିଦର୍ଶନ, ଯିଏ ଜି ବନ ମତ ନିର୍ବିଶେଷରେ ନିଜ ଦେଶକୁ ଭଲପାଉଥିଲେ । ଏହି କାର୍ଯ୍ୟକ୍ରମରେ ଅନ୍ୟମାନଙ୍କ ମଧ୍ୟରେ ପୂର୍ବତନ ରାଜ୍ୟସଭା ସାଂସଦ ଦୁଷ୍ମନ୍ତ କୁମାର ଗୌତମ, ଏକାମ୍ର ବିଧାୟକ ବାବୁ ସିଂହ ପ୍ରଧାନ ଅତିଥି ଭାବେ ଯୋଗ ଦେଇଥିଲେ । ସୂଚନା ଓ ଲୋକସମ୍ପର୍କ ବିଭାଗର ଅତିରିକ୍ତ ମୁଖ୍ୟ ଶାସନ ସଚିବ ହେମନ୍ତ ଶର୍ମା ସ୍ୱାଗତ ଭାଷଣ ଦେଇଥିଲେ ।

ସିଜେପି, ରାହୁଲ ଗାନ୍ଧୀଙ୍କ ଉପରେ ବର୍ଷିଲେ ଧର୍ମେନ୍ଦ୍ର

ନୂଆଦିଲ୍ଲୀ, ୨୩/୬(ନ୍ୟୁ.ଏ): ନିଟ୍-ୟୁଜି ପୁନଃପରୀକ୍ଷା ସୁରୁଖୁରୁରେ ସମ୍ପନ୍ନ ହେବାର ଦୁଇ ଦିନ ପରେ କେନ୍ଦ୍ର ଶିକ୍ଷାମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ 'କ୍ରୋଡ଼୍ ଜନତା ପାର୍ଟି' (ସିଜେପି) ର ଆନ୍ଦୋଳନ ଏବଂ ବିରୋଧୀ ଦଳ ନେତା ରାହୁଲ ଗାନ୍ଧୀଙ୍କ

ଆଭିମୁଖ୍ୟକୁ କଡ଼ା ସମାଲୋଚନା କରିଛନ୍ତି । ସିଜେପି ବିଶୁଦ୍ଧାଙ୍କାରୀ ଶକ୍ତିମାନଙ୍କର ଏକ ବି-ଟିମ୍ ବୋଲି ସେ ଆଖ୍ୟା ଦେଇଛନ୍ତି । ଏନ୍‌ଡିଟିଏଲ୍ ଆଜି ହେଉଥିବା ଏକ ସ୍ୱତନ୍ତ୍ର ସାକ୍ଷାତକାରରେ ଶିକ୍ଷାମନ୍ତ୍ରୀ କହିଛନ୍ତି ଯେ, ଏହି ଗୋଷ୍ଠୀ ବ୍ୟବସ୍ଥାକୁ ଧ୍ୱଂସ କରିବା ପାଇଁ ଦେଶ ଚବଳାର ଆଉଛନ୍ତି । ପ୍ରଧାନ କହିଛନ୍ତି, ଯେଉଁମାନେ ଗଣତନ୍ତ୍ରରେ ଜନସାଧାରଣଙ୍କ ଦ୍ୱାରା ପ୍ରତ୍ୟାଖ୍ୟାତ ହୋଇଛନ୍ତି, ସେମାନେ ଏବେ ଛଦ୍ମବେଶରେ ଆସି ଆମର ବ୍ୟବସ୍ଥା ପକ୍ଷରେ ପଡ଼ିଛନ୍ତି । ସେମାନେ ଦେଶକୁ ଭାଗ ଭାଗ କରିବାକୁ ଚାହୁଁଥିବା ଲୋକଙ୍କ ପାଇଁ ସ୍ଲୋଗାନ ଦେଇଛନ୍ତି ଏବଂ ସେମାନଙ୍କୁ ଚିହ୍ନଟ କରାଯାଇ ସାରିଛି । କିଛି ନିର୍ଦ୍ଦିଷ୍ଟ ଲୋକଙ୍କର ଦେଶର ପ୍ରଗତି ଉପରେ ଭରସା ନାହିଁ ବୋଲି ଧର୍ମେନ୍ଦ୍ର କହିଛନ୍ତି । ସୂଚନାଯୋଗ୍ୟ, ନିଟ୍ ପ୍ରଶ୍ନପତ୍ର ଲିକ୍ ଅଭିଯୋଗ ପରେ ପୂର୍ବ ପରୀକ୍ଷା ବାତିଲ ହୋଇଥିଲା ଏବଂ ଗତ ଚରିବାର ପ୍ରାୟ ୨୨ ଲକ୍ଷରୁ ଅଧିକ ଛାତ୍ରଛାତ୍ରୀ ଆଶାରୀ ଛାତ୍ରଛାତ୍ରୀ ପୁନଃପରୀକ୍ଷା ଦେଇଛନ୍ତି । ଏହି ବିବାଦକୁ ନେଇ ସିଜେପି ଶିକ୍ଷାମନ୍ତ୍ରୀଙ୍କ ଇସ୍ତଫା ଦାବି କରି ପ୍ରତିବାଦ କରୁଛି । ଶିକ୍ଷାମନ୍ତ୍ରୀ ଏହି ପୁନଃପରୀକ୍ଷା ସମ୍ପୂର୍ଣ୍ଣ ସଫଳ ହୋଇଛି ବୋଲି ଦର୍ଶାଇଛନ୍ତି । ଏଥିସହିତ, ପ୍ରଶ୍ନପତ୍ର ଲିକ୍‌ରେ ସମ୍ପୃକ୍ତ ଥିବା ଶିକ୍ଷକମାନେ ଇଷ୍ଟକ ପାଇଁ ଯାଇଥିଲେ ବୋଲି କହି କେନ୍ଦ୍ର ଶିକ୍ଷାମନ୍ତ୍ରୀ କଡ଼ା ସମାଲୋଚନା କରିଛନ୍ତି । ଆଲୋଚନା ସମୟରେ କଂଗ୍ରେସ ଓ ରାହୁଲ ଗାନ୍ଧୀଙ୍କୁ ସେ ପ୍ରତ୍ୟକ୍ଷ ଟାର୍ଗେଟ୍ କରିଛନ୍ତି । ସେ ଅଭିଯୋଗ କରିଛନ୍ତି ଯେ ରାହୁଲ ଗାନ୍ଧୀ ନିଟ୍ ପ୍ରଶ୍ନପତ୍ର ଲିକ୍ ମାମଲାକୁ ନେଇ ଦେଶରେ ଅରାଜକତା ସୃଷ୍ଟି କରିବାକୁ ଚେଷ୍ଟା କରୁଛନ୍ତି ଏବଂ ଏହି ପ୍ରସଙ୍ଗରେ କଂଗ୍ରେସ ନିମ୍ନ ସ୍ତରର ରାଜନୀତି କରୁଛି । ରାହୁଲ ଗାନ୍ଧୀଙ୍କ ସମାଲୋଚନା ଓ ଛାତ୍ର ସମର୍ଥକ ଅଭିଯାନ ଉପରେ ପ୍ରତିକ୍ରିୟା ଦେଇ ଧର୍ମେନ୍ଦ୍ର ପ୍ରଧାନ କହିଛନ୍ତି, ଏହି ସମ୍ପୂର୍ଣ୍ଣ ଘଟଣାରେ ରାହୁଲଙ୍କ ବ୍ୟବହାର ମତେ ନିରାଶ କରିଛି । ବିରୋଧୀ ଦଳର ପ୍ରମୁଖ ସଂବାଦିଗଣ ଅଧିକାର ଅଛି । କିନ୍ତୁ ପରୀକ୍ଷାର ତିନି ଦିନ ପୂର୍ବରୁ ରାହୁଲ ଗାନ୍ଧୀ କୋଟାରେ ଛାତ୍ରଛାତ୍ରୀଙ୍କୁ ଭୟଭୀତ କରିବା ଏବଂ ସେମାନଙ୍କ ପ୍ରସ୍ତୁତିକୁ ବିଘାଡ଼ିବା ପାଇଁ ଏକ କାର୍ଯ୍ୟକ୍ରମ ଆୟୋଜନ କରିଥିଲେ । ରାହୁଲ ଗାନ୍ଧୀ ଏହି ପୁନଃପରୀକ୍ଷା ବିଫଳ ହେଉ ବୋଲି ଚାହୁଁଥିଲେ । ଶିକ୍ଷାମନ୍ତ୍ରୀ ମୋଦୀ ସରକାରଙ୍କ ଦ୍ୱାରା ଶିକ୍ଷା କ୍ଷେତ୍ରରେ କରାଯାଇଥିବା ସଂସ୍କାରମୂଳକ କାର୍ଯ୍ୟ ଉପରେ ଆଲୋଚନାପ୍ରତି କରି କହିଛନ୍ତି ଯେ ଜାତୀୟ ଶିକ୍ଷା ନୀତିର ସମ୍ପୂର୍ଣ୍ଣ ରୂପାୟନ କରାଯାଇଛି । ଶିକ୍ଷା କ୍ଷେତ୍ରରେ ମହିଳାମାନଙ୍କ ଅଂଶଗ୍ରହଣ ଏବଂ ଶିକ୍ଷାନୁଷ୍ଠାନ ସଂଖ୍ୟା କ୍ରମାଗତ ଭାବେ ବୃଦ୍ଧି ପାଇଛି । ପ୍ରଧାନମନ୍ତ୍ରୀଙ୍କ ଦ୍ୱାରା ନୂତନ ଅଣିକବ ପ୍ଲାଟଫର୍ମ 'ଭାରତ ଲର୍ନିଙ୍ଗେଜ୍' ର ଶୁଭାରମ୍ଭ କରାଯାଇଛି । ଶିକ୍ଷାମନ୍ତ୍ରୀ କହିଛନ୍ତି ଯେ, ଭାରତର ଯୁବପିଢ଼ିଙ୍କ ଆକାଂକ୍ଷା ଏବଂ ବିଶ୍ୱର ଆବଶ୍ୟକତାକୁ ଆଧାର କରି ଶିକ୍ଷା ବ୍ୟବସ୍ଥାକୁ ଦ୍ରୁତଗତିରେ ଆଗକୁ ନେବା ଆମର ପ୍ରାଥମିକତା ।

ମହାପ୍ରଭୁଙ୍କ ଦର୍ଶନ : ପୁରୀ ବାସୀଙ୍କ ପାଇଁ ସ୍ୱତନ୍ତ୍ର ବ୍ୟବସ୍ଥା

ପୁରୀ, ୨୩/୬ (ଆ.ପ୍ର) :ରଥଯାତ୍ରା ୨୦୨୬ ପାଖେଇ ଆସୁଛି । ମହାପ୍ରଭୁଙ୍କର ବିଶ୍ୱ ପ୍ରସିଦ୍ଧ ଯାତ୍ରାକୁ ସୁଚାରୁ ରୂପେ ପରିଚାଳନା କରିବା ପାଇଁ ରାଜ୍ୟ ସରକାର, ପୁରୀ ଜିଲ୍ଲା ପ୍ରଶାସନ ଏବଂ ଶ୍ରୀମନ୍ଦିର ପ୍ରଶାସନ ପ୍ରସ୍ତୁତି କାରି ରଖିଛନ୍ତି । ମହାପ୍ରଭୁଙ୍କ ଦର୍ଶନ କରିବାକୁ ପୁରୀବାସୀଙ୍କ ପାଇଁ ସ୍ୱତନ୍ତ୍ର ବ୍ୟବସ୍ଥା ହେବ । ଖୁବ୍ ଶୀଘ୍ର ଏ ବ୍ୟବସ୍ଥା ଲାଗୁ ହେବ । ଓଡ଼ିଶା କମ୍ପ୍ୟୁଟର ଆପ୍ଲିକେସନ ସେଂଟର (ଓକାକ୍) ସାହାଯ୍ୟରେ ଶ୍ରୀମନ୍ଦିର ପୂର୍ବରୁ ଏନେଇ ପ୍ରକ୍ରିୟା ଆରମ୍ଭ ହୋଇଯାଇଛି । ଓକାକ ଏଥି ପାଇଁ ସ୍ୱତନ୍ତ୍ର ସଫ୍ଟୱେର ପ୍ରସ୍ତୁତ କରୁଛି । ଅଧିକ କାର୍ଡ ସ୍କାନ କରି ଶ୍ରଦ୍ଧାଳୁମାନେ ଦର୍ଶନ କରିପାରିବେ । ଏହା ଖୁବ୍ ଶୀଘ୍ର ଲାଗୁ ହେବ । ଆଇନ ମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନ ଆଜି ଆୟୋଜିତ ରଥଯାତ୍ରା ୨୦୨୬ ଦ୍ୱିତୀୟ ସମନ୍ୱୟ ସଭାରେ ସୂଚନା ଦେଇଛନ୍ତି । ଏହାସହିତ ବୈଠକରେ ଭିଡ଼ ନିୟନ୍ତ୍ରଣ, ଟ୍ରାଫିକ ସୁପରିଚାଳନା ସହ ସ୍ୱଚ୍ଛତା ଓ ପରିବେଶ ସବୁ ଦିଗରୁ ମାଷ୍ଟର ପ୍ଲାନର ହୋଇଛି ସମୀକ୍ଷା । ରଥଯାତ୍ରାକୁ ଶୃଙ୍ଖଳିତ କରିବା ପାଇଁ ସବୁ ବ୍ୟବସ୍ଥା କରାଯାଇଛି । ସୂଚନାଯୋଗ୍ୟ, ଏଥର ରଥଯାତ୍ରାରେ ସୁରକ୍ଷା ବ୍ୟବସ୍ଥାକୁ ଅଧିକ କଡ଼ାକଡ଼ି କରାଯିବ । ବ୍ୟାପକ ପୁଲିସ ମୁତୟନ ସହିତ ୪୭୩ ସିସିଟିଭି କ୍ୟାମେରା ଲାଗିବ । ଏପର୍ଯ୍ୟନ୍ତ ୨୦୦ କ୍ୟାମେରାର ପରୀକ୍ଷଣ ହୋଇସାରିଛି । ପୁରୀ ସହରର ବଡ଼ଦାଣ୍ଡ ବ୍ୟତୀତ ଗୁରୁତ୍ୱପୂର୍ଣ୍ଣ ସ୍ଥାନ ଉପରେ ସିସିଟିଭି ନଜର ରଖିବ । ଅନ୍ୟପକ୍ଷରେ ରାଜ୍ୟର ରେଳବାଇ ପକ୍ଷରୁ ରାଜ୍ୟ ଏବଂ ରାଜ୍ୟ ବାହାରୁ ଆସୁଥିବା ଶ୍ରଦ୍ଧାଳୁଙ୍କର ସୁବିଧା ପାଇଁ ରଥଯାତ୍ରାରେ ୩୭୦ ସ୍ୱତନ୍ତ୍ର ଟ୍ରେନ୍ ପରିଚାଳନା କରିବେ । ବଡ଼ଦାଣ୍ଡର ଦୁଇ ପାର୍ଶ୍ୱରେ ଅସ୍ଥାୟୀ ଚିକିତ୍ସା ଶିବିର ପ୍ରତିଷ୍ଠା କରାଯାଇବ । ସମୁଦ୍ରକୂଳରୁ ମଂଚତୀର୍ଥ ପୁଷ୍କରିଣୀରେ ରହିବେ ସ୍ୱତନ୍ତ୍ର ପୁଲିସ ଟିମ୍ ସହ ସେକ୍ୟୁ ଟିମ୍ । ରଥଯାତ୍ରା ସମନ୍ୱୟ ବୈଠକରେ ଆଇନ ମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନଙ୍କ ବ୍ୟତୀତ ସ୍ୱାସ୍ଥ୍ୟ ମନ୍ତ୍ରୀ ମୁକେଶ ମହାଲିଙ୍ଗ, ସଂସ୍କୃତି ମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜଙ୍କ ସହ ଶ୍ରୀମନ୍ଦିର ମୁଖ୍ୟ ପ୍ରଶାସକ ଅରବିନ୍ଦ ପାଢ଼ୀ ଓ ସୌମ୍ୟେନ୍ଦ୍ର ପ୍ରିୟଦର୍ଶୀ ଉପସ୍ଥିତ ଥିଲେ ।

ମନ୍ତ୍ରିମଣ୍ଡଳ ଅଦଳବଦଳ ଚର୍ଚ୍ଚା ମଧ୍ୟରେ ରାଷ୍ଟ୍ରପତିଙ୍କୁ ଭେଟିଲେ ପ୍ରଧାନମନ୍ତ୍ରୀ

ନୂଆଦିଲ୍ଲୀ, ୨୩/୬(ନ୍ୟୁ.ଏ): ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଆଜି ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁଙ୍କୁ ରାଷ୍ଟ୍ରପତି ଭବନରେ ଭେଟିଛନ୍ତି । କେନ୍ଦ୍ର ମନ୍ତ୍ରିମଣ୍ଡଳରେ ଅଦଳବଦଳ ଚର୍ଚ୍ଚା ମଧ୍ୟରେ ଆଜି ପ୍ରଧାନମନ୍ତ୍ରୀ ଏବଂ ରାଷ୍ଟ୍ରପତିଙ୍କ ସାକ୍ଷାତକୁ ଗୁରୁତ୍ୱପୂର୍ଣ୍ଣ ମନେ କରାଯାଉଛି । ପଦ୍ମ ପୁରସ୍କାର ପ୍ରଦାନ ଉତ୍ସବ ପରେ ମୋଦୀ ଆଜି ରାଷ୍ଟ୍ରପତିଙ୍କୁ ଭେଟିଛନ୍ତି ।ଉଲ୍ଲେଖଯୋଗ୍ୟ ଅନେକ କେନ୍ଦ୍ର ମନ୍ତ୍ରୀଙ୍କୁ ନିକଟରେ ବିଜେପିରେ ସାଂଗଠନିକ ଭୂମିକା ମିଳିବାପରେ ସମ୍ଭାବ୍ୟ ମନ୍ତ୍ରିମଣ୍ଡଳ ଅଦଳବଦଳ

ନେଇ ଚର୍ଚ୍ଚା ବଢ଼ିଛି । ମେ' ୨୮ ତାରିଖରେ ବିଜେପି ଜାତୀୟ ସଭାପତି ନିତିନ ନବୀନ କେନ୍ଦ୍ର ସଡ଼କ ପରିବହନ ଏବଂ ରାଜପଥ ରାଷ୍ଟ୍ର ମନ୍ତ୍ରୀ ହର୍ଷ ମଲହୋତ୍ରାଙ୍କୁ ଦଳର ଦିଲ୍ଲୀ ଶାଖା ମୁଖ୍ୟ ନିଯୁକ୍ତ କରିଥିଲେ । ସେହିପରି କେନ୍ଦ୍ର ଅର୍ଥ ବିଭାଗ ରାଷ୍ଟ୍ର ମନ୍ତ୍ରୀ ପଙ୍କଜ ଚୌଧୁରୀଙ୍କୁ ଗତବର୍ଷ ଡିସେମ୍ବରରେ ଉତ୍ତରପ୍ରଦେଶରେ ବିଜେପିର ସଭାପତି ନିଯୁକ୍ତ କରାଯାଇଥିଲା । ଆଜି ଦିନରେ ମଧ୍ୟ କେରଳର ବରିଷ୍ଠ ବିଜେପି ନେତା ଜର୍ଜ କୁରିଅନଙ୍କ ରାଜ୍ୟସଭା କାର୍ଯ୍ୟକାଳ ଶେଷ ହେବାପରେ ସେ ଇସ୍ତଫା ଦେଇଛନ୍ତି ଏବଂ ରାଷ୍ଟ୍ରପତି ମୁର୍ମୁ ତାଙ୍କ ଇସ୍ତଫାକୁ ଗ୍ରହଣ କରିଛନ୍ତି । ଏହି ଘଟଣା ପରେ ମନ୍ତ୍ରିମଣ୍ଡଳ ଅଦଳବଦଳ ଚର୍ଚ୍ଚା ଜୋର ଧରିଛି ।

ଚରଣ ହେମ୍ବ୍ରମ, ଶରତ କୁମାର ପାତ୍ର, ସୀମାଞ୍ଚଳ ପାତ୍ର ପାଇଲେ ପଦ୍ମଶ୍ରୀ

ନୂଆଦିଲ୍ଲୀ, ୨୩/୬(ନ୍ୟୁ.ଏ): ନୂଆଦିଲ୍ଲୀସ୍ଥିତ ରାଷ୍ଟ୍ରପତି ଭବନରେ ଆଜି ଦ୍ୱିତୀୟ ପର୍ଯ୍ୟାୟ ବେସାମରିକ ସମ୍ମାନ୍ଧନା ସମାରୋହ ଅନୁଷ୍ଠିତ ହୋଇଛି । ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁଙ୍କିନ୍ନ କ୍ଷେତ୍ରର ବିଶିଷ୍ଟ ବ୍ୟକ୍ତିବିଶେଷଙ୍କୁ ପଦ୍ମ ବିଭୂଷଣ, ପଦ୍ମଭୂଷଣ ଏବଂ ପଦ୍ମଶ୍ରୀ ପୁରସ୍କାର ପ୍ରଦାନ କରିଛନ୍ତି । ପୁରସ୍କାର ସମାରୋହରେ ଉପରାଷ୍ଟ୍ରପତି, ପ୍ରଧାନମନ୍ତ୍ରୀ, ସ୍ୱରାଷ୍ଟ୍ର ମନ୍ତ୍ରୀଙ୍କ ସମେତ ବହୁ ବିଶିଷ୍ଟ ବ୍ୟକ୍ତି ଉପସ୍ଥିତ ଥିଲେ । ଦୁଇ ଜଣଙ୍କୁ ପଦ୍ମ ବିଭୂଷଣ, ୭ ଜଣଙ୍କୁ ପଦ୍ମ ଭୂଷଣ ଏବଂ ୫୭ ଜଣଙ୍କୁ ପଦ୍ମଶ୍ରୀ ସମ୍ମାନ ପ୍ରଦାନ କରାଯାଇଛି । ଓଡ଼ିଶାରୁ ବିଶିଷ୍ଟ ସାନ୍ତାଳି ଶିକ୍ଷାବିତ୍ ଚରଣ ହେମ୍ବ୍ରମ, ଜ୍ଞାନପୀଠ ପୁରସ୍କାର ବିଜେତା ଶରତ କୁମାର ପାତ୍ର, ବର୍ଷୀୟାନ ପ୍ରସ୍ରାବ ନାଟକ କଳାକାର ସୀମାଂଚଳ ପାତ୍ର ରାଷ୍ଟ୍ରପତିଙ୍କ ଦ୍ୱାରା ପଦ୍ମଶ୍ରୀରେ ସମ୍ମାନିତ ହୋଇଛନ୍ତି । ୯ ଫେବୁଆରି ୧୯୫୨ ମସିହାରେ ମୟୂରଭଞ୍ଜିଲ୍ଲା ରାଇରଙ୍ଗପୁର ଅଂଚଳରେ ଜନ୍ମିତ ଶ୍ରୀ ଚରଣ ହେମ୍ବ୍ରମ ଜଣେ ସାନ୍ତାଳି (ଅଲ ଚିକି) ଶିକ୍ଷାବିତ୍ ତଥା ସଂସ୍କୃତିକ କର୍ମୀ, ଯିଏ ଓଡ଼ିଶାରେ ସାନ୍ତାଳି ଲାଷ୍ଟା, ସାହିତ୍ୟ ଓ ସଂସ୍କୃତିର ପ୍ରଚାରପ୍ରସାର ସହିତ ଏହାକୁ ସଂସ୍ଥାଗତ ରୂପ ଦେବାରେ ଉଲ୍ଲେଖନୀୟ ଅବଦାନ ଦେଇଛନ୍ତି । ଶ୍ରୀ ହେମ୍ବ୍ରମ ୧୯୯୨ ରୁ ୨୦୦୪ ପର୍ଯ୍ୟନ୍ତ ଏସବିସିଏ (ଓ), ରାଇରଙ୍ଗପୁର ଅଧ୍ୟାନରେ ଓଡ଼ିଶାର ସାନ୍ତାଳୀ ଶିକ୍ଷା ବୋର୍ଡର ସଚିବ ଭାବରେ କାର୍ଯ୍ୟ କରିଛନ୍ତି । ନିଜର କାର୍ଯ୍ୟକାଳ ମଧ୍ୟରେ ସେ ସାନ୍ତାଳି ଶିକ୍ଷାରେ ଏକ ପରିବର୍ତ୍ତନକାରୀ ଭୂମିକା ଗ୍ରହଣ କରିଛନ୍ତି ।

ଜଣେ ଶିକ୍ଷାବିତ୍ ତଥା ସାଂସ୍କୃତିକ କର୍ମୀ ଭାବେ ସେ ବିଭିନ୍ନ ଅଲ ଜରୁନ ଅସ୍ତ୍ର, ସାନ୍ତାଳ ଆଖଡ଼ା ଆଦି ପ୍ରତିଷ୍ଠା କରିଛନ୍ତି । ସର୍ବୋପରି, ସାନ୍ତାଳି ସାହିତ୍ୟ, ସଂଗୀତ, ନୃତ୍ୟ, ନାଟକ ଏବଂ ସାମାଜିକ ସେବା କ୍ଷେତ୍ରରେ ତାଙ୍କର ଉଲ୍ଲେଖନୀୟ ଭୂମିକା ରହିଛି । ଖ୍ୟାତନାମା ହସ୍ତତନ୍ତ୍ର ବୁଣାକାର ଶରତ କୁମାର ପାତ୍ର ପଦ୍ମଶ୍ରୀରେ ସମ୍ମାନିତ ହୋଇଛନ୍ତି । ଲଚ୍ଛୁତ ଶୌଳୀର ବୟନ ଲାଗି ପରିଚିତ ଶ୍ରୀ ପାତ୍ର 'ଦଶ-ଅବତାର' ଲଚ୍ଛୁଡ଼ଖାଣ୍ଡ, ଗୀତ ଗୋବିନ୍ଦ ପାଟ ଆଦି ବୁଣିବାରେ ବିଶେଷ ଦକ୍ଷତା ହାସଲ କରିଛନ୍ତି । ସେ ଅନେକ ବୁଣାକାରଙ୍କୁ ଲଚ୍ଛୁତ ବୟନର ତାଲିମ ଦେଇଛନ୍ତି । କଟକ ଜିଲ୍ଲା ନୂଆପାଟଣା ଗ୍ରାମରେ ୫ ଜୁନ୍ ୧୯୬୫ରେ ଜନ୍ମିତ ଶ୍ରୀ ପାତ୍ର କୌଣସି ଔପଚାରିକ ଶିକ୍ଷା ଗ୍ରହଣ କରିନଥିଲେ ମଧ୍ୟ ନିଜ ପିତାଙ୍କ ଠାରୁ ଲଚ୍ଛ ଏବଂ ଆଳକାରିକ ବସ୍ତ୍ର ବୟନର କଳା ଶିଖିଥିଲେ । ବିଭିନ୍ନ ଜଟିଳ ବୟନ ଶୈଳୀ ସମେତ ପ୍ରାକୃତିକ ସାମଗ୍ରୀ ବ୍ୟବହାର କରି ସେ ପ୍ରାୟ ୫୦ଟି ଲପଡ଼ା ଚାଙ୍ଗ ପ୍ରସ୍ତୁତ କରିଛନ୍ତି । ୨୦୦ବର୍ଷ ପୁରୁଣା ଲଚ୍ଛୁତ ବୁଣା କାରିଗରୀର ସଂରକ୍ଷଣରେ ତାଙ୍କର ମହତ୍ୱପୂର୍ଣ୍ଣ ଭୂମିକା ରହିଛି । ପୂର୍ବରୁ ସେ ଅନେକ ଜାତୀୟ ପୁରସ୍କାର ମଧ୍ୟ ହାସଲ କରିଛନ୍ତି । ପଦ୍ମଶ୍ରୀରେ ସମ୍ମାନିତ ସୀମାଂଚଳ ପାତ୍ର ଓଡ଼ିଶାର ଅନ୍ୟତମ ଅନ୍ୟ ଲୋକକଳା ପ୍ରଚାରକ ନାଟକ ଦୁନିଆର ଜଣେ କିମ୍ବଦନ୍ତୀ ବ୍ୟକ୍ତିତ୍ୱ । ଏହି ଅଭିନବ ସଂଗୀତ ଓ ମୁଖ ଆଧାରିତ ଲୋକ ନାଟ୍ୟ ପରମ୍ପରାର ବିକାଶ ଏବଂ ସଂରକ୍ଷଣରେ ସେ ମହତ୍ୱପୂର୍ଣ୍ଣ ଭୂମିକା ନିର୍ବାହ କରିଛନ୍ତି । ଯୁବପିଢ଼ିଙ୍କୁ ତାଲିମ ଦେବା ପାଇଁ ସେ ଅନେକ ଆଖଡ଼ା ପ୍ରତିଷ୍ଠା କରିଛନ୍ତି । ମାତ୍ର ସାତ ବର୍ଷ ବୟସରେ ସେ ଶବ୍ଦୀ ନାଟ ଶିଖିସାରିଲେ । ଏବେ ୯୮ ବର୍ଷ ବୟସରେ ମଧ୍ୟ ସେ ଏହି ସାଂସ୍କ

କାହା ମନରେ ସନ୍ତାପ ନ ଦେବା
ହେଉଛି ଅହିଂସା - ମହାତ୍ମା ଗାନ୍ଧୀ

ସେଇଠୁ ଆରମ୍ଭ
SEITHO ARAMBHA

ଧାମନଗର ଥାନା ପରିସରରେ ଶ୍ରୀ ଶ୍ରୀ ଆଖଣ୍ଡଳେଶ୍ୱର ମହାଦେବଙ୍କର ନୂତନ ମନ୍ଦିର ଓ ବିଗ୍ରହ ପ୍ରତିଷ୍ଠା ଉତ୍ସବ

ଧାମନଗର, ୨୩/୦୬ (ଆ.ପ୍ର) : ଧାମନଗର ଥାନା ପରିସରରେ ନୂତନ ଭାବେ ନିର୍ମିତ ଆଖଣ୍ଡଳେଶ୍ୱର ମହାଦେବଙ୍କ ମନ୍ଦିର ଓ ବିଗ୍ରହ ପ୍ରତିଷ୍ଠା ଉତ୍ସବ ଭକ୍ତିମୟ ପରିବେଶ ମଧ୍ୟରେ ଅନୁଷ୍ଠିତ ହୋଇଯାଇଛି । ଶନିବାରଠାରୁ ଆରମ୍ଭ ହୋଇଥିବା ଏହି ତିନିଦିନିଆ ଉତ୍ସବ ସୋମବାର ପୂର୍ଣ୍ଣାହୁତି ସହ ଉଦ୍‌ଯାପିତ ହୋଇଥିଲା । ଥାନା ଅଧିକାରୀ ଶୁଭ୍ରଜିତ ଦାଶ ଓ ତାଙ୍କ ପତ୍ନୀ ରଶ୍ମିତା ଦାଶ କର୍ତ୍ତା ଭାବେ ସମସ୍ତ ଧାର୍ମିକ କାର୍ଯ୍ୟ ସମ୍ପାଦନ କରିଥିଲେ । ପ୍ରଥମ ଦିନ ଅଧିବାସ, କଳସ ଶୋଭାଯାତ୍ରା ଓ ବିଭିନ୍ନ ବୈଦିକ ନୀତିକାନ୍ତି ଅନୁଷ୍ଠିତ ହୋଇଥିବାବେଳେ ଦ୍ୱିତୀୟ ଦିନ ହରିନାମ ସଙ୍କୀର୍ତ୍ତନ,ଭଜନ ଓ ବେଦମନ୍ତ୍ର ଧ୍ୱନି ମଧ୍ୟରେ ମନ୍ଦିର ଓ ବିଗ୍ରହ ପ୍ରତିଷ୍ଠା କରାଯାଇଥିଲା । ଶେଷଦିନ ଯଜ୍ଞ, ହୋମ, ପୂଜାର୍ଚ୍ଚନା ଓ ପୂର୍ଣ୍ଣାହୁତି ସହ ଉତ୍ସବର ସମାପନ ହୋଇଥିଲା । ମନ୍ଦିରର ମୁଖ୍ୟ ପୂଜକ ପଣ୍ଡିତ ବାମନ ଚରଣ ତ୍ରିପାଠୀ ଓ ପଣ୍ଡିତ ସନ୍ତୋଷ କୁମାର ତ୍ରିପାଠୀଙ୍କ ପୌରୋହିତ୍ୟରେ ସମସ୍ତ ବୈଦିକ କାର୍ଯ୍ୟ ସମ୍ପନ୍ନ ହୋଇଥିଲା । ପିତାମ୍ବର ଅଗସ୍ତି, ଅଭୟ ପଣ୍ଡା, କାର୍ତ୍ତିକ ଚନ୍ଦ୍ର ପଣ୍ଡା, ବିପ୍ଳବ ପଣ୍ଡା ଓ ବିଦ୍ୟାଧର ପଣ୍ଡା ପ୍ରମୁଖ ସହଯୋଗ କରିଥିଲେ । ପ୍ରତିଦିନ ସନ୍ଧ୍ୟାରେ ଆୟୋଜିତ ପ୍ରବଚନ ଓ ଭଜନ କାର୍ଯ୍ୟକ୍ରମରେ ଆଖପାଖ ଅଂଚଳରୁ ବହୁ ସଂଖ୍ୟକ ଶ୍ରଦ୍ଧାଳୁ ଯୋଗଦେଇଥିଲେ । ଏହି ନୂତନ ମନ୍ଦିର ପ୍ରତିଷ୍ଠା ଉତ୍ସବରେ ମାନ୍ୟବର ଉଚ୍ଚଶିକ୍ଷା ମନ୍ତ୍ରୀ ସୂର୍ଯ୍ୟବଂଶୀ ସୁରଜ, ପୂର୍ବତନ ବିଧାୟକ ମୁକ୍ତିକାନ୍ତ ମଣ୍ଡଳ, ଜିଲ୍ଲା ପରିଷଦ ଉପାଧ୍ୟକ୍ଷା ଟୁନିବାଳା ବିଶ୍ୱାଳ, ପୂର୍ବତନ ପଂଚାୟତ ସମିତି ଅଧ୍ୟକ୍ଷ ଅଶୋକ କୁମାର ନାୟକ, ବିନୋଦ ନାୟକ, ବିଜେଡି ନେତା ସଞ୍ଜୟ କୁମାର ଦାସ, ପ୍ରତାପ ସାମଲ, ସୁଶାନ୍ତ ରାଉତ, ନିତ୍ୟାନନ୍ଦ ଦାଶ, ସୂର୍ଯ୍ୟକାନ୍ତ ନାୟକ, ବିଜେପି ନେତା ଅଶୋକ ପ୍ରଧାନ, ଅରବିନ୍ଦ ପତି, କୈଳାସ ଚନ୍ଦ୍ର ମହାପାତ୍ର, ମନୋଜ ମଲ୍ଲିକ, ପ୍ରୀତମ ଦାସ, ପ୍ରଫୁଲ୍ଲ ପାତ୍ର, କଂଗ୍ରେସ ନେତା ସଞ୍ଜୟ କୁମାର ମିଶ୍ର, ପ୍ରମୋଦ ସ୍ୱାଇଁ, ବରିଷ୍ଠ ନାଗରିକ ପରିଷଦର କର୍ମକର୍ତ୍ତାଙ୍କ ସମେତ ବହୁ ବିଶିଷ୍ଟ ବ୍ୟକ୍ତି, ସମାଜସେବୀ ଓ ବୁଦ୍ଧିଜୀବୀ ସାମ୍ବାଦିକ ବନ୍ଧୁ ପ୍ରମୁଖ ଯୋଗଦେଇ ମହାଦେବଙ୍କ ଦର୍ଶନ କରି ଆଶୀର୍ବାଦ ଗ୍ରହଣ କରିଛନ୍ତି । ସନ୍ଧ୍ୟାରେ ଭଦ୍ରକ ଏଏସପି ଅଂଶୁମାନ ଦ୍ୱିବେଦୀ, ଅରୂପ ଅଭିଷେକ ବେହେରା, ପଡୋଶୀ ଜିଲ୍ଲା ଯାଜପୁର ଏଏସ୍‌ପି ପୁଷ୍ପାଲତା ବାରିକ, ଏସଡିପିଓ ବିଷ୍ଣୁ ଚରଣ ବାରିକ, ତହସିଲଦାର ଜ୍ଞାନରଞ୍ଜନ ସାହୁ, ବିଡିଓ ବନବିହାରୀ ବିନ୍ଧାଣୀ, ଏନଏସି କାର୍ଯ୍ୟନିର୍ବାହୀ ଅଧିକାରୀ ସନ୍ତୋଷ କୁମାର ନାୟକ, ଭଣ୍ଡାରିପୋଖରୀ ଆଇଆଇସି ରାଜଲକ୍ଷ୍ମୀ ନାୟକ, ପୁରୁଣା ବଜାର ଥାନା ଆଇଆଇସି ଏବଂ ସାଇବର ଥାନା ଅଧିକାରୀ, ବିଦ୍ୟୁତ ବିଭାଗ କନିଷ୍ଠ ଯନ୍ତ୍ରୀ ସ୍ୱାଗତ ନନ୍ଦି ପ୍ରମୁଖ ଯୋଗ ଦେଇ ଦର୍ଶନ କରି ଆଶୀର୍ବାଦ ଗ୍ରହଣ କରିଥିଲେ । ଏସଆଇ ନାରାୟଣ ନାୟକ, ରସ୍ମିତା ମଲ୍ଲିକ, ମହେଶ୍ୱର ପ୍ରଧାନ, ଏଏସଆଇ ସୁଜିତ ରାଉତ, ନରେନ୍ଦ୍ର ରାଉତ, କଳ୍ପନା ରାଉତ, ସୁନିତା ହେମ୍ବ୍ରମ, କନେଷ୍ଟବଳ ନିଳମଣି ବିଶ୍ୱାଳ ଓ ଅନ୍ୟ କର୍ମଚାରୀ ଉପସ୍ଥିତ ରହି କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିବା ବେଳେ ଥାନା ତରଫରୁ ସମସ୍ତଙ୍କ ପ୍ରସାଦ ବ୍ୟବସ୍ଥା କରାଯାଇଥିଲା ।

ଗଜପତିର ମହେନ୍ଦ୍ରତନୟା ଆଶ୍ରମ ସ୍କୁଲ କେନ୍ଦ୍ର ଶିକ୍ଷା ମନ୍ତ୍ରଣାଳୟ ଦ୍ୱାରା ସମ୍ମାନିତ

ପାରଳାଖେମୁଣ୍ଡି, ୨୩/୦୬ (ଆ.ପ୍ର) : ଗଜପତି ଜିଲ୍ଲା ରାୟଗଡ଼ ବ୍ଲକ ଅଧିନସ୍ଥ ଅଗ୍ରଣୀ ସ୍ୱେଚ୍ଛାସେବୀ ସଂଗଠନ ଗ୍ରାମବିକାଶ ଦ୍ୱାରା ପରିଚାଳିତ ମହେନ୍ଦ୍ରତନୟା ଆଶ୍ରମ ସ୍କୁଲକୁ କେନ୍ଦ୍ର ଶିକ୍ଷା ମନ୍ତ୍ରଣାଳୟ ଦ୍ୱାରା ସମ୍ମାନିତ ଘୋଷଣା କରାଯାଇଛି । ଓଡିଶାର ୧୦ଟି ପ୍ରମୁଖ ବିଦ୍ୟାଳୟ ମଧ୍ୟରୁ ଗଜପତିର ଏହି ବିଦ୍ୟାଳୟକୁ ଏସ୍‌ଏଚ୍‌ଭିଆର (ସ୍ୱଚ୍ଛ ହରିତ୍ ବିଦ୍ୟାଳୟ ରାଂକିଂ)ଦ୍ୱାରା ଘୋଷିତ କରାଯାଇଛି । ବିଦ୍ୟାଳୟର ପାରିପାର୍ଶ୍ୱିକ ବିକାଶ ତଥା ପ୍ରମୁଖ ସୂଚକ ମଧ୍ୟରେ ପରିବେଶ ସଫାସୁତୁରା, ଉତ୍ତମ ସ୍ୱାସ୍ଥ୍ୟରକ୍ଷା, ପରିମଳ ସୁବ୍ୟବସ୍ଥା, ଉତ୍ତମ ଜଳ ସଂରକ୍ଷଣ ବ୍ୟବସ୍ଥା, ବର୍ଜ୍ୟବସ୍ତୁର ସୁପରିଚାଳନା ଏବଂ ବିଦ୍ୟାଳୟ ପରିବେଶକୁ ସବୁଜିମା କରିବାରେ ସଫଳ ହୋଇଛନ୍ତି । ଏଥିପାଇଁ ଏକ ସ୍ୱତନ୍ତ୍ର ସମାବେଶରେ ସଫଳତାର ସାର୍ଟିଫିକେଟ ସହ ୧ ଲକ୍ଷ ଟଙ୍କାର ଆର୍ଥିକ ରାଶି ଉକ୍ତ ବିଦ୍ୟାଳୟର ପ୍ରଧାନଶିକ୍ଷକ ପ୍ରକାଶ ଜେନାଙ୍କୁ ପ୍ରଦାନ କରାଯିବ । ଏହି ବିରଳ ସଫଳତା ପାଇଁ ଗଜପତି ଜିଲ୍ଲା ଶିକ୍ଷା ଅଧିକାରୀ ଡ.ମାୟାଧର ସାହୁ ଉକ୍ତ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ପ୍ରକାଶ ଜେନା ତଥା ସମସ୍ତ ଶିକ୍ଷକ/ଶିକ୍ଷୟିତ୍ରୀ ଓ ଛାତ୍ରଛାତ୍ରୀ ମାନଙ୍କୁ ଶୁଭେଚ୍ଛା ଜଣାଇଛନ୍ତି ।

ବାସୁଦେବପୁର ପୌରପାଳିକାର ବିଭିନ୍ନ ସମସ୍ୟା ନେଇ ଇଓଙ୍କୁ ଭେଟିଲେ ପୂର୍ବତନ ବିଧାୟକ ବିଷ୍ଣୁବ୍ରତ ରାଉତରାୟ

ବାସୁଦେବପୁର, ୨୩/୦୬ (ଆ.ପ୍ର) : ବାସୁଦେବପୁର ପୌରପାଳିକାର ବିଭିନ୍ନ ସମସ୍ୟାକୁ ନେଇ ପୂର୍ବତନ ବିଧାୟକ ବିଷ୍ଣୁବ୍ରତ ରାଉତରାୟଙ୍କ ନେତୃତ୍ୱରେ ବିଜୁ ଜନତା ଦଳର ପାରିଷଦ ଓ କର୍ମୀମାନେ ପୌରପାଳିକା କାର୍ଯ୍ୟନିର୍ବାହୀ ଅଧିକାରୀଙ୍କୁ ଭେଟି ଆଲୋଚନା କରିଛନ୍ତି । ପୌରାଂଚଳରେ ଭତ୍ତା, ରାସନ କାର୍ଡ, ଷ୍ଟ୍ରିଟ୍ ଲାଇଟ୍, ରାସ୍ତା ଓ ଅନ୍ୟାନ୍ୟ ମୌଳିକ ସମସ୍ୟାର ସମାଧାନ ଦାବି କରି ଆଲୋଚନା କରାଯାଇଥିଲା । ଦୀର୍ଘ ଦିନ ଧରି ପୌରପାଳିକାରେ ଉନ୍ନୟନମୂଳକ କାର୍ଯ୍ୟ ହେଉନଥିବା ଅଭିଯୋଗ କରିଥିଲେ ବିଜେଡି ନେତାମାନେ । ଯଦି ଆଗାମୀ ଦିନରେ ସମସ୍ୟାର ସମାଧାନ କରାନଯାଏ, ତେବେ ବାସୁଦେବପୁର ବିଜୁ ଜନତା ଦଳ ପକ୍ଷରୁ ପୌରପାଳିକା ସମ୍ମୁଖରେ ଧାରଣା ଦିଆଯିବ ବୋଲି ପୂର୍ବତନ ବିଧାୟକ ଚେତାବନୀ ଦେଇଛନ୍ତି । ଏଥିରେ ଯୋଗ ଦାନ କରି ଥିଲେ ପୂର୍ବତନ ବିଧାୟକ ବିଷ୍ଣୁବ୍ରତ ରାଉତରାୟ, ବିଜେଡି ଦଳର ବ୍ଲକ ସଭାପତି ଦୀନବନ୍ଧୁ ଦାସ, ପୌରପାଳିକା ସଭାପତି ଶ୍ୟାମ ସୁନ୍ଦର ମହାନ୍ତି, ଉପଅଧ୍ୟକ୍ଷା ଉତ୍ତମ ବାରିକଙ୍କ ସମେତ ବହୁ ପାରିଷଦ ଓ ଦଳୀୟ କର୍ମୀ ଉପସ୍ଥିତ ରହି ଜନସାଧାରଣଙ୍କ ବିଭିନ୍ନ ସମସ୍ୟା ଉପରେ ଆଲୋଚନା କରିଥିଲେ । ଏହି ଅବସରରେ ପାରିଷଦ ଶୁଭେନ୍ଦୁ ପୁଷ୍ଟି, କୁନ୍ତଳା ସେଠୀ, ମାନସୀ ବେହେରା, ଲକ୍ଷ୍ମୀଧର ପ୍ରଧାନ, ଚନ୍ଦନ ସେନ୍, ଅଞ୍ଜୁମନ ବିବି, ବିଜୟ ନାୟକ, ଶଶିଭୂଷଣ ବାରିକ, କାହ୍ନୀ ସାହୁ, ପ୍ରଫୁଲ୍ଲ କୁମାର ପଟ୍ଟନାୟକ, ଶରତ କୁମାର ବାରିକ, ଶାରଦା ମହାନ୍ତିଙ୍କ ସମେତ ବହୁ ବିଜେଡି କର୍ମୀ ଓ କର୍ତ୍ତା ଉପସ୍ଥିତ ଥିଲେ । ଜନସାଧାରଣଙ୍କ ମୌଳିକ ସମସ୍ୟାର ସମାଧାନ ପାଇଁ ପ୍ରଶାସନ ତ୍ୱରିତ ପଦକ୍ଷେପ ନେବାକୁ ଦାବି କରିଛି ବିଜୁ ଜନତା ଦଳ ।

ଭାରସାମ୍ୟ ହରାଇ ହାଇୱା ଦୁର୍ଘଟଣା, ଖଲାସୀ ଡ୍ରାଇଭର ମୃତ

ବଣାଇ, ୨୩/୦୬ (ଆ.ପ୍ର) : ସୁନ୍ଦରଗଡ଼ ଜିଲ୍ଲା ବଣାଇ ବ୍ଲକ ଅନ୍ତର୍ଗତ ଟିକାୟତ ପାଲି ଥାନା ଅନ୍ତର୍ଗତ ସରସରା ବଲାଙ୍ଗ ଘାଟିରେ ଆଜି ଦିନ ୧ଟା ସମୟରେ ଏକ ଅଭାବନୀୟ ଘଟଣା ଦେଖିବାକୁ ମିଳିଛି । ଘଟଣାରୁ ପ୍ରକାଶ ଯେ ଏକ ଟିପ୍ପର ବୋଝେଇ ହାଇୱା (ନମ୍ବର ଓଡି ୨୩ୟୁ ୪୫୬୩) କୁଟିଣ୍ଡାରୁ ରାଜାମୁଣ୍ଡା ଯାଉଥିବା ସମୟରେ ସରସରା ଘାଟି ତଳେ ଭାରସାମ୍ୟ ହରାଇ ଓଲଟି ପଡିଥିଲା ଫଳରେ ସୁନ୍ଦରଗଡ଼, ବଡ଼ଗାଁ ସ୍ଥିତ ଭାଲୁମୁଣ୍ଡା ଗ୍ରାମର ଖଲାସି ଦେବାଶିଷ ଏକ୍କା (୩୦) ଗାଡି ତଳେ ଚାପି ହୋଇ ମୃତ୍ୟୁ ହୋଇ ଯାଇଥିବା ବେଳେ ହେମଗିରି ନିବାସୀ ଡ୍ରାଇଭର ସୁମନ୍ତ ମାଝି (୨୯) ଗୁରୁତର ହୋଇଥିବା ବେଳେ ସ୍ଥାନୀୟ ଲୋକେ ତାଙ୍କୁ ତୁରନ୍ତ ସେଠାରୁ ରାଉରକେଲା ଚିକିତ୍ସାଳୟକୁ ଅଧିକ ଚିକିତ୍ସା ପାଇଁ ପଠାଇଥିଲେ କିନ୍ତୁ ଅଧିକ ଗୁରୁତ୍ୱ ଥିବାରୁ ଡ୍ରାଇଭର ମଧ୍ୟ ରାଉରକେଲା ଡାକ୍ତରଖାନାରେ ମୃତ୍ୟୁ ହୋଇଯାଇଥିବା ପୋଲିସ ସୂତ୍ରରୁ ଜଣାପଡିଛି । ଖଲାସୀର ମୃତ ଦେହ ବଣାଇ ଉପଖଣ୍ଡ ଚିକିତ୍ସାଳୟକୁ ଶବ ବ୍ୟବଚ୍ଛେଦ କରିବା ପାଇଁ ପଠାଯାଇଥିବା ଜଣାପଡିଛି । ଟିକାୟତ ପାଲି ପୋଲିସ ଏକ ଅପମୃତ୍ୟୁ ମାମଲା ରୁଜୁ କରି ଘଟଣାର ତଦନ୍ତ କରୁଥିବା ଜଣାପଡିଛି ।

ସରକାରଙ୍କ ଦୁଇବର୍ଷ ପୂର୍ତ୍ତି ଉପଲକ୍ଷେ ପଂଚାୟତ ସମିତି ସ୍ତରୀୟ କାର୍ଯ୍ୟକ୍ରମ

ଟାଙ୍ଗୀ ଚୌଦ୍ୱାର, ୨୩/୦୬ (ଆ.ପ୍ର) : ରାଜ୍ୟ ସରକାରଙ୍କ ଦୁଇବର୍ଷ ପୂର୍ତ୍ତି ଅବସରରେ ପଂଚାୟତ ସମିତିସ୍ତରୀୟ ୪ ଦିନିଆ କାର୍ଯ୍ୟକ୍ରମ 'ବିକାଶର ଧାରା ଓଡ଼ିଶା ସାରା' ଶୁକ୍ରବାର ଠାରୁ ଆରମ୍ଭ ହୋଇ ସୋମବାର ଶେଷ ହୋଇଛି । ଏହି କ୍ରମରେ ଟାଙ୍ଗୀ-ଚୌଦ୍ୱାର ପଂଚାୟତ ସମିତି ପକ୍ଷରୁ ଟାଙ୍ଗୀ ବ୍ଲକ କାର୍ଯ୍ୟାଳୟ ପରିସରରେ କାର୍ଯ୍ୟକ୍ରମ ଆୟୋଜିତ ହୋଇଛି । ବିକଶିତ ଗ୍ରାମ ବିକଶିତ ଓଡ଼ିଶା ଯୋଜନାରେ ୨୩୦ ଗୋଟି ପ୍ରକଳ୍ପ ନିମନ୍ତେ ୯.୭୯ କୋଟି ଓ ମୁଖ୍ୟମନ୍ତ୍ରୀ ସ୍ୱତନ୍ତ୍ର ସହାୟତା ଯୋଜନାରେ ୨୧ ଗୋଟି ପ୍ରକଳ୍ପ ନିମନ୍ତେ ୬୧.୫୦ ଲକ୍ଷ ଟଙ୍କା ପ୍ରଦାନ କରାଯାଇଥିବାବେଳେ ସାମାଜିକ ସୁରକ୍ଷା ଓ ଭିନ୍ନକ୍ଷମ ସଶକ୍ତିକରଣ ବିଭାଗ ପକ୍ଷରୁ ୨୪୫୪ ଜଣଙ୍କୁ ନୂତନ ଏବଂ ବର୍ଦ୍ଧିତ ଭତ୍ତା, ବାଣିଶ୍ରୀ ଯୋଜନାରେ ୧୩:୫ ଜଣଙ୍କୁ ସହାୟତା ଓ ଭୀମଭୋଇ ଭିନ୍ନକ୍ଷମ ଶିବିର ମାଧ୍ୟମରେ ୮୯୯ଜଣଙ୍କୁ ଦିବ୍ୟାଙ୍ଗ ପ୍ରମାଣପତ୍ର ପ୍ରଦାନ କରାଯାଇଥିଲା । ବିଡିଓ ଏନ୍‌ଏନ୍ ରାଜଲକ୍ଷ୍ମୀ ଓଝାଙ୍କ ପୌରୋହିତ୍ୟରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଅତିଥିଭାବେ ପଂଚାୟତ ସମିତି ଅଧ୍ୟକ୍ଷା ମୀନାକ୍ଷୀ ଦାସ, ଉପାଧ୍ୟକ୍ଷା ସୁପ୍ରିୟା ଜେଠୀ, କେନ୍ଦ୍ରାପଡ଼ା ସାଂସଦ ଙ୍କ ପ୍ରତିନିଧି ଦେବାଶିଷ ସ୍ୱାଇଁ, କଟକ ସାଂସଦ ପ୍ରତିନିଧି ଚିତରଞ୍ଜନ ମଲ୍ଲିକ, ଚୌଦ୍ୱାର-କଟକ ବିଧାୟକ ପ୍ରତିନିଧି ତାର୍ଥାନନ୍ଦ ସୁବୁଦ୍ଧିରାୟ ସରପଂଚ ନିବାସ ଚନ୍ଦ୍ର ପାଣ୍ଡବ ଓ ସାମାଜିକ କର୍ମୀ ତ୍ରିନାଥ ମଲ୍ଲିକ ପ୍ରମୁଖ ଯୋଗ ଦେଇଥିଲେ । ଦ୍ୱିତୀୟ ଦିବସରେ କୃଷି, ଉଦ୍ୟାନ କୃଷି, ମତ୍ସ୍ୟ ଓ ପଶୁ ସମ୍ପଦ ବିକାଶ ସଂକ୍ରାନ୍ତ ବିଭିନ୍ନ ଯୋଜନାର ରୂପାୟନ ଉପରେ ଜନସାଧାରଣଙ୍କୁ ଅବଗତ କରାଯାଇଥିଲା । କାର୍ଯ୍ୟକ୍ରମରେ ସାଂସଦଙ୍କ ପ୍ରତିନିଧି ଚୌଧୁରୀ ହେମନ୍ତ କୁମାର ସାହୁ, 'ଆତ୍ମା'ର ଅଧ୍ୟକ୍ଷ ଲକ୍ଷ୍ମଣ କୁମାର ସାହୁ ସମ୍ମାନିତ ଅତିଥି ଭାବରେ ଯୋଗଦେଇ ସମୃଦ୍ଧ ଓଡ଼ିଶା ଗଠନ କ୍ରମରେ ଆସନ୍ତା ଏକ ଦଶନ୍ଧି ଭିତରେ ରାଜ୍ୟର ସାମାଜିକ ଓ ଅର୍ଥନୈତିକ ବିକାଶ ଦିଗରେ ସରକାରଙ୍କ ପରିକଳ୍ପନା ଓ ପ୍ରତିବଦ୍ଧତା ଉପରେ ଆଲୋକପାତ କରିଥିଲେ । କୃଷି ବିଭାଗର ଅଧିକାରୀ ରାଜଶ୍ରୀ ସାହୁ, ମତ୍ସ୍ୟ ବିଭାଗର ଅଧିକାରୀ ମୋନାଲିସା ପରିଡ଼ା, ଗୋପାଳନ ଓ ପଶୁ ସମ୍ପଦ ବିଭାଗର ଚିକିତ୍ସାଧିକାରୀ ସୁଧନ୍ୟା ନାଥ ପ୍ରମୁଖ ସେମାନଙ୍କ ବିଭାଗର କାର୍ଯ୍ୟଧାରା ଉପରେ ବିସ୍ତୃତ ସୂଚନା ପ୍ରଦାନ କରିଥିଲେ । ବିଭିନ୍ନ ବିଭାଗର କର୍ମଚାରୀ କାର୍ଯ୍ୟକ୍ରମରେ ଯୋଗଦେଇଥିଲେ । ଅତିରିକ୍ତ ବିଡିଓ ଶାଶ୍ୱତ କୁମାର ଜେନା ଓ ମୁଖ୍ୟ କିରାଣି ସୁଶାନ୍ତ ପାଣ୍ଡଙ୍କ ସମେତ ବିଭିନ୍ନ ବିଭାଗର ଅଧିକାରୀ କାର୍ଯ୍ୟକ୍ରମ ପରିଚାଳନାରେ ସହାୟତା କରିଥିଲେ । ଅନ୍ତିମ ଦିବସରେ ଚାଷୀମାନଙ୍କୁ ଚେକ ପ୍ରଦାନ କରାଯାଇଥିଲା

ଆରୁହା ପଂଚାୟତରେ 'ବିକାଶ ଧାରା ଓଡ଼ିଶା ସାରା', ସରକାରୀ ଯୋଜନା ଓ ଉନ୍ନୟନ ଉପରେ ଆଲୋଚନା

ବାସୁଦେବପୁର, ୨୩/୦୬ (ଆ.ପ୍ର) : ରାଜ୍ୟ ସରକାରଙ୍କ ଦୁଇ ବର୍ଷ ପୂର୍ତ୍ତି ଅବସରରେ ଭଦ୍ରକ ଜିଲ୍ଲା ବାସୁଦେବପୁର ବ୍ଲକ ଅନ୍ତର୍ଗତ ଆରୁହା ଗ୍ରାମ ପଂଚାୟତରେ ଅନୁଷ୍ଠିତ ହୋଇଛି 'ବିକାଶ ଧାରା ଓଡ଼ିଶା ସାରା' କାର୍ଯ୍ୟକ୍ରମ । ସରକାରଙ୍କ ବିଭିନ୍ନ ଜନକଲ୍ୟାଣମୂଳକ ଯୋଜନା, ଉନ୍ନୟନମୂଳକ କାର୍ଯ୍ୟ ଓ ଏହାର ସୁଫଳ ସମ୍ପର୍କରେ ଏହି ଅବସରରେ ଆଲୋଚନା କରାଯାଇଛି । ରାଜ୍ୟ ସରକାରଙ୍କ ଦୁଇ ବର୍ଷର ସଫଳତା ଓ ବିକାଶର ବାର୍ତ୍ତାକୁ ନେଇ ବାସୁଦେବପୁର ବ୍ଲକର ଆରୁହା ଗ୍ରାମ ପଂଚାୟତରେ ଆୟୋଜିତ ହୋଇଥିଲା 'ବିକାଶ ଧାରା ଓଡ଼ିଶା ସାରା' କାର୍ଯ୍ୟକ୍ରମ । ଏହି କାର୍ଯ୍ୟକ୍ରମରେ ଗ୍ରାମାଂଚଳରେ କାର୍ଯ୍ୟକାରୀ ହେଉଥିବା ବିଭିନ୍ନ ସରକାରୀ ଯୋଜନା, ଲୋକଙ୍କ ପାଇଁ ମିଳୁଥିବା ସୁବିଧା ଏବଂ ଆଗାମୀ ଉନ୍ନୟନ ଯୋଜନା ଉପରେ ଆଲୋଚନା ହୋଇଥିଲା । କାର୍ଯ୍ୟକ୍ରମରେ ଆରୁହା ଗ୍ରାମ ପଂଚାୟତର ସରପଂଚ ରାଜେନ୍ଦ୍ର କୁମାର ସାହୁ, ସମିତି ସଭ୍ୟ ସୁରେନ୍ଦ୍ର ପ୍ରସାଦ ବେଜ, ସଞ୍ଜୟ କୁମାର ରାଉତ, ସୁରସ୍ମିତା ବାଗ, ଗୁରୁଚରଣ ନାୟକ, ସନ୍ଧ୍ୟା ରାଣୀ ସାହୁ, ମୀନାରାଣୀ ସାହୁ, ସନ୍ତୋଷ କୁମାର ସେନାପତିଙ୍କ ସମେତ ଅନ୍ୟାନ୍ୟ ଅତିଥି, ଗୋଷ୍ଠୀ ସହାୟିକା ଓ ବହୁ ସଂଖ୍ୟକ ଗ୍ରାମବାସୀ ଯୋଗ ଦେଇଥିଲେ । ଉପସ୍ଥିତ ଅତିଥିମାନେ ସରକାରୀ ଯୋଜନାର କାର୍ଯ୍ୟକାରିତା ଓ ଗ୍ରାମାଂଚଳରେ ଏହାର ପ୍ରଭାବ ସମ୍ପର୍କରେ ନିଜ ମତ ରଖିଥିଲେ । ଏହି କାର୍ଯ୍ୟକ୍ରମରେ ଅଙ୍ଗନୱାଡି କର୍ମୀମାନଙ୍କୁ ମୋବାଇଲ୍ ବଂଟନ, ବିନ୍ଧକ୍ଷେମ ମାନଙ୍କୁ ଉର୍ଡ଼ା ବଂଟନ, ସେହିପରି ଗ୍ରାମବାସୀମାନେ ମଧ୍ୟ ବିଭିନ୍ନ ଯୋଜନାରୁ ପାଉଥିବା ସୁବିଧା ନେଇ ନିଜ ଅନୁଭୂତି ପ୍ରକାଶ କରିଥିଲେ । ବିକାଶର ବାର୍ତ୍ତାକୁ ନେଇ ଆୟୋଜିତ ଏହି କାର୍ଯ୍ୟକ୍ରମ ଗ୍ରାମାଂଚଳରେ ସରକାରୀ ଯୋଜନା ସମ୍ପର୍କରେ ସଚେତନତା ବୃଦ୍ଧି କରିବାରେ ସହାୟକ ହୋଇଛି ।

ବିକାଶ ଧାରା ଓଡିଶା ସାରାର ଚତୁର୍ଥଦିନର କାର୍ଯ୍ୟକ୍ରମ ଅନୁଷ୍ଠିତ

ପାପଡାହାଣ୍ଡି, ୨୩/୦୬ (ଆ.ପ୍ର) : ପାପଡାହାଣ୍ଡି ବ୍ଲକ ପରିସରରେ ବିକାଶ ଧାରା ଓଡିଶା ସାରା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ଚତୁର୍ଥ ଦିନ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥିଭାବେ ଉପାଧ୍ୟକ୍ଷ ସୁଶାନ୍ତ କୁମାର ବେହେରା, ଗୋଷ୍ଠୀ ଉନ୍ନୟନ ଅଧିକାରୀ କପିଳଦେବ ସାହୁ, ଜିପିଓ କମଳେନ୍ଦୁ ଦାସ, ବିଏସଏସ ଓ ସୁବ୍ରତ କିଷାନ, ତରୁଣ ଓ ଦେବବ୍ରତ ପରିଡା, ବିଏଲସି ସନ୍ଧ୍ୟାରାଣୀ ବିଷୋୟୀ, ଜେଇ ବାପୁଜୀ ନାୟକ, ଜେଇ ବିପିନି ତ୍ରିପାଠୀ, ଏମଆଇ ସିପ୍ରା ସାମଲ, ୱାର୍ଡ ସଭ୍ୟ ଗଙ୍ଗାଧର ନାୟକ, ବିପିସିଆରଏଚ ଜମ୍ବାମହେଶ୍ୱରୀ, ଗିରିଜା ଦଳେଇ, ତ୍ରିନାଥ ଅମାନାତ୍ୟ ପ୍ରଭୃତି ଉପସ୍ଥିତ ରହି, ପାଂଚ ଜଣ ହିତାଧିକାରୀଙ୍କୁ ଶ୍ରମକାର୍ଡ, ଷାଠିଏ ଜଣଙ୍କୁ ରାସନ କାର୍ଡ, ଓ ପ୍ରଧାନମନ୍ତ୍ରୀ ଆବାସ ଯୋଜନା ଛଅ ଜଣଙ୍କୁ ଦିଆଗଲା । ବିପିଏମ ସୁଧାଂଶୁ ବିଶ୍ୱାଳ ମଂଚ ପରିଚାଳନା କରିଥିଲେ ଶେଷରେ ଧନ୍ୟବାଦ ଦେଇ ସଭା ସାଙ୍ଗ କରାଗଲା

ଶ୍ରୀକ୍ଷେତ୍ର ଯିବ ଅଣସର ଫଳଭାର ପ୍ରାଚୀ ତଟ ଚଳ ଚଂଚଳ

ନିମାପଡ଼ା, ୨୩/୦୬ (ଆ.ପ୍ର) : ଦେବସ୍ନାନ ପୂର୍ଣ୍ଣିମା ର ମହାସ୍ନାନ ପରେ ଚତୁର୍ଦ୍ଧାମୂର୍ତ୍ତି ମନ୍ଦିର ଅଣସର ପିଣ୍ଡିରେ ଜ୍ୱର ଉପଚାର ରେ ଅଛନ୍ତି । ଠାକୁରଙ୍କ ଜ୍ୱର ପଥ୍ୟ ସଂଗ୍ରହ ପାଇଁ ତାଙ୍କ ବନଯାଗ ଲୀଳା ସ୍ଥଳୀ ପ୍ରାଚୀ ନଦୀ ତଟ ଚଳ ଚଂଚଳ ହୋଇ ଉଠିଛି । ସ୍ୱାଦିଷ୍ଟ ଫଳ ସମ୍ଭାର, ବନୋଷଧି ସମ୍ଭାର ଯୋଗାଡ଼ରେ ଭକ୍ତମାନେ ଲାଗି ପଡିଛନ୍ତି । ପ୍ରାଚୀ ବନାନୀର ବିଲୟ ହେତୁ ଏ ଦେବ ବିଧି ଦୀର୍ଘ ବର୍ଷ ଧରି ବନ୍ଦ ରହିବା ପରେ ୧୯୯୨ ମସିହାରୁ ପ୍ରାଚୀ ସଂସ୍କୃତି ସୁରକ୍ଷା ପରିଷଦ ପୁନଃ ପ୍ରଚଳନ କରିଛି । ପରିଷଦର ଆବାହକ ପଣ୍ଡିତ ତ୍ରିଲୋଚନ ମିଶ୍ରଙ୍କ ଉଦ୍ୟମରେ ପ୍ରାଚୀ ତଟ ଭକ୍ତଙ୍କ ବାଡ଼ି ଫଳ ଶ୍ୱେତ ପଦ୍ମ ଫୁଲ, ବାନୋଷଧି, ମଙ୍ଗଳ ବାଦ୍ୟ ମଙ୍ଗଳ ଧ୍ୱନି ମଧ୍ୟରେ ନାମ ସଙ୍କୀର୍ତ୍ତନ ସହ ଶ୍ରୀ କ୍ଷେତ୍ର ଯିବା ବିଧି ପାଳିତ ହେଉଛି । ପ୍ରାଚୀ ତଟର ମଠ, ମନ୍ଦିର ଭକ୍ତ ତଥା ପ୍ରକୃତି ମିତ୍ର ସମ୍ମାନ ପାଇଥିବା ଚାରି ଛକ ପ୍ରେସ କ୍ଲବ୍‌ର ସଦସ୍ୟମାନେ ଏ ଦେବ କାର୍ଯ୍ୟରେ ସାମିଲି ହୋଇଛନ୍ତି । ଚଳିତ ବର୍ଷ ପର୍ଯ୍ୟାୟ କ୍ରମେ ପ୍ରାଚୀ ତଟର ଦେଉଳି ମଠ ମହାପ୍ରଭୁଙ୍କ ମାମୁଁ ଘର ମାଧବ ମନ୍ଦିରରୁ ଓ ବିଶ୍ୱାମିତ୍ର ମଠରୁ ଅଣସର ଫଳ ଭାର ଯାଉଅଛି । ପ୍ରାଚୀ ତଟ ବିଶ୍ୱାମିତ୍ର ମଠରୁ ଅଣସର ଫଳ ସମ୍ଭାର ସଙ୍କୀର୍ତ୍ତନ ମଣ୍ଡଳୀ ସହ ଶ୍ରୀକ୍ଷେତ୍ର ଅଭିମୁଖେ ଗମନ କରିବେ । ଏ ଦେବ କାର୍ଯ୍ୟରେ ସଂପୃକ୍ତ ହେବାକୁ ଚାହୁଁଥିବା ବ୍ୟକ୍ତି ବିଶେଷ ଓ ସଂଗଠନର କର୍ମକର୍ତ୍ତାମାନେ ପଣ୍ଡିତ ତ୍ରିଲୋଚନ ମିଶ୍ରଙ୍କ ସହିତ ଯୋଗାଯୋଗ କରିବାକୁ ସେ ନିବେଦନ କରିଛନ୍ତି ।

ସୁନା ବନ୍ଧା ଦେଇ ତୁଣ୍ଡ ଖୋଲିବାରୁ ଗଲା ମୁଣ୍ଡ

ହାଟଡିହି, ୨୩/୦୬ (ଆ.ପ୍ର) : ସୁନା ବନ୍ଧା ପକାଇ ଟଙ୍କା ନେଇଥିବାବେଳେ ଏବେ ସୁଧ ମୂଳ ସହ ଦେବି ମୋ ସୁନା ଦିଅ କହିବାରୁ ହେଲା କାଳ । ଏପରି ଏକ ଘଟଣା ଦେଖିବାକୁ ମିଳିଛି ହାଟଡିହି ବ୍ଲକ ବଡ ଉମ୍ପାସ ପଂଚାୟତର ନୂଆ ଉମ୍ପାସ୍ ଗାଁରେ । ସୂଚନା ଅନୁଯାୟୀ ସୁନା ବନ୍ଧା ପକାଇବା ଘଟଣାକୁ ଗଣ୍ଡଗୋଳ । ପୂର୍ବରୁ ବିଶ୍ୱ ଓଝା ନିଜର ପତ୍ନୀର ସୁନା ଗହଣାକୁ ସେହି ଗାଁର ହରିହର ପାତ୍ରିଙ୍କୁ ଦେଇ ଏକ ଲକ୍ଷ ଟଙ୍କା ନେଇଥିଲେ । ଏହି ଘଟଣାକୁ ନେଇ ହରିହର ବାରମ୍ବାର ଟଙ୍କା ମାଗିଥିବାରୁ ବିଶ୍ୱ ସୁଧ ମୂଳ ସହ ଟଙ୍କା ପରିଶୋଧ କଲେ ଜିନିଷ ନେବି ବୋଲି କହିଥିଲେ । ଯାହାକୁ ନେଇ ମୋର ସବୁ ସୁନା ଗହଣା ଦିଅ ବୋଲି ମାଗିବାରୁ ହୋଇଥିଲା ପାଟି ତୁଣ୍ଡ ମଧ୍ୟ ରେ ଆଲୋଚନା ହେଉଛି । ଏହାକୁ ନେଇ ହରିହର ଦୁଇପୁଅ ବବୁଲ ପାତ୍ରି(୨୭) ଓ ବବୁଲ ପାତ୍ରି(୨୫) ତାଙ୍କୁ ମରଣାନ୍ତକ ଆକ୍ରମଣ ଫଳରେ ମୁଣ୍ଡରୁ ପ୍ରବଳ ରକ୍ତ ସ୍ରାବ ହେଉଥିବା ଗ୍ରାମବାସୀ କହିଛନ୍ତି । ତାଙ୍କୁ ପ୍ରଥମେ ଘଣ୍ଟିପୁରା ପରେ କଟକ ବଡ ଡାକ୍ତରଖାନାକୁ ସ୍ଥାନାନ୍ତରଣ କରା ଯାଇଥିବା ସୂଚନା ମିଳୁଛି । ଏହି ଘଟଣାରେ ବିଶ୍ୱ ଓଝାଙ୍କ ମୁଣ୍ଡରେ ଗୁରୁତର ଆଘାତ ଲାଗିଲା ଥିବା ଉପସ୍ଥିତ ଗ୍ରାମବାସୀ ମାନେ କହିଛନ୍ତି । ଯାହାକୁ କ୍ୟାମେରା କହିବାକୁ ମନା କରିଥିଲେ । ଏହି ଘଟଣାକୁ ନେଇ ଏବେ ପୁରା ଗାଁ ସ୍ତବ୍ଧ ହୋଇଥିବାବେଳେ । ନନ୍ଦିପଡା ପୋଲିସ ଆକ୍ରମଣ କାରି ଧରିବାକୁ ଯିବା ବେଳେ ଘର ତାଲା ପକାଇ ଫେରାର ହୋଇଯାଇଥିବା ଦେଖିବାକୁ ମିଳିଥିଲା । ସନ୍ଧ୍ୟାରେ ନନ୍ଦିପଡା ପୋଲିସ ପହଁଚି ଉକ୍ତ ଯୁବକଙ୍କ ମାଉ ସାନ ପୁଅକୁ ଧରିଥିବା ଗ୍ରାମବାସୀ ମାନେ ସୂଚନା ଦେଇଛନ୍ତି । ଯାହାକୁ ନେଇ ପୋଲିସ୨୭୧/୨୬ ରେ ଏକ ମାମଲା ରୁଜୁ କରିଛି ।

ବଦଳି ଆଦେଶର ହେଉନି କାର୍ଯ୍ୟକାରୀ

ଦଶପଲ୍ଲା, ୨୩/୦୬ (ଆ.ପ୍ର) : ସରକାରୀ ବ୍ୟବସ୍ଥାରେ ସ୍ୱଚ୍ଛତା, ଗତିଶୀଳତା ଏବଂ ପ୍ରଶାସନିକ ସଂସ୍କାର ଆଣିବା ପାଇଁ ବଦଳି ଏକ ସ୍ୱାଭାବିକ ପ୍ରକ୍ରିୟା । ବିଦ୍ୟାଳୟଗୁଡ଼ିକର ଶିକ୍ଷା ବ୍ୟବସ୍ଥାରେ ସୁଧାର ପାଇଁ ସରକାର ନିୟମିତ ବ୍ୟବଧାନରେ ଅଧିକାରୀମାନଙ୍କର ବଦଳି କରିଥାନ୍ତି । ମାତ୍ର ଅନେକ ସମୟରେ ବଦଳି ନିର୍ଦ୍ଦେଶ ପ୍ରକାଶ ପାଇବା ପରେ ବି ସ୍ଥାନୀୟ ସ୍ତରରେ ଦାୟିତ୍ୱ ହସ୍ତାନ୍ତର ବା କାର୍ଯ୍ୟମୁକ୍ତ ହେବାରେ ମାସ ମାସ ଧରି ବିଳମ୍ବ ଦେଖାଯାଉଛି । ଦଶପଲ୍ଲା ବ୍ଲକ୍ ଶିକ୍ଷା ଅଧିକାରୀ ଭକ୍ତି ବିନୋଦ ଶଇଙ୍କ କ୍ଷେତ୍ରରେ ମଧ୍ୟ ଗତ ମେ' ମାସରୁ ଆସିଥିବା ବଦଳି ଆଦେଶ ଏପର୍ଯ୍ୟନ୍ତ କାର୍ଯ୍ୟକାରୀ ହୋଇପାରି ନାହିଁ । ଏଭଳି ପରିସ୍ଥିତିରେ ପ୍ରଶାସନିକ ଅଚଳାବସ୍ଥା ଦୂର କରିବା ପାଇଁ 'ସେଂଟ୍ରାଲି ରିଲିଭ୍' ବ୍ୟବସ୍ଥାର ଆବଶ୍ୟକତାକୁ ନେଇ ଏବେ ସଚେତନତା ସୃଷ୍ଟି ହେବାରେ ଲାଗିଛି । ସାଧାରଣତଃ ବଦଳି ନିର୍ଦ୍ଦେଶ ଆସିଲା ପରେ ସ୍ଥାନୀୟ କାର୍ଯ୍ୟାଳୟ ବା ଜିଲ୍ଲା କାର୍ଯ୍ୟାଳୟରୁ ଅନୁମତି ବା ରିଲିଭିଂ ଅର୍ଡର ପାଇଁ ଅପେକ୍ଷା କରିବାକୁ ପଡ଼ିଥାଏ । ଏହାର ସୁଯୋଗ ନେଇ ଅନେକ ସମୟରେ ବିଭିନ୍ନ ବାହାନା କିମ୍ବା ସ୍ଥାନୀୟ ଚାପ ଯୋଗୁଁ ପ୍ରକ୍ରିୟାକୁ ବିଳମ୍ବ କରାଯାଏ । କିନ୍ତୁ ଯଦି ସ୍କୁଲ ଓ ଗଣଶିକ୍ଷା ବିଭାଗ ନିଜ ଆଡୁ ମୁଖ୍ୟ କାର୍ଯ୍ୟାଳୟ ସ୍ତରରୁ ଏକାସାଙ୍ଗରେ 'ସେଂଟ୍ରାଲି ରିଲିଭ୍' ନିର୍ଦ୍ଦେଶ ଜାରି କରେ, ତେବେ କୌଣସି ଅଫିସରଙ୍କୁ ସ୍ଥାନୀୟ ଅନୁମତିକୁ ଅପେକ୍ଷା କରିବାକୁ ପଡ଼େନାହିଁ । ନିର୍ଦ୍ଧାରିତ ତାରିଖ ଓ ସମୟ ଆସିବା ମାତ୍ରେ ସମ୍ପୃକ୍ତ କର୍ମଚାରୀ ସେହି ପଦବୀରୁ ସ୍ୱତଃ କାର୍ଯ୍ୟମୁକ୍ତ ହୋଇଯାଆନ୍ତି ଏବଂ ନୂଆ ସ୍ଥାନରେ ଯୋଗଦେବାକୁ ବାଧ୍ୟ ହୁଅନ୍ତି । ଦଶପଲ୍ଲା ଅଂଚଳର ବୁଦ୍ଧିଜୀବୀ ଓ ଶିକ୍ଷାବିତ୍‌ମାନଙ୍କ ମତରେ, ବଦଳି ନିର୍ଦ୍ଦେଶକୁ ସମ୍ମାନ ଜଣାଇ ସଠିକ୍ ସମୟରେ କାର୍ଯ୍ୟକାରୀ କରିବା ଉଚିତ୍ । ଯଦି କୌଣସି କାରଣରୁ ଏଥିରେ ବିଳମ୍ବ ହେଉଛି, ତେବେ ଉଚ୍ଚ କର୍ତ୍ତୃପକ୍ଷ କେନ୍ଦ୍ରୀୟ ଭାବେ ନିର୍ଦ୍ଦେଶ ଜାରି କରି ସମ୍ପୃକ୍ତ ଅଧିକାରୀଙ୍କୁ ତୁରନ୍ତ ରିଲିଭ୍ କରିବା ଉଚିତ୍ । ଏହା ଦ୍ୱାରା ପ୍ରଶାସନିକ ସ୍ୱଚ୍ଛତା ବଜାୟ ରହିବା ସହ ଶିକ୍ଷା ବ୍ୟବସ୍ଥାର ଉନ୍ନତି ହୋଇପାରିବ । ସରକାରୀ ଆଦେଶକୁ ଶୃଙ୍ଖଳିତ ଭାବେ ପାଳନ କରାଗଲେ ହିଁ ସାଧାରଣ ଜନତାଙ୍କର ବ୍ୟବସ୍ଥା ଉପରେ ବିଶ୍ୱାସ ସୁଦୃଢ଼ ହେବ ।

ଭଦ୍ରକରେ ଅତିରିକ୍ତ ଜିଲ୍ଲାପାଳଙ୍କ ଅଧ୍ୟକ୍ଷତାରେ ବିଏଲଏ-୧ ବୈଠକ ଅନୁଷ୍ଠିତ

ଭଦ୍ରକ, ୨୩/୦୬ (ଆ.ପ୍ର) : ଆଗାମୀ ନିର୍ବାଚନ ସମ୍ବନ୍ଧୀୟ କାର୍ଯ୍ୟକଳାପକୁ ସୁଚାରୁ ଓ ସ୍ୱଚ୍ଛ ଭାବେ ପରିଚାଳନା କରିବା ଉଦ୍ଦେଶ୍ୟରେ ଜିଲ୍ଲା ସ୍ତରୀୟ ବିଏଲଏ-୧ ବୈଠକ ଅତିରିକ୍ତ ଜିଲ୍ଲାପାଳ-cum-ଅତିରିକ୍ତ ଜିଲ୍ଲା ନିର୍ବାଚନ ଅଧିକାରୀ ରବି ନାରାୟଣ ସାହୁଙ୍କଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି । ବୈଠକରେ ଉପଜିଲ୍ଲାପାଳ ସୌରଭ ଚକ୍ରବର୍ତ୍ତୀ, ଅତିରିକ୍ତ ଉପଜିଲ୍ଲାପାଳ ଏବଂ ଉପ ଜିଲ୍ଲାପାଳ (ନିର୍ବାଚନ) ପ୍ରତିମା ନାୟକ ଉପସ୍ଥିତ ରହି ନିର୍ବାଚକ ତାଲିକା ସଂଶୋଧନ, ବିଏଲଏମାନଙ୍କ ଭୂମିକା, ଭୋଟର ତଥ୍ୟ ଯାଂଚ ଏବଂ ଚାଲିଥିବା ଝଉଚ୍ଚ କାର୍ଯ୍ୟର ଅଗ୍ରଗତି ସମ୍ପର୍କରେ ବିସ୍ତୃତ ଆଲୋଚନା କରିଥିଲେ । ବୈଠକରେ ଉପସ୍ଥିତ ବିଭିନ୍ନ ରାଜନୈତିକ ଦଳର ବୁଥ୍ ସ୍ତରୀୟ ଏଜେଂଟ ବିଏଲଏ-୧ ମାନଙ୍କୁ ନିର୍ବାଚନ କମିଶନଙ୍କ ନିର୍ଦ୍ଦେଶାବଳୀ ସମ୍ପର୍କରେ ଅବଗତ କରାଯିବା ସହ ନିର୍ବାଚକ ତାଲିକାର ସଠିକତା ଓ ସ୍ୱଚ୍ଛତା ରକ୍ଷା ପାଇଁ ସମନ୍ୱୟ ରକ୍ଷି କାର୍ଯ୍ୟ କରିବାକୁ ଆହ୍ୱାନ କରାଯାଇଥିଲା । ବୈଠକରେ ବିଭିନ୍ନ ପ୍ରସ୍ତାବ ଓ ମତାମତ ଉପରେ ଆଲୋଚନା ହେବା ସହ ଆବଶ୍ୟକ ପରାମର୍ଶ ପ୍ରଦାନ କରାଯାଇଥିଲା ।

ବଢ଼ିଲାର ପୁଅ ଝିଅଙ୍କୁ ଛାଡି ମାଆ ଫେରାର

ହାଟଡିହି, ୨୩/୦୬ (ଆ.ପ୍ର) : ହାଟଡିହି ବ୍ଲକ ଅନ୍ତର୍ଗତ ହାଟଡିହି ଅଂଚଳରେ ଦେଖିବାକୁ ମିଳିଛି ଏଭଳି ଏକ ଘଟଣା । ଗତ କିଛି ଦିନ ପୂର୍ବରୁ ଏହି ଚିତ୍ର ସାମ୍ନାକୁ ଆସିଥିଲା । ଘଟଣା ଘଟିଛି ହାଟଡିହି ଅଂଚଳରେ । ସେହି ଗାଁ ର ରସିକ ପ୍ରବର ଜଣେ ବିବାହିତା ମହିଳାଙ୍କୁ ନେଇ ଫେରାର ହୋଇଯାଇଥିବା ଘଟଣା ଏବେ ଚର୍ଚ୍ଚା ପାଲଟିଛି। ଯାହାକି ଏଭଳି ଘଟଣା ସବୁ ସ୍ଥାନରେ ହେଉଥିବା ବେଳେ ଏହା ସେହି ଯୁବକ ସହ ଦ୍ୱିତୀୟ ଥର ପଳାୟନ ହୋଇଥିବାରୁ ଚର୍ଚ୍ଚା ହେଉଛି । ଏପରି କାଣ୍ଡ ଘଟାଇ ଯାଇଥିବା ମହିଳାଙ୍କର ଗୋଟିଏ ପୁଅ ଦଶମ ଶ୍ରେଣୀରେ ପଢୁଥିବା ବେଳେ ଝିଅଟି ସପ୍ତମ ଶ୍ରେଣୀରେ ପାଠପଢେ । ସେ ରସିକ ପ୍ରବର ହେଉଛନ୍ତି ଗୋପଗାଁର ବଦ୍ରି ନାଥ ସାହୁ, ସେ ନେଇଥିବା ମହିଳା ଜଣକ କିପରି ଏମିତି ପ୍ରେମରେ ଉବୁଟୁବୁ ତାଙ୍କୁ ନେଇ ଏବେ ସମସ୍ତଙ୍କ ମନରେ ସନ୍ଦେହ ବଢ଼ିଛି । ଏହି ଘଟଣାକୁ ନେଇ ଉକ୍ତ ମହିଳା ପ୍ରକୃତ ସ୍ୱାମୀ ନନ୍ଦିପଦା ପୋଲିସ୍‌କୁ ଜଣାଇବା ପରେ ଘଟଣା ଚର୍ଚ୍ଚାକୁ ଆସିଥିଲା । ପୂର୍ବରୁ ଏଭଳି କାର୍ଯ୍ୟ କରି ଉକ୍ତ ଯୁବକ ଚର୍ଚ୍ଚିତ ହୋଇଥିଲେ । ପୁନଃ ସେହି ଘଟଣାର ପୁନରାବୃତ୍ତିକୁ ନେଇ ଗ୍ରାମବାସୀମାନେ ଅତି ଲଜ୍ଜା କର କଥା ବୋଲି ନିନ୍ଦା କରିଛନ୍ତି । ଉଭୟ ସେ ମହିଳା ଓ ପୁରୁଷ ବନ୍ଧୁଙ୍କର ଏପରି କୁକର୍ମ ପାଇଁ ଗ୍ରାମାଂଚଳ ପରିବେଶ ଖରାପ ହେଉଥିବା କହିଛନ୍ତି । ଏହି ପ୍ରଭାବ ଅନ୍ୟ କାହା ଉପରେ ନ ପଡ଼ିବା ପାଇଁ ବଡ ଆଇନ ଗତ କାର୍ଯ୍ୟାନୁଷ୍ଠାନ ହେବା ଆବଶ୍ୟକ ବୋଲି ବୁଦ୍ଧିଜୀବୀମାନେ କହିଛନ୍ତି ।

ମହିଳାଙ୍କୁ ଧମକ ଓ ଭିଡିଓ ଭାଇରାଲ ଘଟଣା

ବିଜେପି ପଂଚାୟତ ସଭାପତିଙ୍କ ନାମରେ ଏତାଲା, ପୋଲିସ ତଦନ୍ତ ଜାରି

ଇଙ୍ଗଲେଶ୍ୱର, ୨୩/୦୬ (ଆ.ପ୍ର) : ବାଲେଶ୍ୱର ଜିଲ୍ଲା ବାଲିଆପାଳ ବ୍ଲକ ଅନ୍ତର୍ଗତ ବାଲିକୁଟି ପଂଚାୟତରେ ଜଣେ ଅସହାୟ ବିଧବା ମହିଳାଙ୍କୁ ଧମକ ଦେବା, ପ୍ରଲୋଭନ ଦେଖାଇବା ଏବଂ ତାଙ୍କ ଅନୁମତି ବିନା ଭିଡିଓ ପ୍ରସ୍ତୁତ କରି ସାମାଜିକ ଗଣମାଧ୍ୟମରେ ଭାଇରାଲ କରିବା ଅଭିଯୋଗରେ ବାଲିକୁଟି ବିଜେପି ପଂଚାୟତ ସଭାପତି ରାମକୃଷ୍ଣ ପ୍ରଧାନ ଓ ତାଙ୍କର ଦୁଇ ସହଯୋଗୀଙ୍କ ବିରୋଧରେ ବାଲିଆପାଳ ଥାନାରେ ଏତାଲା ରୁଜୁ ହୋଇଛି । ସୂଚନା ଅନୁଯାୟୀ, କେଶୁଡିହା ଗ୍ରାମର ମଞ୍ଜୁଲତା ଦାସ ଜଣେ ଅସହାୟ ଓ ଅଶିକ୍ଷିତ ବିଧବା ମହିଳା । ସରକାରୀ ଖାଦ୍ୟ ସୁରକ୍ଷା ଯୋଜନା ଅନୁସାରେ ରାସନ କାର୍ଡ ପାଇବାକୁ ଯୋଗ୍ୟ ହୋଇଥିଲେ ମଧ୍ୟ ସେ ଦୀର୍ଘ ଦିନ ଧରି ଏହି ସୁବିଧାରୁ ବଂଚିତ ଥିଲେ । ଅଭିଯୋଗ ଅନୁସାରେ, ପ୍ରାୟ ପାଂଚ ମାସ ପୂର୍ବରୁ ପଂଚାୟତ ସଭାପତି ରାମକୃଷ୍ଣ ପ୍ରଧାନ ମଞ୍ଜୁଲତାଙ୍କ ରାସନ କାର୍ଡ କରାଇ ଦେବାର ପ୍ରତିଶ୍ରୁତି ଦେଇ ତାଙ୍କର ଆବଶ୍ୟକ ଦସ୍ତାବିଜ ସଂଗ୍ରହ କରିଥିଲେ । ତେବେ ଦୀର୍ଘ ସମୟ ବିତିଯାଇଥିଲେ ମଧ୍ୟ ସେ ରାସନ କାର୍ଡ ପାଇନଥିଲେ । ପରେ ସାମାଜିକ କର୍ମୀ ରାଜକିଶୋର ପାତ୍ର ଘଟଣା ବିଷୟରେ ଜାଣି ମଞ୍ଜୁଲତାଙ୍କୁ ରାସନ କାର୍ଡ ଯୋଗାଇ ଦେବା ପାଇଁ ଗତ ୧୯/୦୫/୨୦୨୬ ରେ ବାଲିଆପାଳ ବିଡ଼ିଓଙ୍କ ନିକଟରେ ଅଭିଯୋଗ ଏବଂ ପରେ ଆବଶ୍ୟକ ଦସ୍ତାବିଜ ଯୋଗାଣ ବିଭାଗରେ

ଦାଖଲ ହେବା ସହ କେୱାଇସି ପ୍ରକ୍ରିୟା ସମ୍ପୂର୍ଣ୍ଣ କରାଯାଇଥିଲା । ଏହାପରେ ଗତ ୨୬ ମଇ ୨୦୨୬ ତାରିଖରେ ମଞ୍ଜୁଲତା ଦାସଙ୍କ ରାସନ କାର୍ଡ ପ୍ରସ୍ତୁତ ହୋଇଥିଲା । ପରେ ମଞ୍ଜୁଲତା ସାମାଜିକ ସଂଗଠନ ଆମ ଅଧିକାର ଫାଉଣ୍ଡେସନ ଜରିଆରେ ତାଙ୍କର ଓଟିପି ଦେଇ ମାଗଣାରେ ଢଳର ରାସନ କାର୍ଡ ଲାମିନେସନ ସହ ପାଇଥିଲେ । ଏହା ପରେ ଗତ ୧୭ ଜୁନରେ ରାମକୃଷ୍ଣ ପ୍ରଧାନ ଓ ତାଙ୍କ ଦୁଇ ସହଯୋଗୀ ମଞ୍ଜୁଲତାଙ୍କ ଘରକୁ ସନ୍ଧ୍ୟାରେ ଯାଇ ତାଙ୍କୁ ରାସନ କାର୍ଡ କାଟିଦେବା ଏବଂ ଚାଉଳ ବନ୍ଦ କରିଦେବା ଧମକ ଓ ପ୍ରଲୋଭନ ଦେଖାଇ ଏକ କଳା ଧଳା ରାସନ କାର୍ଡ ଦେଇ ସେମାନେ କରାଇଥିବା କହିବାକୁ ବାଧ୍ୟ କରିଥିବା ଅଭିଯୋଗ ହୋଇଛି । ସେହି ସମୟରେ ସାମାଜିକ କର୍ମୀ ରାଜକିଶୋର ପାତ୍ରଙ୍କ ବିରୋଧରେ ଏକ ଭିଡିଓ ମଧ୍ୟ ପ୍ରସ୍ତୁତ କରାଯାଇଥିଲା, ଯାହାକୁ ପରେ ସାମାଜିକ ଗଣମାଧ୍ୟମରେ ପ୍ରଚାର କରାଯାଇଥିଲା । ମଞ୍ଜୁଲତା ଦାସ ଏହାକୁ ନେଇ ବାଲିଆପାଳ ଥାନାରେ ଗତ ୨୨ ଜୁନରେ ଲିଖିତ ଏତାଲା ଦାଖଲ କରିଛନ୍ତି । ଏତାଲାରେ ବିନା ଅନୁମତିରେ ଘରକୁ ପ୍ରବେଶ, ରାସନ କାର୍ଡ କାଟିଦେବାର ଧମକ, ପ୍ରଲୋଭନ ଦେଖାଇବା, ଅପପ୍ରଚାର କରିବା ଏବଂ ଅନୁମତି ବିନା ଭିଡିଓ ପ୍ରସ୍ତୁତ କରି ପ୍ରଚାର କରିବା ଭଳି ଅଭିଯୋଗ ରହିଛି । ଅନ୍ୟପଟେ ମଞ୍ଜୁଲତାଙ୍କୁ ସଭାପତି ଦେଇଥିବା ଏକ କଳା-ଧଳା ରାସନ କାର୍ଡ ଫଟୋ ମଧ୍ୟ ସାମାଜିକ ଗଣମାଧ୍ୟମରେ ଘୁରି ବୁଲୁଥିବା ବେଳେ, ଏହା ତାଙ୍କ ଅନୁମତି ବିନା ଉଠାଯାଇଥିବା ଅଭିଯୋଗ ହୋଇଛି । ବାଲିଆପାଳ ପୋଲିସ ଘଟଣାର ତଦନ୍ତ ଜାରି ରଖିଥିବା ଜଣାପଡ଼ିଛି ।

25001/496/2627

OFFICE OF THE SUPERINTTENDING ENGINEER
RWS&S DIVISION, BARIPADA
Tel. No.06792-254029, Fax No.06792-259464, E-Mail : eerwss_bpd@ori.nic.in
INVITATION FOR BIDS (IFB) THROUGH E-TENDERING

Bid Identification NO. 05 OF 2026-27 dt.18.06.2026

The Superintending Engineer, RWS&S Division, Baripada on behalf of Governor Odisha invites online BID from manufacturers / suppliers / distributor registered with the State Government and bidders of equivalent Grade / Class registered with Central Government / MES / Railways for supply of materials. The manufacturers / suppliers / distributor may submit bids for any or all of the following work.

Sl. No	Description of Items	Qnty.	Unit.	Rate	Amount	Bid Security 1% E.M.D.
1	2	3	4	5	6	7
A	Supply of ISI marked steel tubes used in water wells of type electric resistance welder (ERW) confirming to 4270/2001 with subsequent amendments if any having length of 3.05 mtrs cutting tolerance (0.00 mtr to 0.05 mtr) and both sides beveled. The angle of bevel shall be 15 in one end and 45 in other end. The fin must be removed through out side the pipe. Nominal bore of 125mm dia with wall thickness 5.00 mm, wieght 16.80 kg/mtr & outer dia 135.80mm.	(3870 Mtr)				
1	5"(125 mm dia) ERW MS Pipe.	65.016	Metric Tonne	66480.00	4322264.00	43223.00

1 Date & Time of availability of bid document in portal : From 10.00 hour of dt. 29.06.2026 to dt. 07.07.07 upto 17 hours.
2 Last date & Time for receipt of bids in the portal : **upto 17.00 hours of 07.07.2026.**
3 Date & Time for opening of Tender : **dt. 08.07.2026 at 11.00 hours.**
4 The Tender paper cost is amounting to **Rs. 10,000.00** (Rupees Ten Thousand) only.
5 Corringendum and addendum if any shall only be published in the above website http://www.tenderodisha.gov.in

Further details can be seen from the e-procurement Portal: "https://tendersodisha.gov.in

Superintending Engineer
RWS&S Division, Baripada

OIPR - 25001/25014/1/26-27/0001

ମିଶନ ବାତ୍ସଲ୍ୟ ଅଧୀନରେ ନୀଳଗିରିରେ ଅନୁଷ୍ଠିତ ହେଲା ଅନାଥ ଶିଶୁଙ୍କ ପାଇଁ ସ୍ୱତନ୍ତ୍ର ଶିବିର

ବାଲେଶ୍ୱର, ୨୩/୦୬ (ଆ.ପ୍ର) : ଜିଲ୍ଲା ଶିଶୁ ସୁରକ୍ଷା ୟୁନିଟ୍ (ଡିସିପିୟୁ), ବାଲେଶ୍ୱର ପକ୍ଷରୁ ମିଶନ ବାତ୍ସଲ୍ୟର ତତ୍ୱାବଧାନରେ ନୀଳଗିରି ବ୍ଲକରେ ଏକ ଅନାଥ ସର୍ଭେ ଉତ୍ପାଦନ ଶିବିର-୨୦୨୬ ସଫଳତାର ସହ ଅନୁଷ୍ଠିତ ହୋଇଯାଇଛି । ଏହି କାର୍ଯ୍ୟକ୍ରମରେ ନୀଳଗିରି ବ୍ଲକର ବିଡିଓ, ବାଲେଶ୍ୱରର ଜିଲ୍ଲା ଶିଶୁ ସୁରକ୍ଷା ଅଧିକାରୀ (ଡିସିପିଓ), ଶିଶୁ କଲ୍ୟାଣ କମିଟି (ସିଡବ୍ଲୁସି)ର ଅଧ୍ୟକ୍ଷ ଓ ସଦସ୍ୟମାନେ, ବିଇଓ, ବିଏସ୍ଏସ୍ଓ, ନୀଳଗିରିର ସିଡିପିଓ, ଡିସିପିୟୁ କର୍ମଚାରୀ, ଆଇସିଡିଏସ୍ ସୁପରଭାଇଜର, ଅଙ୍ଗନୱାଡି କର୍ମୀ ଏବଂ ବିଭିନ୍ନ ବିଭାଗର

ଅଂଶୀଦାରମାନେ ଯୋଗ ଦେଇଥିଲେ । ସର୍ଭେ ମାଧ୍ୟମରେ ଚିହ୍ନଟ ହୋଇଥିବା ବହୁ ସଂଖ୍ୟକ ଅନାଥ ଏବଂ ଅସହାୟ ଶିଶୁଙ୍କୁ ଶିଶୁ କଲ୍ୟାଣ କମିଟି ସମ୍ମୁଖରେ ଉପସ୍ଥାପନ କରାଯାଇଥିଲା । ସେମାନଙ୍କର ମୂଲ୍ୟାଙ୍କନ କରାଯିବା ସହ ମିଶନ ବାତ୍ସଲ୍ୟ ଏବଂ ଅନ୍ୟାନ୍ୟ ସରକାରୀ ଯୋଜନା ଅଧୀନରେ ଉପଲବ୍ଧ କଲ୍ୟାଣମୂଳକ ଓ ପୁନର୍ବାସ ସେବା ସହିତ ସଂଯୋଗ କରିବା ପାଇଁ ପଦକ୍ଷେପ ଗ୍ରହଣ କରାଯାଇଥିଲା । ଶିବିରରେ ଶିଶୁମାନଙ୍କର ବିବରଣୀ ଯାଂଚ, ସେମାନଙ୍କର ଆବଶ୍ୟକତାର ମୂଲ୍ୟାଙ୍କନ ଏବଂ ଶିକ୍ଷା, ସ୍ୱାସ୍ଥ୍ୟସେବା, ସୁରକ୍ଷା ଓ ସାମାଜିକ ସୁରକ୍ଷା କ୍ଷେତ୍ରରେ ଆବଶ୍ୟକ ସହାୟତା ପ୍ରଦାନ ପାଇଁ ପ୍ରକ୍ରିୟା ଆରମ୍ଭ କରାଯାଇଥିଲା । ଏହି ପଦକ୍ଷେପ ଜିଲ୍ଲାର ଅନାଥ ଓ ବିପନ୍ନ ଶିଶୁମାନଙ୍କ ସାମଗ୍ରିକ ବିକାଶ ଏବଂ ସୁରକ୍ଷା ସୁନିଶ୍ଚିତ କରିବା ଦିଗରେ ଏକ ଗୁରୁତ୍ୱପୂର୍ଣ୍ଣ ପ୍ରୟାସ ବୋଲି ମତ ପ୍ରକାଶ ପାଇଛି ।

ବେଆଇନ ଡୁପ୍ଲିକେଟ ଲଟେରୀ ଟିକେଟ ବିକ୍ରି

ଜଳେଶ୍ୱର, ୨୩/୦୬ (ଆ.ପ୍ର) : ବେଆଇନ ଡୁପ୍ଲିକେଟ ଲଟେରୀ ଟିକେଟ ବିକ୍ରି ଅଭିଯୋଗରେ ଝାଡ଼େଶ୍ୱରପୁର ବସ୍ତି ଅଂଚଳରେ ଥିବା ଏକ ଘରେ ପୋଲିସର ଚଢ଼ାଉ, ବହୁ ଲଟେରୀ ଟିକେଟ, କମ୍ପ୍ୟୁଟର ସହିତ ନଗଦ ୮୭୭୫୦ ଟଙ୍କା, ଦୁଇଟି ସ୍କୁଟି ଜବତ କରିବା ସହ ସେକ ଦିଲଜାନ ନାମକ ଯୁବକଙ୍କୁ ଗିରଫ କରିଛି ପୋଲିସ । ଏଭଳି ଘଟଣା ଘଟିଛି ବାଲେଶ୍ୱର ଜିଲ୍ଲା ଜଳେଶ୍ୱର ଥାନା ଅଂଚଳରେ, ସୂଚନା ଅନୁଯାୟୀ ଜଳେଶ୍ୱର ଅଂଚଳରେ ଦୀର୍ଘ ଦିନ ହେବ ବେଆଇନ ଲଟେରୀ ଟିକେଟ ବିକ୍ରି ହୋଇ ଆସୁଅଛି । ଏହି ବେଆଇନ ଲଟେରୀ ଟିକେଟ ବିକ୍ରୀକୁ ନେଇ ଜଳେଶ୍ୱର ଥାନାରେ ବାରମ୍ବାର ଅଭିଯୋଗ ହୋଇ ଆସୁଥିଲା । ତେବେ ଏହି ଅଭିଯୋଗ ମୂଳେ ଜଳେଶ୍ୱର ପୋଲିସ ଗତକାଲି ରାତି ପାଖାପାଖି ୧୦ଟା ସମୟରେ ଝାଡ଼େଶ୍ୱରପୁର ବସ୍ତିରେ ଥିବା ଏକ ଘରେ ଜଳେଶ୍ୱର ସସମ ଅଶୋକ ବାରିକ ଏବଂ ତାଙ୍କର ଏକ ଟିମ ଚଢ଼ାଉ କରିଥିଲେ, ଚଢ଼ାଉ ସମୟରେ ବହୁ ଡୁପ୍ଲିକେଟ ଲଟେରୀ ଟିକେଟ, କମ୍ପ୍ୟୁଟର, ବହୁ ଦରକାରୀ କାଗଜପତ୍ର, ନଗଦ ୮୭ହଜାର ୭୫୦ ଟଙ୍କା, ଦୁଇଟି ସ୍କୁଟି ଜବତ କରିବା ସହ ସେକ ଦିଲଜାନ ନାମକ ଟିକେଟ ବ୍ୟାପାରୀଙ୍କୁ ଗିରଫ କରି ଅଧିକ ତଦନ୍ତ ଜାରି ରଖିଛି ପୋଲିସ ।

ଏନଫୋର୍ସମେଂଟ ଟିମ୍ ଉପରେ ଆକ୍ରମଣକୁ ଟିପିଏନଓଡିଏଲ୍‌ର ନିନ୍ଦା; ଜନସାଧାରଣଙ୍କ ସହଯୋଗ ପାଇଁ ନିବେଦନ

ବାଲେଶ୍ୱର, ୨୩/୦୬ (ଆ.ପ୍ର) : ଟିପି ନର୍ଦ୍ଦର୍ଣ୍ଣ ଓଡ଼ିଶା ଡିଷ୍ଟ୍ରିବ୍ୟୁସନ ଲିମିଟେଡ୍ (ଟିପିଏନଓଡିଏଲ) ପକ୍ଷରୁ ଗତ ୧୯ ଜୁନ୍‌ରେ ଭଦ୍ରକ ଜିଲ୍ଲାର ଚାନ୍ଦିପୁର ଗ୍ରାମରେ ନିୟମିତ ଯାଂଚ ବେଳେ ଏନଫୋର୍ସମେଂଟ ଟିମ୍ ଉପରେ ହୋଇଥିବା ଆକ୍ରମଣକୁ ଦୃଢ଼ ନିନ୍ଦା କରାଯାଇଛି । ବିଦ୍ୟୁତ୍ ବିତରଣ ବ୍ୟବସ୍ଥାର ସ୍ୱଚ୍ଛତା ବଜାୟ ରଖିବା ଏବଂ ଅଂଚଳର ସମସ୍ତ ଉପଭୋକ୍ତାଙ୍କୁ ଗୁଣାତ୍ମକ ବିଦ୍ୟୁତ ଯୋଗାଣ ସୁନିଶ୍ଚିତ କରିବା ପାଇଁ ଅଧିକାରୀମାନେ ନିଜର ଦାୟିତ୍ୱ ତୁଲାଉଥିଲେ । ଟିପିଏନଓଡିଏଲ୍ ଏନେଇ ଆଇନଗତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ସହ ଏଭଳି ଘଟଣାର ପୁନରାବୃତ୍ତି ରୋକିବା ପାଇଁ ଦୃଢ଼ ପଦକ୍ଷେପ ଗ୍ରହଣ କରିଛି । ଗୁଣାତ୍ମକ ବିଦ୍ୟୁତ ସେବା ଯୋଗାଣ ନେଇ ଲାଇନମ୍ୟାନ, ଇଞ୍ଜିନିୟର, ସହକାରୀ ସଂସ୍ଥା କର୍ମଚାରୀ, ଏନଫୋର୍ସମେଂଟ କର୍ମଚାରୀ ଏବଂ ଗ୍ରାହକ ସେବା ଅଧିକାରୀ ପ୍ରଭୃତି ପ୍ରତିକୂଳ ପରିସ୍ଥିତିରେ ମଧ୍ୟ ଅକ୍ଲାନ୍ତ ପରିଶ୍ରମ କରିଥାନ୍ତି । ଦୁର୍ଗମ ଅଂଚଳ, ବିଳମ୍ବିତ ରାତି, ପ୍ରତିକୂଳ ପାଗ, ବାତ୍ୟା ତଥା କାଳବୈଶାଖୀ ସମୟରେ ଅଂଚଳରେ ବିଦ୍ୟୁତ ଯୋଗାଣ ସ୍ୱାଭାବିକ କରିବା, ଯାଂଚ କରିବା ତଥା ଉପଭୋକ୍ତାଙ୍କୁ ଉପଯୁକ୍ତ ବିଦ୍ୟୁତ ସେବା ଯୋଗାଇବା ପାଇଁ ସଦାସର୍ବଦା କାର୍ଯ୍ୟରତ ରହିଥାନ୍ତି । ଏଭଳି ହିଂସାତ୍ମକ କାର୍ଯ୍ୟ କର୍ତ୍ତବ୍ୟରତ କର୍ମଚାରୀଙ୍କ ସୁରକ୍ଷାକୁ ବିପଦରେ ପକାଇବା ସହ ନିର୍ଭରଯୋଗ୍ୟ ବିଦ୍ୟୁତ୍ ସେବା ଯୋଗାଇବା ପାଇଁ ଦିନରାତି କାର୍ଯ୍ୟରତ କର୍ମଚାରୀଙ୍କ ମନୋବଳ ହ୍ରାସ କରିଥାଏ । ଏହି ଘଟଣାକୁ ନିନ୍ଦା କରି ଟିପିଏନଓଡିଏଲ୍ ର ମୁଖ୍ୟ କାର୍ଯ୍ୟ ନିର୍ବାହୀ ଅଧିକାରୀ ଦୁଷ୍ମନ୍ତ କୁମାର ତ୍ୟାଗୀ କହିଛନ୍ତି ଯେ କମ୍ପାନୀ ଏଭଳି ଘଟଣାକୁ ଜନସ୍ୱାର୍ଥ ତଥା ବିକାଶର ଏକ ପ୍ରତିବନ୍ଧକ ଭାବେ ଗ୍ରହଣ କରେ । କ୍ଷେତ୍ରସ୍ତରରେ କାର୍ଯ୍ୟରତ ବିଦ୍ୟୁତ ଅଧିକାରୀଙ୍କୁ ସହଯୋଗ କରିବା ସହ ସେମାନଙ୍କ କର୍ତ୍ତବ୍ୟରେ ବାଧା ସୃଷ୍ଟି କରୁଥିବା ଆଚରଣରୁ ବିରତ ରହିବାକୁ ଉପଭୋକ୍ତାମାନଙ୍କୁ ସେ ଅନୁରୋଧ କରିଛନ୍ତି । ଏହା ସହିତ ଟିପିଏନଓଡିଏଲ୍ ନିଜ ନିଜ ଅଂଚଳରେ ହେଉଥିବା ବିଦ୍ୟୁତ୍ ଚୋରି ଘଟଣା ସମ୍ପର୍କରେ ସୂଚନା ଦେବାକୁ ଉପଭୋକ୍ତାମାନଙ୍କୁ ଆହ୍ୱାନ କରିଛି । ବିଦ୍ୟୁତ୍ ଆଇନ, ୨୦୦୩ ଅନୁଯାୟୀ ବିଦ୍ୟୁତ ଚୋରି ଏକ ଦଣ୍ଡନୀୟ ଅପରାଧ, ଯାହା ପାଇଁ ଜରିମାନା ଏବଂ ଜେଲ୍ ଦଣ୍ଡର ପ୍ରାବଧାନ ରହିଛି । ବିଦ୍ୟୁତ ଚୋରି ଯୋଗୁଁ ସାଧୁ ଗ୍ରାହକଙ୍କ ଉପରେ ଆର୍ଥିକ ବୋଝ ପଡ଼ିବା ସହ ସମଗ୍ର ଅଂଚଳ ତଥା ରାଜ୍ୟରେ ବିଦ୍ୟୁତ ସେବାର ଗୁଣବତ୍ତା ଓ ନିର୍ଭରଯୋଗ୍ୟତା ଉପରେ ପ୍ରତିକୂଳ ପ୍ରଭାବ ପଡିଥାଏ । ଟିପିଏନଓଡିଏଲ୍ ନିଜ ଅଂଚଳର ବିଦ୍ୟୁତ ଉପଭୋକ୍ତାମାନଙ୍କ ସେବାରେ ନିୟୋଜିତ ଏହାର କର୍ମଚାରୀମାନଙ୍କ ମର୍ଯ୍ୟାଦା ଓ ସୁରକ୍ଷା ସୁନିଶ୍ଚିତ କରିବା ସହ ସୁରକ୍ଷିତ, ନିର୍ଭରଯୋଗ୍ୟ ଏବଂ ଗୁଣାତ୍ମକ ବିଦ୍ୟୁତ ସେବା ପ୍ରଦାନ କରିବାକୁ ସଦା ପ୍ରତିବଦ୍ଧ ରହିଛି ।

ଫକୀରମୋହନ ବିଶ୍ୱବିଦ୍ୟାଳୟରେ ଓଡ଼ିଶା ଷ୍ଟେଟ୍ ୱାର୍କଫ୍ଲୋ ଅଟୋମେସନ୍ ସିଷ୍ଟମ୍‌ର ସଫଳ ପ୍ରଶିକ୍ଷଣ ଓ କାର୍ଯ୍ୟାନ୍ୱୟନ

ନୀଳଗିରି, ୨୩/୦୬ (ଆ.ପ୍ର) : ଫକୀରମୋହନ ବିଶ୍ୱବିଦ୍ୟାଳୟରେ ପ୍ରଶାସନିକ କାର୍ଯ୍ୟକୁ ଅଧିକ ସୁଦୃଢ଼, ଦକ୍ଷ ଏବଂ ସ୍ୱଚ୍ଛ କରିବା ଉଦ୍ଦେଶ୍ୟରେ ଓଡ଼ିଶା ଷ୍ଟେଟ୍ ୱର୍କଫ୍ଲୋ ଅଟୋମେସନ୍ ସିଷ୍ଟମ୍‌ର ପ୍ରଶିକ୍ଷଣ ଏବଂ କାର୍ଯ୍ୟାନ୍ୱୟନ କାର୍ଯ୍ୟକ୍ରମ ସଫଳତାର ସହ ଆୟୋଜିତ ହୋଇଯାଇଛି । ଓଡ଼ିଶା ସରକାରଙ୍କ ଉଚ୍ଚ ଶିକ୍ଷା ବିଭାଗର ମାର୍ଗଦର୍ଶିକା ଅନୁଯାୟୀ ଏହି କାର୍ଯ୍ୟକ୍ରମର ଆୟୋଜନ କରାଯାଇଥିଲା । ଏହି ପ୍ରଶିକ୍ଷଣ କାର୍ଯ୍ୟକ୍ରମରେ ଓସିଏସିର ଅଧିକୃତ ପ୍ରଶିକ୍ଷକ ରାକେଶ କୁମାର ସାହୁ, ଅଭିଷେକ ଦାଶ, ପରୀକ୍ଷିତ ମିଶ୍ର, କଳ୍ପତରୁ ମାଝୀ ଓ ଚନ୍ଦ୍ରକାନ୍ତ ନାୟକ ପ୍ରମୁଖ ଉପସ୍ଥିତ ରହି ବିଶ୍ୱବିଦ୍ୟାଳୟର କର୍ମଚାରୀମାନଙ୍କୁ ସିଷ୍ଟମ୍‌ର ବିଭିନ୍ନ ବୈଷୟିକ ଦିଗ

ସମ୍ପର୍କରେ ବିସ୍ତୃତ ଭାବେ ଅବଗତ କରାଇଥିଲେ । ସେମାନେ ସିଧାସଳଖ ପ୍ରଦର୍ଶନ (ଲାଇଭ୍ ଡେମୋ) ମାଧ୍ୟମରେ ସିଷ୍ଟମ୍‌ର ବ୍ୟବହାରିକ ପ୍ରୟୋଗ ଓ କାର୍ଯ୍ୟପ୍ରଣାଳୀ ବିଷୟରେ ତଥ୍ୟ ପ୍ରଦାନ କରିଥିଲେ । କୁଳପତି ସନ୍ତୋଷ କୁମାର ତ୍ରିପାଠୀଙ୍କ ସଭାପତିତ୍ୱରେ ଆୟୋଜିତ ଏହି ପ୍ରଶିକ୍ଷଣ କାର୍ଯ୍ୟକ୍ରମକୁ ପ୍ରଫେସର ଅଶାନ୍ତ ରଞ୍ଜନ ରାଉତ ସମନ୍ୱୟ କରିଥିଲେ । ଡିଜିଟାଲ୍ ଅଟୋମେସନ୍ ବ୍ୟବସ୍ଥାର ପ୍ରୟୋଗ ମାଧ୍ୟମରେ କାର୍ଯ୍ୟ ପ୍ରଣାଳୀକୁ ଅଧିକ ପ୍ରଭାବଶାଳୀ କରିବା ସହ ସ୍ୱଚ୍ଛ ଶାସନ ବ୍ୟବସ୍ଥାକୁ ସୁନିଶ୍ଚିତ କରିବା ଏହି କାର୍ଯ୍ୟକ୍ରମର ମୂଳ ଉଦ୍ଦେଶ୍ୟ ବୋଲି କୁଳପତି ମତ ପ୍ରକାଶ କରିଥିଲେ । ଏହି ଅବସରରେ ସ୍ନାତକୋତ୍ତର ପରିଷଦର ଅଧ୍ୟକ୍ଷ ପ୍ରଫେସର ସନ୍ତୋଷ କୁମାର ଅଗ୍ରୱାଲା, କୁଳସଚିବ ରୁକ୍ମିଣୀ ଦାସ, ବିଭିନ୍ନ ବିଭାଗର ମୁଖ୍ୟ, ସମନ୍ୱୟକାରୀ ଏବଂ ସମସ୍ତ ପ୍ରଶାସନିକ କର୍ମଚାରୀ ଉପସ୍ଥିତ ଥିଲେ । ଏହି ପ୍ରଶିକ୍ଷଣ ମାଧ୍ୟମରେ ବିଶ୍ୱବିଦ୍ୟାଳୟରେ ଇ-ଶାସନ ବ୍ୟବସ୍ଥାର ସୁଦୃଢ଼ୀକରଣ ସହ ପ୍ରଶାସନିକ କାର୍ଯ୍ୟରେ ଦ୍ରୁତତା, ଦକ୍ଷତା ଏବଂ ସ୍ୱଚ୍ଛତା ଆଣିବା ଦିଗରେ ଏକ ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପ ଗ୍ରହଣ କରାଯାଇଛି ।

କର୍ମ ବନ୍ଧନରୁ ନିସ୍ତାର ପାଇଁ ଭଜନ ଲୋଡା : ଭାଗବତ

ନୀଳଗିରି, ୨୩/୦୬ (ଆ.ପ୍ର) : ନିର୍ଗୁଣ ପୂର୍ବରୁ ସଗୁଣ ଉପାସନା ଜରୁରୀ । ଅନୁଭବର ଜ୍ଞାନ ଅପ୍ରକାଶ୍ୟ । ଅନୁତପ୍ତପଣ ବ୍ୟକ୍ତିକୁ ନିରବ ରଖେ । ଅନୁଭବ ମନରେ ମାତ୍ର ଉର୍ଦ୍ଧ୍ୱରେ ନୁହେଁ । ବନ୍ଧନ ଭୂତପ୍ରକୃତିର ଗୁଣସଙ୍ଗ ଯୋଗୁଁ ହୋଇଅଛି । କର୍ମବନ୍ଧନରୁ ନିସ୍ତାର ପାଇଁ ଭଜନ ଲୋଡା । ଭକ୍ତିଯୋଗ ପତନ ହେବାକୁ ଦିଏ ନାହିଁ । ଇନ୍ଦ୍ରିୟ ଲାଳସାରୁ ସ୍ୱାଦର ଜନ୍ମ । କାର୍ଯ୍ୟବ୍ୟସ୍ତତା ଖାଦ୍ୟର ସ୍ୱାଦ ବାରିବାକୁ ଦିଏ ନାହିଁ । ଭକ୍ତିଯୋଗ ସିଦ୍ଧ ଅବସ୍ଥାରେ ଉପନୀତ କରେ । ବିଜ୍ଞଙ୍କ ପଣରେ ସଚେତନତା ସର୍ବଦା ବାସକରେ । ଆସକ୍ତ ମନାରୁ ବିସ୍ମୃତି ଆସେ । ମାନବ ଜୀବନର ଭୁଲେ ମାତ୍ର ମୃତ୍ୟୁ ଜିହ୍ୱା ଲାଳସା ଚରିତାର୍ଥ ଅଟେ । ଭୌତିକ ସଦ୍‌ଗୁଣରେ ପ୍ରବେଶ ଭଲ ଓ ମନ୍ଦ ଧାରଣା ଅଟେ । ସମର୍ପିତ ଭାବ

ସମସ୍ୟା ସମାଧାନ କର୍ତ୍ତବ୍ୟ । ବ୍ୟକ୍ତି ମୃତ୍ୟୁକୁ ବ୍ୟକ୍ତିକୁ ଭୁଲେ ନାହିଁ । କରିବା ପଶୁତ୍ୱ ରାତ ଗୁଣରୁ ମୁକ୍ତ ହେଲେ କରିବା ସହଜ ହୁଏ । ମଣିଷର ମନୋଧର୍ମ ଦୁଃଖ ଦୂର କରିବାର ମାଧ୍ୟମ ଅଟେ । ଭକ୍ତ ହିଁ ଅନୁଭୂତି ସମ୍ପନ୍ନ ମହାତ୍ମା ଅଟନ୍ତି । ହିଂସା ଆଚରଣ କରିବା ପଶୁବିଚାର ଅଟେ । ସର୍ବୋପରି ସଂସାରକୁ ସହିବା ହିଁ ଜଡ଼ତ୍ୱ ପ୍ରାପ୍ତିବୋଲି ସ୍ୱର୍ଣ୍ଣଚୂଡ଼ ସାହିତ୍ୟ ପରିବାର ଦ୍ୱାରା ଶହେତାରି ତମ ଭାଗବତୀୟ ସନ୍ଧ୍ୟାରେ ପଂଚମ ସ୍କନ୍ଧ ନବମ ଅଧ୍ୟାୟ ଜଡ ଭରତଙ୍କ ଜନ୍ମ ଆଲୋଚନା ପରିପ୍ରେକ୍ଷୀରେ ପୁରୀର ବେଦାନ୍ତବିତ ଆଲୋଚକ ଡ଼. ପ୍ରଦୀପ କୁମାର ଆଚାର୍ଯ୍ୟ ଓ ଯାଜପୁରର ପଣ୍ଡିତ ଗୋବର୍ଦ୍ଧନ ପ୍ରଧାନ ପ୍ରକାଶ କରିଛନ୍ତି । ପ୍ରାରମ୍ଭରେ ପରିବାରର ବରିଷ୍ଠ ସଦସ୍ୟ ପଣ୍ଡିତ ନୀଳକଣ୍ଠ ତ୍ରିପାଠୀଙ୍କ ପୌରୋହିତ୍ୟରେ ଯଜ୍ଞଦୀପ ମିଶ୍ର ଓଁ କାର ଧ୍ୱନି, କୁମାରୀ ଜୟଶ୍ରୀ ପଣ୍ଡା ସ୍ୱାଗତ ସଂଗୀତ ଓ ଅନ୍ତିମ ପର୍ଯ୍ୟାୟରେ କୁମାରୀ ସ୍ମିତିପ୍ରଜ୍ଞା ମହାନ୍ତି କୃତଜ୍ଞତା ପୂର୍ବକ ଧନ୍ୟବାଦ ପ୍ରଦାନ କରିଥିଲେ । ଶେଷରେ କେନ୍ଦୁଝରର ସଦସ୍ୟ ଶିକ୍ଷାବିତ ରତିନାରାୟଣ ରାଉତ ଶାନ୍ତିପାଠ କରିଥିଲେ । ଏହି ପାଠଚକ୍ରରେ ବହୁ ବୁଦ୍ଧିଜୀବୀଙ୍କ ସହ ସହୃଦୟ ଶ୍ରୋତା ଯୋଗଦାନ କରିଥିଲେ ।

ବାଲେଶ୍ୱର-ଭଦ୍ରକ କେନ୍ଦ୍ରୀୟ ସମବାୟ ବ୍ୟାଙ୍କ ଓ ଏଫ୍ଏମ୍ ଆଲୁମିନି ପକ୍ଷରୁ ଅନୁଷ୍ଠିତ ହେଲା ସ୍ୱାସ୍ଥ୍ୟ ଶିବିର

ବାଲେଶ୍ୱର, ୨୩/୦୬ (ଆ.ପ୍ର) : ଫକୀର ମୋହନ କଲେଜ ଆଲୁମିନି ଆସୋସିଏସନ ଏବଂ ବାଲେଶ୍ୱର-ଭଦ୍ରକ କେନ୍ଦ୍ରୀୟ ସମବାୟ ବ୍ୟାଙ୍କର ମିଳିତ ଆନୁକୂଲ୍ୟରେ ରବିବାର ବିବିସିସି ବ୍ୟାଙ୍କର ସମ୍ମିଳନୀ କକ୍ଷରେ ଏକ ସ୍ୱାସ୍ଥ୍ୟ ଶିବିର ଅନୁଷ୍ଠିତ ହୋଇଯାଇଛି । ଏହି ଶିବିରରେ ୫୦ରୁ ଅଧିକ ବ୍ୟକ୍ତି ଯୋଗ ଦେଇ ବିଏମ୍‌ଡି ପରୀକ୍ଷା କରାଇଥିଲେ । ଶିବିର ଆରମ୍ଭ ପୂର୍ବରୁ ଏକ ସ୍ୱାସ୍ଥ୍ୟ ସଚେତନତା ସଭା ଅନୁଷ୍ଠିତ ହୋଇଥିଲା । ବ୍ୟାଙ୍କର ସଭାପତି ଗଣେଶ ମହାପାତ୍ରଙ୍କ ଅଧ୍ୟକ୍ଷତାରେ ଆୟୋଜିତ ଏହି ସଭାରେ ଏଫ୍ଏମ୍ ଆଲୁମିନିର ସଭାପତି ଡା. ପ୍ରଭାତ ଚୌଧୁରୀ, ଉପସଭାପତି ଅନିଲ କୁମାର ପଟ୍ଟନାୟକ, ବ୍ୟାଙ୍କର ନିର୍ଦ୍ଦେଶିକା ଅନିତା ଭୂୟାଁ, ଡିଜିଏମ୍

ହିମାଂଶୁ ଶେଖର ଦାସ, ଏଜିଏମ୍ ବ୍ରଜ କିଶୋର କର ଓ ପ୍ରଶାନ୍ତ ଦାସ ପ୍ରମୁଖ ଉପସ୍ଥିତ ରହି ସ୍ୱାସ୍ଥ୍ୟ ସଚେତନତା ସମ୍ପର୍କରେ ମତବ୍ୟକ୍ତ କରିଥିଲେ । ଡା. ପ୍ରଭାତ ଚୌଧୁରୀ ବିଏମ୍‌ଡି ପରୀକ୍ଷାର ଆବଶ୍ୟକତା ଓ ଉଦ୍ଦେଶ୍ୟ ସମ୍ପର୍କରେ ବିସ୍ତୃତ ଆଲୋଚନା କରିଥିଲେ । ସେ କହିଥିଲେ ଯେ, ଅଷ୍ଟିଓପୋରୋସିସ ଓ ଅଷ୍ଟିଓପେନିଆ ଭଳି ହାଡ଼ଜନିତ ସମସ୍ୟା ଶରୀରର ବିଭିନ୍ନ ଅଂଶରେ ଯନ୍ତ୍ରଣା ସୃଷ୍ଟି କରିବା ସହ ଗୁରୁତର ସ୍ୱାସ୍ଥ୍ୟ ସମସ୍ୟାର କାରଣ ହୋଇପାରେ । ଉପଯୁକ୍ତ ସମୟରେ ପରୀକ୍ଷା ଓ ଚିକିତ୍ସା ମାଧ୍ୟମରେ ଏହି ସମସ୍ୟାଗୁଡ଼ିକର ଉପଶମ ସମ୍ଭବ ବୋଲି ସେ ମତ ପ୍ରକାଶ କରିଥିଲେ । ପରୀକ୍ଷା ରିପୋର୍ଟ ଅନୁଯାୟୀ ସେ ଉପସ୍ଥିତ ବ୍ୟକ୍ତିମାନଙ୍କୁ ଆବଶ୍ୟକ ପରାମର୍ଶ ଓ ଔଷଧ ସେବନ ସମ୍ପର୍କିତ ସୂଚନା ମଧ୍ୟ ପ୍ରଦାନ କରିଥିଲେ । ଶେଷରେ ଆଲୁମିନିର ଉପସଭାପତି ଅନିଲ କୁମାର ପଟ୍ଟନାୟକ ଧନ୍ୟବାଦ ଅର୍ପଣ କରିଥିଲେ । ଏହି ଶିବିର ପରିଚାଳନାରେ ଆଲୁମିନିର ଶତ୍ରୁଘ୍ନ ମଲ୍ଲିକ, ରାମଚନ୍ଦ୍ର ସେଠୀ, ପୀତାମ୍ବର ଦାସ, ଦେବାଶିଷ ପାଣି, ଅକ୍ଷୟ ତ୍ରିପାଠୀଙ୍କ ସମେତ ବ୍ୟାଙ୍କର ବହୁ କର୍ମଚାରୀ ସକ୍ରିୟ ସହଯୋଗ କରିଥିଲେ ।

ମହିଁଶାଳୀ ମୁହାଁଣରେ ମୁନ୍ କମ୍ୟୁନିକେସନ ପକ୍ଷରୁ ପାଳିତ ହେଲା ଆନ୍ତର୍ଜାତୀୟ ନୀଳରକ୍ତ କଙ୍କଡା ଦିବସ

ବାଲେଶ୍ୱର, ୨୩/୦୬ (ଆ.ପ୍ର) : ସାମାଜିକ ସଂଗଠନ 'ମୁନ୍ କମ୍ୟୁନିକେସନ' ପକ୍ଷରୁ ମହିଁଶାଳୀ ମୁହାଁଣ ଠାରେ ଆନ୍ତର୍ଜାତୀୟ ନୀଳରକ୍ତ କଙ୍କଡା ଦିବସ ପାଳିତ ହୋଇଯାଇଛି । ସଂଗଠନର ସମ୍ପାଦକ ଅବନୀ କୁମାର ଜେନାଙ୍କ ନେତୃତ୍ୱରେ ଆୟୋଜିତ ଏହି ସଚେତନତା କାର୍ଯ୍ୟକ୍ରମରେ ମୁହାଁଣ ଅଂଚଳର ଡଙ୍ଗା ଓ ଟ୍ରଲର୍ ମାଲିକଙ୍କ ସହ ସେମାନଙ୍କର କର୍ମଚାରୀମାନେ ଯୋଗ ଦେଇଥିଲେ । କାର୍ଯ୍ୟକ୍ରମରେ ନୀଳରକ୍ତ କଙ୍କଡାର ଜୀବନଶୈଳୀ, ଚିକିତ୍ସା ବିଜ୍ଞାନ କ୍ଷେତ୍ରରେ ଏହାର ରକ୍ତର ଗୁରୁତ୍ୱପୂର୍ଣ୍ଣ ଅବଦାନ ଏବଂ ସାମୁଦ୍ରିକ ଜୈବ ବିବିଧତା ସୁରକ୍ଷାରେ ଏହାର ଭୂମିକା ସମ୍ପର୍କରେ ବିସ୍ତୃତ ଆଲୋଚନା ହୋଇଥିଲା । ପରିବେଶ କର୍ମୀ ଉଦୟ ଭାନୁ ନାୟକ ଓ ମୁରଲୀଧର ମହାନ୍ତି ଯୋଗଦେଇ ଉପକୂଳ ବିକାଶ ପ୍ରକଳ୍ପ ଅନ୍ତର୍ଗତ ବେଳାଭୂମିରେ ବ୍ୟାପକ କଂକ୍ରିଟ ବନ୍ଧ ନିର୍ମାଣ ଫଳରେ ନୀଳରକ୍ତ କଙ୍କଡାଙ୍କ ଅଣ୍ଡାଦାନ ପ୍ରକ୍ରିୟା କିପରି ପ୍ରଭାବିତ ହେଉଛି ସେ ସମ୍ପର୍କରେ ଆଲୋକପାତ କରିଥିଲେ । ସେମାନେ ମନୁଷ୍ୟକୃତ

ଜାଲରେ ଫସି ନୀଳରକ୍ତ କଙ୍କଡାଙ୍କ ମୃତ୍ୟୁ ରୋକିବା ପାଇଁ ଜନସାଧାରଣଙ୍କୁ ସଚେତନ କରାଇଥିଲେ । ବକ୍ତାମାନେ ମତ ଦେଇଥିଲେ ଯେ, ନୀଳରକ୍ତ କଙ୍କଡାମାନେ ଅଣ୍ଡାଦାନ ପାଇଁ ଏହି ଉପକୂଳକୁ ବିଶେଷ ଭାବେ ଚୟନ କରୁଥିବାରୁ ସରକାର ଏହି ଅଂଚଳକୁ ଅଭୟାରଣ୍ୟ ଭାବେ ବିକଶିତ କରିବା ସହ ସେମାନଙ୍କ ବଂଶବୃଦ୍ଧି ଓ ସଂରକ୍ଷଣ ପାଇଁ ସ୍ୱତନ୍ତ୍ର ବଜେଟ ବ୍ୟବସ୍ଥା କରିବା ଆବଶ୍ୟକ । ଶେଷରେ ମୁହାଁଣ ଅଂଚଳରେ ଜାଲ ସଫେଇ ଅଭିଯାନ କରାଯାଇଥିଲା । ଜାଲରେ ଫସି ରହିଥିବା ଅନେକ ନୀଳରକ୍ତ କଙ୍କଡାଙ୍କୁ ଉଦ୍ଧାର କରି ପୁନର୍ବାର ନଦୀରେ ଛାଡ଼ି ଦିଆ ଯାଇଥିଲା । କାର୍ଯ୍ୟକ୍ରମ ପରିଚାଳନାରେ ଜଳଧର ବେହେରା, ଜିତେନ୍ଦ୍ର ଦାସ, କାର୍ତ୍ତିକ ନାୟକ, କରୁଣାକର ଜେନା ଓ ମାଗୁଣିଚରଣ ଦାସ ପ୍ରମୁଖ ସହଯୋଗ କରିଥିଲେ ।

ଦଶପଲ୍ଲା ପୋଲିସ ପକ୍ଷରୁ ଜୋରଦାର ବାଇକ ଚେକିଂ

ଦଶପଲ୍ଲା, ୨୩/୦୬ (ଆ.ପ୍ର) : ସଡ଼କ ଦୁର୍ଘଟଣା ରୋକିବା ଓ ଟ୍ରାଫିକ୍ ନିୟମ କଡ଼ାକଡ଼ି ପାଳନ କରିବା ଉଦ୍ଦେଶ୍ୟରେ ଦଶପଲ୍ଲା

ପୋଲିସ ପକ୍ଷରୁ ଆଜି ସ୍ଥାନୀୟ ବାରପୁରିକିଆ ଛକ ନିକଟରେ ବ୍ୟାପକ ଯାଂଚ କରାଯାଇଛି । ଦଶପଲ୍ଲା ଥାନା ଅଧିକାରୀ ବିନୟ ରଞ୍ଜନ ପରିଡ଼ାଙ୍କ ନିର୍ଦ୍ଦେଶ ରେ ହୋଇଥିବା ଏହି ଚେକିଂରେ ବାଇକ୍ ଚାଳକମାନଙ୍କ କାଗଜପତ୍ର, ଡ୍ରାଇଭିଂ ଲାଇସେନ୍ସ ଓ ବୀମା ଯାଂଚ କରାଯାଇଥିଲା । କେବଳ ଜୋରିମାନା ନୁହେଁ, ଦଶପଲ୍ଲା ପୋଲିସ ତରଫରୁ ଚାଳକମାନଙ୍କୁ ସଚେତନ ମଧ୍ୟ କରାଉଥିଲେ । ଗାଡ଼ି ଚାଳନା ସମୟରେ ମଦ୍ୟପାନ ନ କରିବା, ସର୍ବଦା ହେଲମେଟ୍ ପିନ୍ଧିବା, ଦ୍ରୁତ ଗତିରେ ଗାଡ଼ି ନ ଚଳାଇବା ଓ ଟ୍ରାଫିକ୍ ନିୟମ ମାନିବାକୁ ପରାମର୍ଶ ଦେଇଥିଲେ ।

ଆଗରେ ମିଠାଇ ବିକ୍ରି ପଛରେ ଗ୍ୟାସ ରାକେଟ

ଭୋଗରାଇ, ୨୩/୦୬ (ଆ.ପ୍ର) : ଆଗରେ ମିଠାଇ ଦୋକାନ ପଛରେ ଗ୍ୟାସ ରାକେଟ । ମଙ୍ଗଳବାର ମିଠାଇ ଦୋକାନରୁ ୨୫ଟି ବେଆଇନ ଗ୍ୟାସ ସିଲିଣ୍ଡର ଜବଦ । ଗୋଟିଏ ଦୋକାନରେ ୨୫ଟି ସିଲିଣ୍ଡର । ବେଆଇନ ସିଲିଣ୍ଡରକୁ ନେଇ ଚାଲିଥିଲା ଗ୍ୟାସ ରିଫଲିଙ୍ଗ । ବାଲେଶ୍ୱର ଜିଲ୍ଲା ଭୋଗରାଇ ବ୍ଲକ କାକାହି ସ୍କୁଲଛକ ନିକଟରେ ଥିବା କାଳୀମାତା ସୁଇଟରେ ଦେଖିବାକୁ ମିଳିଛି ଏଭଳି ଘଟଣା । ଏହି ଦୋକାନ ଆଗରେ ଚାଲିଥିଲା ମିଠାଇ ବିକ୍ରି ଓ

ପଛରେ ଚାଲିଥିଲା ଗ୍ୟାସର କଳାକାରନାମା । ଭୋଗରାଇ ଯୋଗାଣ ଅଧିକାରୀ ଅମ୍ବିକା ପ୍ରସାଦ ରଥ ଖବର ପାଇ ଆଜି ଚଢ଼ାଉ କରିଥିବା ବେଳେ ଘଟଣା ସ୍ଥଳରେ ବଢ଼ିଥିଲା ଯୁକ୍ତିତର୍କ । ଦୀର୍ଘ ସମୟ ଚଢ଼ାଉ ପରେ ୨୫ ଟି ଗ୍ୟାସ ସିଲିଣ୍ଡର ଜବଦ ସହିତ ଗ୍ୟାସ ତୁଳାକୁ ମଧ୍ୟ ଜବଦ କରିଛନ୍ତି ଯୋଗାଣ ଅଧିକାରୀ । ତେବେ ସାରା ଦେଶରେ ଗ୍ୟାସ୍ ସଂକଟ ଭିତରେ ଗୋଟିଏ ମିଠା ଦୋକାନରେ ଏଭଳି ଗ୍ୟାସ ରାକେଟ ପଶ୍ଚିମ ବଙ୍ଗକୁ ଚୋରା ଚାଲାଣ କରାଯାଉଥିବା ନେଇ ସ୍ଥାନୀୟ ଲୋକେ ଆଲୋଚନା କରୁଛନ୍ତି ।

ସେଇଠୁ ଆରମ୍ଭ
SEITHO ARAMBHA
ବୁଧବାର, ୨୪ ଜୁନ୍, ୨୦୨୬ : ବାଲେଶ୍ବର : ପୃଷ୍ଠା -୪

ଅନ୍ୟକୁ ଦୁଃଖ ଦେଇ ଯେଉଁ ସୁଖ ଲାଭ କରାଯାଏ, ସେ ସୁଖ ଆଦୌ ଲୋଡ଼ା ନୁହେଁ
- ବୁଦ୍ଧଦେବ

ସମ୍ପାଦକୀୟ...

ଆଦର୍ଶବାଦ

ଆଦର୍ଶବାଦ ହେଉଛି ସର୍ବ ପ୍ରାଚୀନ ଏବଂ ବହୁଜନ ଚର୍ଚ୍ଚିତ ମତବାଦ । ପ୍ଲାଟୋ ହେଉଛନ୍ତି ଆଦର୍ଶବାଦ ର ଜନକ । ଆଦର୍ଶବାଦ ର ଅର୍ଥ ହେଲା ' ଆଦର୍ଶ' ବା 'ଧାରଣା' । ପ୍ରତ୍ୟେକ ମନୁଷ୍ୟ ଏକ ମାନସିକ ଶକ୍ତି ଧାରଣ କରିଥାଏ । ଏହି ମାନସିକ ଶକ୍ତି ତାର ସମସ୍ତ କାର୍ଯ୍ୟକଳାପ କୁ ନିୟନ୍ତ୍ରଣ କରେ । ବିଶିଷ୍ଟ ଆଦର୍ଶବାଦ ପ୍ଲାଟୋଙ୍କ ମତରେ ମନୁଷ୍ୟ ମନ ଭିତରେ ଯାହା ରହିଛି ତାହା ହିଁ ଧାରଣା । ଏହି ଧାରଣା ଟି ଏତେ ସହଜରେ ଯେ କୌଣସି ପରିସ୍ଥିତି ରେ ପରିବର୍ତ୍ତନଶୀଳ ନୁହେଁ । ଧାରଣା ଟି ପ୍ରକୃତ, ବାସ୍ତବ ଏବଂ ଚିରନ୍ତନ । ମନେ କରାଯାଉ ଏକ ଶିକ୍ଷାର୍ଥୀ ମନରେ ଜଣେ ଶିକ୍ଷକଙ୍କ ପ୍ରତି ଏକ ଧାରଣା ଜାଗ୍ରତ ହେଲା ଯେ ଜଣେ ନିର୍ଦ୍ଦିଷ୍ଟ ଶିକ୍ଷକ ହେଉଛନ୍ତି ତାର ଆଦର୍ଶ ଏବଂ ସେ ହିଁ ଉତ୍ତମ ଶିକ୍ଷକ । ଏହି ଧାରଣା ଟି ସୃଷ୍ଟି ହେବାର ଅର୍ଥ ହେଲା ଯେ ଶିକ୍ଷକ ଙ୍କର ଚାଲିଚଳନ, ଭାବଭଙ୍ଗୀ, କଥାବାର୍ତ୍ତା, ଶିକ୍ଷାଦାନ ଶୈଳୀ, ବେଶପୋଷାକ ରେ ଶିକ୍ଷାର୍ଥୀ ଟି ଅନୁପ୍ରାଣିତ । ଶିକ୍ଷାର୍ଥୀ ଟି ଯଦି ମାନସିକ ଭାବେ ନିଜ ଧାରଣାରେ ବିଶ୍ୱାସ କରେ ଜଣେ ନିର୍ଦ୍ଦିଷ୍ଟ ଶିକ୍ଷକ ହେଉଛନ୍ତି ତାର ଆଦର୍ଶ ଶିକ୍ଷକ, ସେ ଭଳି ପରିସ୍ଥିତିରେ ଶିକ୍ଷକଙ୍କ ପ୍ରତ୍ୟେକ ଟି କାର୍ଯ୍ୟକୁ ସେ ଅତି ନିକଟରୁ ଅନୁସରଣ କରେ । ଆଦର୍ଶ ଶିକ୍ଷକ ଯେଉଁ ବିଷୟ ପଢ଼େଇବେ ସେ ବିଷୟ ଟି ଶିକ୍ଷାର୍ଥୀ ର ମନଲାଖି ବିଷୟ ହେବ ଏପରିକି ଶିକ୍ଷକଙ୍କ ବେଶପୋଷାକ, କଥାବାର୍ତ୍ତା ମଧ୍ୟ ଶିକ୍ଷାର୍ଥୀ ର ହୃଦୟକୁ ସ୍ପର୍ଶ କରିବ ଏଥିରେ ତିଳେମାତ୍ର ସନ୍ଦେହ ନାହିଁ । ଏହିପରି ହେବାର ମୂଳ କାରଣ ହେଉଛି ଶିକ୍ଷାର୍ଥୀର ଶିକ୍ଷକଙ୍କ ପ୍ରତି ଥିବା 'ଧାରଣା' । ଏଠାରେ 'ଉତ୍ତମ' ହିଁ ଶିକ୍ଷାର୍ଥୀ ର ଧାରଣା । ସମୟ ଆସିପାରେ ହୁଏତ ଶିକ୍ଷକ ଙ୍କ ପାର୍ଥିବ ଶରୀର ନଥାଇ ପାରେ କିନ୍ତୁ ତାଙ୍କ ପାଇଁ ଶିକ୍ଷାର୍ଥୀ ମନରେ ଥିବା ଧାରଣାଟିର କେବେ ଅବକ୍ଷୟ ହୁଏ ନାହିଁ । ସେହିଭଳି ଦେଖିଲେ ଫୁଲର ବିଲୁପ୍ତ ଘଟିପାରେ କିନ୍ତୁ ତାର ସୌନ୍ଦର୍ଯ୍ୟ ର ନୁହେଁ କିମ୍ବା ବଂଶୀ ଟି କ୍ଷୟ ହୋଇପାରେ କିନ୍ତୁ ବଂଶୀର ମଧୁର ସ୍ୱରର କେବେବି ଅବକ୍ଷୟ ହୋଇପାରେ ନାହିଁ । ଆଦର୍ଶବାଦ ହେଉଛି ସର୍ବ ପୁରାତନ ମତବାଦ । ଆଦର୍ଶବାଦୀ ମାନଙ୍କ ମତରେ ମନୁଷ୍ୟର ଆଧ୍ୟାତ୍ମିକ ପ୍ରକୃତି ସର୍ବଶ୍ରେଷ୍ଠ ଅଟେ । ମନୁଷ୍ୟ ପାଖରେ ଇଶ୍ୱରୀୟ ଗୁଣମାନ ବିରାଜମାନ କରୁଥିବାରୁ ମନୁଷ୍ୟ ସର୍ବଦା ଚିରନ୍ତନ ସତ୍ୟ ଉପରେ ଗୁରୁତ୍ୱାରୋପ କରେ । ସେମାନେ ଚିନ୍ତା କରନ୍ତି ସତ୍ୟମ୍, ଶିବମ୍, ସୁନ୍ଦରମ୍ । ମିଛମାୟା ସଂସାରରୁ ମୁକ୍ତି ପାଇବାକୁ ହେଲେ ଇଶ୍ୱରଙ୍କ ମାର୍ଗ ଅନୁସରଣ କରିବା ବାଞ୍ଛନୀୟ । ବିଶ୍ୱନିୟନ୍ତା ଙ୍କ ସୃଷ୍ଟି ରେ ମନୁଷ୍ୟ ଅନ୍ୟ ସମସ୍ତ ପ୍ରାଣୀଙ୍କ ଠାରୁ ଭିନ୍ନ ହୋଇଥିବାରୁ ସମାଜରେ ତାର ସ୍ୱତନ୍ତ୍ରତା ରହିଅଛି । ଜୀବନରେ ବ୍ୟକ୍ତିତ୍ୱର ଉତଥାନ ହିଁ ଏହି ଦର୍ଶନ ର ମୂଳମନ୍ତ୍ର । ମାନସିକ କିମ୍ବା ଆଧ୍ୟାତ୍ମିକ, ଭୌତିକ ଠାରୁ ଅଧିକ ବାସ୍ତବତା ଅଟେ । ଆଦର୍ଶବାଦ ସାର୍ବଭୌମିକ ମନରେ ବିଶ୍ୱାସ ସୃଷ୍ଟି କରେ । ଆଦର୍ଶବାଦୀ ମାନଙ୍କ ମତରେ ସଂସାରର ଏକମାତ୍ର ସତ୍ୟ ହେଉଛନ୍ତି ଇଶ୍ୱର, ମନୁଷ୍ୟ ଇଶ୍ୱରଙ୍କ ସୃଷ୍ଟି, ମନୁଷ୍ୟ ଠାରେ ଇଶ୍ୱରୀୟ ଶକ୍ତି ଅଛି , ପାର୍ଥିବ ବସ୍ତୁ ଅପେକ୍ଷା ଆଦର୍ଶ ଓ ମୂଲ୍ୟବୋଧ କୁ ଗୁରୁତ୍ୱ, ଆତ୍ମଜ୍ଞାନ ହିଁ ପ୍ରକୃତ ଜୀବନ ଯାହା ସତ୍ୟ ଏବଂ ଚିରସ୍ଥାୟୀ ଅଟେ । ଏହି ମତ ଗୁଡ଼ିକୁ ଆଦର୍ଶବାଦ ର ମୌଳିକ ନୀତି ରୂପେ ଅଭିହିତ କରାଯାଏ । ଏହି ଶିକ୍ଷା ମାଧ୍ୟମରେ ଶିକ୍ଷାର୍ଥୀ ମାନଙ୍କର ମାନସିକ, ଶାରୀରିକ,ତଥା ଆଧ୍ୟାତ୍ମିକ ବିକାଶ, ସର୍ବଜନୀନ ଶିକ୍ଷା, ସତ୍ୟ, ଶିବ ସୁନ୍ଦର ର ସନ୍ଧାନ, ଶାରୀରିକ ବିକାଶ, ସରଳ ଜୀବନ,ଉଚ୍ଚ ଭାବନା, ସୃଜନଶୀଳତା ର ବିକାଶ ଓ ନୈତିକତା ର ବିକାଶ କରିବା ପ୍ରଧାନ ଲକ୍ଷ୍ୟ ଅଟେ । ଆଦର୍ଶବାଦ ସବୁବେଳେ ସେହି ପାଠ୍ୟକ୍ରମ କୁ ଗୁରୁତ୍ୱ ଦେଇ ଆସିଛି ଯାହାକି ଏକ ବ୍ୟକ୍ତିକୁ ଅର୍ଥବୋଧକ ଜ୍ଞାନ ଓ ବିଜ୍ଞତା ଯୋଗାଇଥାଏ ।

ଏ କାନ କ'ଣ ଶୁଣୁଛି, ଏ ଆଖି କ'ଣ ଦେଖୁଛି ?

॥ ଉତ୍କଳାନନ୍ଦ ଅଜୟ କୁମାର ବେହେରା ॥

ସମୟ ବଦଳ ଯୁଗ ଚକ୍ର ରେକର୍ଡ଼ରେ ଅଛି, ଯାହା ପୁରାଣରୁ ମିଳୁଛି ପ୍ରତିବର୍ଷ ପାଞ୍ଜିରେ ଲେଖା ରହୁଛି । ପ୍ରତ୍ୟେକ ଦିନରେ କଳିଯୁଗ କେତେ ଦିନ ବିଗତ ହେଉଛି ଅନେକ ପାଞ୍ଜିରେ ଲେଖା ରହିଛି । ଦିନ ଗୁଡ଼ିକ ଅର୍ଦ୍ଧରାଣି ରୂପେ ଲେଖା ଅନେକ ପାଞ୍ଜିରେ ଲେଖିଥିବା ବେଳେ ଅନେକ ପାଞ୍ଜିରେ ଶତାବ୍ଦ ଆଗମ ପଣା ସଂକ୍ରାନ୍ତି ଦିନ । କଳି ଯୁଗ କେତେ ବର୍ଷ ସୌରମାନ ଦିନ ସମଷ୍ଟିରେ ଗତ ହେଲା ଲେଖାଥାଏ । ଏ ମହାଯୁଗର ତିନି ଯୁଗ ଶେଷ ହୋଇ ଚତୁର୍ଥ ଯୁଗ, କଳିଯୁଗ ଚାଲୁଛି । କଳ୍ପ, ଯୁଗ, ସମ୍ବତ୍ସର, ଋତୁ, ମାସ, ପକ୍ଷ, ତିଥି, ବାର ଅଦିର ଧାର୍ଯ୍ୟ ଫଳର କିଛି ସୁଫଳ କୁଫଳର ଲେଖାଅଛି ତାହା ଭଣା ଅଧିକେ ଅନୁଭୂତ ହେଉଛି । ହେଲେ ଏହି କେତେ ବର୍ଷ ହେଲା ଦେଖାଯାଉଛି ଆମ ଦେଶରେ ନୁହେଁ ବହୁଦେଶରେ ଲୋକ ଅନେକ ସ୍ୱେଚ୍ଛାଚାରୀ ହୋଇ ପ୍ରାକ୍ ଯୁଗର ଶାସ୍ତ୍ର ନିୟମକୁ ନ ମାନି ମନୋଜ୍ଞ ବ୍ୟବସ୍ଥାରେ ନିୟମ ବଦଳାଇ ଧର୍ମ, ଜାତି, କୁଳ ବୟସର ସୀମା ନ ମାନି ମିତର ହୋଇ ଅଶାସୀୟ ଅନୀତି କାର୍ଯ୍ୟମାନ କରୁଛନ୍ତି ।

ଯେଉଁ ଭୋଜନ ଦ୍ରବ୍ୟ ମନୁଷ୍ୟ ଶରୀର ପାଇଁ ଉପଯୁକ୍ତ ତାହା ବର୍ତ୍ତମାନ ନାନା ପ୍ରକାରରେ ବାଟବେଣା, ବଣିକ ବୃତିରେ, ଖାଦ୍ୟ ପଦାର୍ଥରେ ଭେଜାଲ, ମିଳାବଟ ନାମରେ, ରଙ୍ଗରେ, ବାସ୍ନାରେ, ଆକୃତିରେ ଦ୍ରବ୍ୟ ମିଳୁଛି । ମାତ୍ର ତାହା ପ୍ରକୃତ ଦ୍ରବ୍ୟ ନୁହେଁ । କଟା ମାଲିକ ଦେବଗୁଣ ସମ୍ପନ୍ନ ନୁହଁନ୍ତି ପଦବୀରେ ରହି ଅନୀତିରେ ସର୍ବୋପରି ଏହି ପଥରେ ସ୍ୱାର୍ଣ୍ଣର ସମ୍ପତ୍ତି ଧନ ବଢ଼ାଇବାରେ ଲାଗି ପଡୁଛନ୍ତି । ଅଳକା ପୁରୀ ମାଲିକ ଯକ୍ଷ ରାଜକୁବେର ହେବା ଦୌଡ଼ରେ ଧାବିତ । ନବନିଧି ତାଙ୍କର ଅଲିଶାନ ମହଲରେ କେବଳ ପୋଲିସ ସିପିଆଇଙ୍କ ଦର୍ଶନ ପାଇଁ ରହିଛି । ଭୂଗର୍ଭ ନିଧିକୁ ଅର୍ଥରେ ବଦଳାଇ ଏବେ କିଂବୃତ ଦାନ ଚୌରାତ କେବଳ ଉଡ଼ିବା କୁଆଙ୍କ ମଣ୍ଡ୍ୟ ବନ୍ଦ ଉଦ୍ଦେଶ୍ୟ, ଅନବରତ ଗାଦିରେ ରହିବାର ଉପାୟ ବିଦ୍ୟାର ଏକ ଅଂଶରେ ଏ ଦାନ ଚୌରାତ କାର୍ଯ୍ୟ । ଜନସଂଖ୍ୟା ବିସ୍ଫୋରଣକୁ ପୂର୍ବବାର ପରିଧି ପରିସୀମା ସ୍ଥିର, ପ୍ରତି ସ୍ଥଳରେ ଅନୁପ୍ରବେଶକାରୀ ଧସେଇ ପଶି ଭୋଟର ବନି ସ୍ଥାୟୀ ନାଗରିକ ହେଇଯାଉଛନ୍ତି । ପୁଣି ଦେଶର ଫାଇଦା ନେବା ସହ ଦେଶର ବିବାହ ନିୟମ ସନ୍ତାନ ବୃଦ୍ଧି ନିମୟକୁ ତାଙ୍କ ଧର୍ମରେ ଏପରି ନାହିଁ କହି ଦେଶ ନିୟମକୁ ଏଥିରେ ଅମାନ୍ୟ କରି ଜନସଂଖ୍ୟା ବୃଦ୍ଧିର ଏକ ମୁଖ୍ୟ କାର୍ଯ୍ୟକାର ବନିଯାଉଛନ୍ତି । ବାସଗୃହ ସମସ୍ୟା ବେଳକୁ ବେଳ ବଢୁଛି ଦେଶର ଏମିତି ବ୍ୟବସ୍ଥା ଶସ୍ୟକ୍ଷେତ୍ର ଲୁପ୍ତ କରି ଖାଲି ଘର ତିଆରି, ଶିଳ୍ପ କାରଖାନା, ବଡ଼ ବଡ଼ ଚଉଡ଼ା ରାସ୍ତା ନିର୍ମାଣ ଆଦେଶ ଦିଆଯାଉଛି । ଶ୍ରମିକ ଏତେ ଅଭାବ ଯେ ଶସ୍ୟ କ୍ଷେତ୍ରରେ ଚାଷ ହୋଇପାରୁନାହିଁ, ପୂର୍ବେ କମ ଲୋକରେ ଏପରି ଶସ୍ୟ ଶ୍ୟାମଳା ଚାଷ କ୍ଷେତ୍ର ପାଉଥିଲା ଦେଖିଲେ ଖୁବ ତୋଷ ଲାଗୁଥିଲା । କିନ୍ତୁ ବହୁଜନ ବୃଦ୍ଧିରେ ଚାଷ ଜମି ଲକ୍ଷ୍ମୀଛଡ଼ା । ଚନ୍ଦାମୁଣ୍ଡ ପରି ଅରାଏ ଅରାଏ ପଡ଼ିଆ ଦୃଶ୍ୟ ସବୁ ଚକରି ଦେଖାଯାଉଛି । ଏମିତି ଉପାୟ କାଏମ ହେଲା ଲୋକଙ୍କୁ ସ୍ୱାଂଶରୁ ପ୍ରାପ୍ତ ଧାନକୁ ବିକ୍ରି କରି ଚାଉଳ କିଣି ଖାଇବାକୁ ପଡ଼ିଲାଣି । ମୁଗ, ଗଡି ଫସଲ, ଚରଗୁଡ଼ି କୁଆଡ଼େ ବିଲୁପ୍ତ, ମୁଗ ଛୁଇଁ ପିଠାଦିନର ଆମୋଦ କଂଶ ସଖ ଖାଦ୍ୟ ଏବେ ଅଦେଖା । ଗୁଡ଼ ସାତସ୍ୱୁ, ଆଖୁ ଚାଷର ଛୁଆ ଲୋକଙ୍କ ନାହିଁ, ଯାହା ଅଛି ମଦ ନିର୍ମାତାଙ୍କ ନିମିତ୍ତ କ୍ଷେତରୁ ବୁହାହୋଇ ଯାଉଛି । ଗ୍ରାମରେ କେତେ ପୋଖରୀ ଥିଲା, ନଦୀରୁ ପୋଖରୀରୁ ମିଠା ପାଣିର ମାଛ ଗ୍ରାମରେ ନିତ୍ୟ ମିଳୁଥିଲା, ନିଜ ପୋଖରୀର ଯତ୍ନ ଏବେ ଦେଖାଯାଉନାହିଁ । ସକଳ ସୁନ୍ଦର ଚାଲାଣି ମାଛ ବଜାରରୁ କିଣିଆଣିଲେ କାମ ଚଳିଯାଉଛି । ସେ ମାଛରେ ବରଫ, କେମିକାଲ ଦିଆହୋଇ ଆସୁଛି, ରୋଷେଇର ପାଚିକୁ ସୁହାଏ କିନ୍ତୁ ରୋଗ ମଞ୍ଜି ରୋପଣ ଏକଥା ବହୁତ ଦିନ ପରେ ଡାକ୍ତରଖାନାରେ ଜଣାପଡୁଛି ।

ଆମ ପରମ୍ପରା ଏକ ପିଲାଜନ୍ମ ହେଲା ପରେ ପରେ ତାର ଜନ୍ମ ଦିନକୁ ନଥି ରେକର୍ଡ଼ ପାଇଁ ଏକ ତାଳ ପତ୍ରରେ ଟିପ୍ପଣ ପ୍ରସ୍ତୁତି କରାଯିବ, ଏଥିରେ ଓଡ଼ିଶାର ଠାକୁର ରାଜାଙ୍କ ନାମ ତାଙ୍କର ଶାସନ କାଳର ଅଙ୍କ ରାଜା ବିକ୍ରମାଙ୍କ ସମ୍ବତ ଅଙ୍କ, ରାଜା ଶାଳିବାହାନଙ୍କ ଶକାବ୍ଦ ଅଙ୍କ ସୌରମାନ ମାସଦିନ, ଚାନ୍ଦ୍ରମାନ ମାସ, ତିଥି, ଯୋଗକରଣ, ବାର ଲେଖା ରହିଥାଏ । ସେପରି କାହାରି ଘରେ ଲୋକଙ୍କ ଜଣଙ୍କ ଦେହାନ୍ତ ଏହିପରି ମାସ ତିଥି ସମୟ ଲେଖା ରଖାଯାଉଥିଲା । ଏ ସବୁ ହିନ୍ଦୁ ମାନ୍ୟତା କିନ୍ତୁ ଏବେ ଖ୍ରୀଷ୍ଟାବ୍ଦ ତତ୍ ସମ୍ପର୍କୀୟ ମାସ ତାରିଖ, ଲୋକେ ଲେଖି ରଖିବା ଦେଖାଯାଉଛି ଏଥିରେ ଧର୍ମ ମତର ଆଉ ମୌଳିକତା ନାହିଁ, ପାଲିକିବଢ଼ା, ତୋଳା ଜନିଅଁ, ଦୁଇମତ ବିବାହ ଏବେ ସବୁ ସଂସ୍କାରୀ ତ ନିଜ ଗୃହରେ ଆଉ ବିବାହ ବେଦୀରେ ହେଉନାହିଁ, କଲ୍ୟାଣ ମଣ୍ଡପ, ହୋଟେଲରେ ରାଜକୀୟ ବିବାହ, ବିବାହରେ କେଉଁଠି ପଙ୍ଗତ ଭୋଜନ ତଳେ ପତ୍ର ପକାଇ ଭିଲଣ ଚଟାରେ ବସାଇ ଆତ୍ମୀୟତା ସହ କରାଯାଉ ନାହିଁ, ଆମନ୍ତ୍ରିତ ଅତିଥି ବାନ୍ଧବ ମାନେ ଥାଳି ଧରି ଭୋଜ୍ୟ ପଦାର୍ଥ ବିତରଣକରି ପାଖକୁ ଯାଇ ଭୋଜ୍ୟ ଦ୍ରବ୍ୟ ମାଗି ଆଣିବାକୁ ପଡୁଛି । ଯେ ପରିବେଷଣ କରୁଛନ୍ତି ସେ ଯେ ଅଚିହ୍ନା ଏପଟେ ତାଙ୍କ ପାଖରେ ଗୃହର ମୂଲ୍ୟବାନ ବନ୍ଧୁବି ଅଚିହ୍ନା, କେତେ ପ୍ରକାର ବେଂତର ଛତା ଲୋକେ ଖରାବର୍ଷାରେ ବ୍ୟବହାର କରୁଥିଲେ । ଏବେ ବର୍ଷା, ଖରା ବିଲୁପ୍ତ ନୁହେଁ କିନ୍ତୁ ଛତା କାହିଁ? ଦେବତା ଦର୍ଶନର ପ୍ରାଧାନ୍ୟ ବଢ଼ିଛି କିନ୍ତୁ ପ୍ରାର୍ଥନା ନିବେଦନ ଆରାଧନା କେଉଁ ମନ୍ଦିରରେ ନାହିଁ? ଗୁରୁ ଉପଦେଶ ଦେଇ ବାଟ ବୁଢ଼ାଙ୍କୁ ବାଟକୁ ଆଣିବା ଦେଖାଯାଉନାହିଁ, ଘରେ ଘରେ ଦେବଗୃହ ମାତ୍ର କଳି ମନାନ୍ତର ଛାଡ଼ ନାହିଁ । ମାଛ, ମାଂସ, ପିଆଜ ରସୁଣ ନଖାଇଲେ କେହି ବି ସତ୍ୟଗୁଣୀ ହୋଇନପାରେ ଏପାଇଁ ପରମ୍ପରା ଗୁରୁଗୁରୁଜନଙ୍କ ସେବା ଦରକାର କଥା, ଆଦେଶ ମାନିବା ଦରକାର । ଅନେକଙ୍କ ମୁହଁରେ ହରି ହରି କିନ୍ତୁ ବଗଲରେ ଛୁରୀ ।

ବରେଣ୍ୟ ବାଣୀ' ପିସି ସରକାର ଲେନ୍, ଅରୁଣୋଦୟ ମାର୍କେଟ, କଟକ, ଦୂରଭାଷ : ୯୪୩୭୦୩୧୨୫୩

ଇ-ଆଙ୍ଗଜାଇଟିର ଶିକାର ଯୁବବର୍ଗ

॥ ପ୍ରଫେସର ଡାକ୍ତର ସମ୍ରାଟ କର ॥

ଇ-ଆଙ୍ଗଜାଇଟି ବା ଇଲେକ୍ଟ୍ରୋନିକ୍ ଉତ୍କଣ୍ଠା ଏହା ଏପରି ଏକ ମନଦୋଷ, ଯାହା ଅତ୍ୟଧିକ କମ୍ପ୍ୟୁଟର ବ୍ୟବହାର କରିବା ଫଳରେ ସୃଷ୍ଟି ହୋଇଥାଏ । ଠିକ୍ ସମୟରେ ଏହି ରୋଗର ଉପଚାର କରା ନଗଲେ ରୋଗ କ୍ରମଶଃ ମାନସିକ ଅବସାଦ ଆଡ଼କୁ ଟାଣି ହୋଇଯାଇଥାଏ । ବିଭିନ୍ନ ଶାରୀରିକ ରୋଗ ମାଧ୍ୟମରେ ଏହାର ଲକ୍ଷଣ ପ୍ରକାଶ ପାଇଥାଏ । ତାହା ହେଉଛି ସାଧାରଣତଃ ଇ-ମେଲ୍ ବିଷୟରେ ଭାବିବା ମାତ୍ରେ ହିଁ ହୃତ୍‌ସ୍ପନ୍ଦନ ବଢ଼ିଯାଏ । ଏକ୍ଷେତ୍ରରେ ବାରମ୍ବାର ପରିସ୍ରା ଲାଗିଥାଏ, କେତେକ କ୍ଷେତ୍ରରେ ରକ୍ତଚାପ ବଢ଼ିଯାଏ । ସବୁଠାରୁ ବଡ଼କଥା ହେଉଛି ଏହାର ଶିକାର ହେଉଥିବା ଯୁବବର୍ଗ ମାନେ ଅଧିକାଂଶ ସମୟରେ ଅନ୍ୟ ମନସ୍କ ରହିଥାନ୍ତି । ଶାରୀରିକ ଭାବେ ମାଂସପେଶୀରେ ଯନ୍ତ୍ରଣା ଦେଖାଦେଇଥାଏ । କେତେକ କ୍ଷେତ୍ରରେ ଯେତେ ଖାଇଲେ ବି ଯୁବକ ଜଣକ ତାର ପେଟ ଖାଲି ରହିବା ପରି ଅନୁଭବ କରିଥାଏ । ସେହିପରି ଗୋଟିଏ ଜାଗାରେ ଅଧିକ ସମୟ ଠିଆ ହୋଇ ନପାରିବା ଆଦି ଏହି ରୋଗର ପ୍ରାଥମିକ ଲକ୍ଷଣ ।

ଡାକ୍ତର ଇବାନ୍ ଗୋଲ୍ଡବର୍ଗ ୧୯୯୪ରେ ପ୍ରଥମଥର ପାଇଁ ଏହି ଲକ୍ଷଣକୁ ଚିହ୍ନି ରୋଗର ନାଁ ଦେଇଥିଲେ ଇଂଟରନେଟ୍ ଆଡିକ୍ସନ୍ ଡିଜଅର୍ଡ଼ର । ଆଜିକାଲି ଏହାକୁ ଇ-ଷ୍ଟ୍ରେସ୍ ବା ଇ-ଆଙ୍ଗଜାଇଟି କୁହାଯାଉଛି । ଜଣେ ବ୍ୟକ୍ତି ଅତ୍ୟଧିକ ମାତ୍ରାରେ ଇ-ମେଲ୍ ରିସିଭ କରିବା ଦ୍ୱାରା ନିଜକୁ ହତାଶ ବା ହତୋତ୍ସାହିତ ଅନୁଭବ କରିଥାଏ । ଆଙ୍ଗଜାଇଟ ହେଉଛି କାରଣ ନଥାଇ ଜଣକୁ ଡର ଲାଗିବା । ଏକ ପ୍ରକାର ଅଜଣା ଭୟକୁ ଆଶଙ୍କା ଅନୁଭବ କରିବା ବା ବିପଦ ବା ଭୟ ମାଡ଼ି ଆସୁଥିବା ପରି ଲାଗେ । ସାଧାରଣ ଲୋକମାନଙ୍କ ଭିତରେ ଏହି ରୋଗଟି ଅଧିକ ପରିମାଣରେ ଦେଖାଯାଇଥାଏ । ସାଧାରଣତଃ ଆଙ୍ଗଜାଇଟର ଲକ୍ଷଣ ହେଉଛି ଏହାର ଶିକାର ହୋଇଥିବା ରୋଗୀଟି ଭୟାତୁର ବା ବିଚଳିତ ଭାବ ପ୍ରକାଶ କରିଥାଏ । ଦେହ ଥରେ ଏବଂ ଲୋକଟିକୁ ଅସ୍ଥିର ଲାଗେ । ମୁଣ୍ଡବିନ୍ଧା ସହ ମାଂସପେଶୀର ଯନ୍ତ୍ରଣା ଅନୁଭବ ରହେ । କେତେକ କ୍ଷେତ୍ରରେ ଛାତି ଧଡ଼ ଧଡ଼ ହୁଏ, ଦେହରୁ ଝାଳ ନିର୍ଗତ ହେବା ସହ ଝାଡ଼ା ପରିସ୍ରା ଅଧିକ ଲାଗେ । ମନ ଭିତରୁ ସରସତା ଲିଭିଯାଏ ଆଉ ଏକାଗ୍ରତା ବି କମିଯାଏ । ସ୍ୱାଭାବିକ ନିଦ ଭଲ ଭାବରେ ହୁଏନାହିଁ । ବିଳମ୍ବରେ ନିଦ୍ରା ହେବା ସହ ବାରମ୍ବାର ନିଦ ଭାଙ୍ଗିଥାଏ । ବେଳେ ବେଳେ ରୋଗୀଟିକୁ ଅଧିକ ଛାନିଆ ସହ ସେ ଚିନ୍ତା କରେ ଯେ ସେ ଆଉ ବେଶି ଦିନ ନୁହେଁ ଅର୍ଥାତ୍ ସେ ଆଉ ବଂଚିବ ନାହିଁ ।

ଏହି ରୋଗ ହେବା ପରେ ଯୁବବର୍ଗଙ୍କ ମାନସିକ ଓ ଶାରୀରିକ ବିକାଶରେ ବାଧା ଉପୁଜି ଥାଏ । ରୋଗ ହେବା ଦ୍ୱାରା ଯୁବବର୍ଗ ଅକାମୁଆ ହୋଇପଡ଼ିଥାନ୍ତି । ସମାଜରେ ପ୍ରଚଳିତ ବିଭିନ୍ନ ସମ୍ପର୍କକୁ ଭୁଲି ସେ କେବଳ ଅନ୍‌ଲାଇନକୁ ହିଁ ପସନ୍ଦ କରିଥାଏ । ଇ-ଆଙ୍ଗଜାଇଟି ହେବା ଦ୍ୱାରା ଯୁବକଙ୍କ ମଧ୍ୟରେ ଧୈର୍ଯ୍ୟ ଶକ୍ତି କମ୍ ହୋଇଥାଏ । ତା ସାଙ୍ଗକୁ ଆକ୍ରମଣାତ୍ମକ ମନୋଭାବ ବୃଦ୍ଧି ପାଇଥାଏ । ଶରୀରରେ ଥିବା ବିଭିନ୍ନ ଜୀବାଣୁମାନେ ଏହି ରୋଗରେ ଆକ୍ରାନ୍ତ ହୋଇ ବ୍ୟକ୍ତିର କାର୍ଯ୍ୟକ୍ଷମତାକୁ ହ୍ରାସ କରିଥାନ୍ତି । ପ୍ରାୟ ସମସ୍ତ ଅନ୍‌ଲାଇନ୍ ବ୍ୟବହାର କରିବା ଦ୍ୱାରା ଶାରୀରିକ କ୍ଷମତା କମିବା ସହ ମୁହଁ ଶୁଖିଯିବା ଓ ଶରୀରରେ ପାତର ମାତ୍ରା ବଢ଼ିଯାଇଥାଏ । କାର୍ଯ୍ୟକ୍ଷମତା ହ୍ରାସ ଫଳରେ ସେମାନେ ଅଧିକ କାମ ନକରିପାରି ଆତ୍ମବିଶ୍ୱାସ ହରାଇ ବସନ୍ତି । ଯୁବ ସମାଜ ଚାଟିଂ ଜରିଆରେ ବନ୍ଧୁତା ସ୍ଥାପନ କରି ମୋବାଇଲ ନମ୍ବର ଦିଆନିଆ ହୋଇଥାଏ । ଏହା କ୍ରମଶଃ ପ୍ରେମର ରୂପ ନେଇ ଶେଷରେ ପ୍ରତାରଣାରେ ଅନ୍ତ ହୋଇଥାଏ । କେତେକ କ୍ଷେତ୍ରରେ ଏହି ପ୍ରତାରଣା ଯୁବବର୍ଗଙ୍କ ଆତ୍ମବିଶ୍ୱାସକୁ ଭାଙ୍ଗି ଦେଇଥାଏ ।

ପରିବାର ଓ ସମାଜର ସହଯୋଗରେ ଯୁବବର୍ଗ ଏହି ଇ-ଆଙ୍ଗଜାଇଟିର ଶିକାରରୁ ରକ୍ଷା ପାଇପାରିବେ । କୌଣସି ଜିନିଷ ଅତି ହେଲେ ତାର ଇତି ଖୁବ୍‌ଶୀଘ୍ର ହୁଏ ବୋଲି ଅଭିଭାବକ ପିଲାଙ୍କୁ ବୁଝାଇବା ଦରକାର । ଘରେ ପିଲାମାନଙ୍କୁ କମ୍ପ୍ୟୁଟର ଆଗରେ ବେଶୀ ସମୟ ବସିବାକୁ ଦିଅନ୍ତୁ ନାହିଁ । ଅଭିଭାବକମାନେ ପିଲାଙ୍କ ପାଇଁ ମୋବାଇଲ ଦେବା ସମୟରେ ସେଥିରେ ଅନ୍‌ଲାଇନ୍ ସୁବିଧା ଉପଲବ୍ଧ ନଥିବା ଦରକାର । ସବୁବେଳେ ତ ସମ୍ଭବ ନୁହେଁ ଯଦି ସୁବିଧା ମିଳେ ତେବେ ପିଲାଙ୍କ ମେଲ୍ ପଢ଼ନ୍ତୁ । ଯୁବବର୍ଗଙ୍କୁ ବୁଝାଇବା ଦରକାର ଯେ ଟେକ୍ନୋଲୋଜିର ବ୍ୟବହାର କିଛି ନୂଆ ସୃଷ୍ଟି କରିବାରେ ବିନିଯୋଗ କରିବା ଉଚିତ । ନିଜର କ୍ଷତି ପାଇଁ ନୁହେଁ । ଏହି ରୋଗକୁ ନେଇ ଯୁବବର୍ଗମାନେ ଭୟଭୀତ ହେବାର କାରଣ କିଛି ନାହିଁ । ଏହି ରୋଗରେ ବ୍ୟବହାରିକ ଚିକିତ୍ସା ଓ ମନସ୍ତାତ୍ତ୍ୱିକ ଚିକିତ୍ସାକୁ ଆପଣାଇ ମାନସିକ ରୋଗ ବିଶେଷଜ୍ଞମାନେ ଚିକିତ୍ସା କରି ରଖିଥାନ୍ତି । ସେମାନଙ୍କ ସୁପରାମର୍ଶ, ଉପଯୁକ୍ତ ଚିକିତ୍ସା ବ୍ୟବହାର ଓ ମନସ୍ତାତ୍ତ୍ୱିକ ସହଯୋଗ ଦ୍ୱାରା ଯୁବକଟି ନିଜର ବ୍ୟକ୍ତିତ୍ୱକୁ ଦୃଢ଼କରେ । ଯୁବବର୍ଗ ହେଉଛନ୍ତି ଭାରତର ଭବିଷ୍ୟତ ଓ ଆମ ସମୟର ବଡ଼ ସମ୍ପତ୍ତି । ନିଜକୁ ଚିନ୍ତାଗ୍ରସ୍ତ, ଭୟଭୀତ ବା ବିଚଳିତ ଅନୁଭବ କଲାମାତ୍ରେ ମାନସିକ ରୋଗ ବିଶେଷଜ୍ଞଙ୍କ ପରାମର୍ଶ ନିଅନ୍ତୁ ।

ମାନସିକ ରୋଗ ବିଶେଷଜ୍ଞ, ଦି' ବ୍ରେନ, ପୁରୀଘାଟରୋଡ଼, କଟକ, ଦୂରଭାଷ : ୯୧୩୨୪୩୩୩୩୩

ମହାନ୍ ସଂଗ୍ରାମୀ ଭଗବାନ ବୀର୍ସା ମୁଣ୍ଡା

॥ ଦଶରଥ ହେମ୍ବ୍ରମ୍ ॥

ଅଦିବାସୀଙ୍କ ଗୌରବ ଏବଂ ଅସ୍ମିତାର ପ୍ରତୀକ ହେଉଛନ୍ତି ଭଗବାନ ବିର୍ସା ମୁଣ୍ଡା । ୧୮୭୫ ମସିହା ନଭେମ୍ବର ୧୫ ତାରିଖ ଦିନ ସେ ବିହାର ପ୍ରଦେଶ (ବର୍ତ୍ତମାନର ଝାଡଖଣ୍ଡ)ର ରାଞ୍ଚିରେ ଥିବା ଉଲିହାତୁ ଗ୍ରାମରେ ଜନ୍ମ ହୋଇଥିଲେ । ପିତାଙ୍କ ନାମ ସୁଗ୍ନା ମୁଣ୍ଡା ଓ ମାତାଙ୍କ ନାମ କାରମୀ ମୁଣ୍ଡା । ପିଲାଟି ଦିନରୁ ପାଠ ପଢ଼ିବା ପ୍ରତି ତାଙ୍କର ଖୁବ ଆଗ୍ରହ ରହିଥିଲା । ସାଲ୍‌ଗାଠାରେ ତାଙ୍କର ବାଲ୍ୟ ଶିକ୍ଷା ଆରମ୍ଭ ହୋଇଥିଲା । ଜଇପାଲ୍ ନାଗଙ୍କ ସହ ସେଠାରେ ସାକ୍ଷାତ ହୋଇଥିଲା । ଶୁଣାଯାଏ, ତାଙ୍କଠାରୁ ମହାନ ଗ୍ରନ୍ଥ ରାମାୟଣ ଓ ମହାଭାରତ ବିଷୟ ନେଇ ସେ ଅବଗତ ହୋଇଥିଲେ । ସେ ବୁରୁଜ ପ୍ରାଇମେରୀ ସ୍କୁଲର ଅଧ୍ୟୟନ ପରେ ଚାଇଁବାସାର ମିଶନ ମଧ୍ୟ ଇଂରାଜୀ ବିଦ୍ୟାଳୟରେ ଶିକ୍ଷାଲାଭ କଲେ । ପରେ ସେ ଜର୍ମାନ ମିଶନାରୀ ସ୍କୁଲରେ ନାମ ଲେଖାଇଥିଲେ । ଏହି ସମୟରେ ସେ ଜର୍ମାନୀ ଶିକ୍ଷକ ଫାଦର୍ ହେଡଲକ୍ ଓ ଫାଦର୍ ନେଟ୍ରୋଟଙ୍କ ସଂସ୍ପର୍ଶରେ ଆସିଥିଲେ । କିନ୍ତୁ, ସେତେବେଳେ ସରଳ ବିଶ୍ୱାସୀ ଆଦିବାସୀମାନଙ୍କୁ ଡେରାଇ ଧମେକାଇ ଧର୍ମ ପରିବର୍ତ୍ତନ କରାଉଥିଲେ । ଏପଟେ ଗୋରା ଶାସକମାନଙ୍କ ଅତ୍ୟାଚାର ଓ ଅମାନୁଷିକ ବ୍ୟବହାର ତାଙ୍କୁ ମର୍ମାହତ କରିଥିଲା । ଏଥିପାଇଁ ତାଙ୍କୁ ପାଠ ନପଢ଼ି ବିଦ୍ୟାଳୟ ଛାଡ଼ିବାକୁ ପଡ଼ିଥିଲା । ଆଦିବାସୀମାନଙ୍କୁ ଏକତ୍ର କରି ଇଂରେଜ ବିରୁଦ୍ଧରେ ସେ ଯୁଦ୍ଧ ଡାକରା ଦେଇଥିଲେ ।

୧୮୮୬ ରୁ ୧୮୯୦ ମଧ୍ୟରେ ଚାଲିଥିବା 'ସର୍ଦ୍ଦାର ଅନ୍ଦୋଳନ'ରେ ବୀର୍ସା ମୁଣ୍ଡାଙ୍କ ଯୋଗଦାନ ପରେ ଅନ୍ଦୋଳନ ଜୋରଦାର ହୋଇଥିଲା । ଏହି ଅନ୍ଦୋଳନରେ ମୁଣ୍ଡା ଏବଂ ଓରାଓଁ ସମ୍ପ୍ରଦାୟର ପାରମ୍ପରିକ ଗ୍ରାମ୍ୟ ମୁଖିଆମାନେ ନେତୃତ୍ୱ ନେଇଥିଲେ । ସେତେବେଳେ ଅଦିବାସୀମାନଙ୍କର ନିଜସ୍ୱ ସାମୂହିକ ଜମି ବ୍ୟବସ୍ଥା ଥିଲା, ଯାହାକୁ 'ଖୁଣ୍ଟକାଟି ବ୍ୟବସ୍ଥା' କୁହାଯାଉଥିଲା । ବାହାରୁ ଆସିଥିବା ଜମିଦାର ଓ ମଧ୍ୟସ୍ଥିମାନେ ଅଦିବାସୀ ଜମିଗୁଡ଼ିକୁ ଜବରଦସ୍ତି ନିଜ ଅଧୀନକୁ ନେଇଯାଉଥିଲେ । ଅନ୍ୟ ପକ୍ଷରେ, ଜମିଦାରମାନେ ଆଦିବାସୀମାନଙ୍କୁ କୌଣସି ପାରିଶ୍ରମିକ ବା ମଜୁରୀ ନେଦଇ ଜୋର ଜବରଦସ୍ତ ବିଲେର କାମ କରାଉଥିଲେ, ଯାହାକୁ 'ବେଠି ଖଟିବା' କୁହାଯାଉଥିଲା । ଗରିବ ଚାଷୀମାନଙ୍କ ଉପରେ ବେଆଇନ ଭାବେ ଅତ୍ୟଧିକ ଖଜଣା ଲଦି ଦେଉଥିଲେ । ଏଥିପାଇଁ ୧୮୮୭ରେ ହଜାର ହଜାର ଚାଷୀମାନେ ଜମିଦାରମାନଙ୍କୁ ଖଜଣା ଦେବା ସମ୍ପୂର୍ଣ୍ଣ ବନ୍ଦ କରିଦେଇଥିଲେ । ଆଦିବାସୀମାନେ ଭାବିଥିଲେ ଯେ, ଖ୍ରୀଷ୍ଟିଆନ ଧର୍ମ ଗ୍ରହଣ କଲେ ମିଶନାରୀମାନେ ଜମି ଫେରାଇବାରେ ସାହାଯ୍ୟ କରିବେ ଏବଂ ଶୋଷଣମୁକ୍ତ ହେବେ ବୋଲି । ମାତ୍ର ମିଶନାରୀମାନେ ବ୍ରିଟିଶ ସରକାରଙ୍କ ସହ ହାତ ମିଳାଇ ଅଦିବାସୀଙ୍କୁ ଅତ୍ୟଧିକ ନିର୍ଯ୍ୟାତନା ଦେଇଥିଲେ । ତେଣୁ ସର୍ଦ୍ଦାରମାନେ ମିଶନାରୀମାନଙ୍କୁ ବିରୋଧ କରିବା ଆରମ୍ଭ କଲେ ଏବଂ ଖ୍ରୀଷ୍ଟିୟାନ ଧର୍ମ ଛାଡ଼ି ନିଜ ସଂସ୍କୃତିକୁ ଫେରିଆସିଲେ । ଏହି ସଂଗଠିତ ପ୍ରତିରୋଧ ବ୍ରିଟିଶ ସରକାରଙ୍କ ଚିନ୍ତା ବଢ଼ାଇଥିଲା । ସର୍ଦ୍ଦାର ଅନ୍ଦୋଳନକୁ ବଳପୂର୍ବକ ଦବାଇବାକୁ ଚେଷ୍ଟା କରାଗଲା । ୧୮୯୦ ମସିହା ବେଳକୁ ଏହି ଅନ୍ଦୋଳନ କିଛି ମାତ୍ରାରେ ଦମନ କରିବାରେ ସଫଳ ହୋଇଥିଲା କିନ୍ତୁ ଏହା ଅଦିବାସୀମାନଙ୍କ ମଧ୍ୟରେ ଏକ ବଡ଼ ରାଜନୈତିକ ଓ ସାମାଜିକ ଚେତନତା ସୃଷ୍ଟି କରାଯାଇଥିଲା । ଏହି ଅନ୍ଦୋଳନର ବିଫଳତା ଓ ଅସନ୍ତୋଷରୁ ହିଁ ପରବର୍ତ୍ତୀ ସମୟରେ ମହାନ ଅଦିବାସୀ ନେତା ବୀର୍ସା ମୁଣ୍ଡାଙ୍କ ନେତୃତ୍ୱରେ ଐତିହାସିକ 'ଉଲଗୁଲାନ' ବା ମୁଣ୍ଡା ବିଦ୍ରୋହ ଜନ୍ମ ନେଇଥିଲା, ଯାହା ବ୍ରିଟିଶ ସାମ୍ରାଜ୍ୟର ମୂଳଦୁଆକୁ ହଲାଇ ଦେଇଥିଲା ।

ସର୍ଦ୍ଦାର ଅନ୍ଦୋଳନ ପରେ ବୀର୍ସା ମୁଣ୍ଡା ଧର୍ମ ପରିବର୍ତ୍ତନକୁ ନେଇ ବ୍ରିଟିଶ ପାଦ୍ରୀମାନଙ୍କ ବିରୁଦ୍ଧରେ ସ୍ୱର ଉତ୍ତୋଳନ ଆରମ୍ଭ କରିଥିଲେ । ସେ ୧୮୯୪ର ଭାରତରେ ହୋଇଥିବା ଦୁର୍ଭିକ୍ଷ ଏବଂ ମହାମାରୀ ନେଇ ବ୍ରିଟିଶଙ୍କୁ କର ଛାଡ଼ ଅନ୍ଦୋଳନ କରିବା ସମୟରେ ଲୋକଙ୍କୁ ସାହାଯ୍ୟ କରିଥିଲେ । ଏହାଦ୍ୱାରା ତାଙ୍କର ଲୋକପ୍ରିୟତା ବଢ଼ିଥିଲା । ଖ୍ରୀଷ୍ଟିୟାନ ଧର୍ମ ଛାଡ଼ି ଅନେକ ଆଦିବାସୀଙ୍କୁ ନିଜ ଧର୍ମକୁ ଫେରାଇ ଆଣିଥିବାରୁ ଲୋକମାନେ ତାଙ୍କୁ 'ଧର୍ମବାବା' ବୋଲି ସମ୍ବୋଧନ କଲେ । ସେଦିନଠାରୁ ବୀର୍ସା ମୁଣ୍ଡା ହେଇଗଲେ 'ଭଗବାନ' ବା 'ଧରତୀ ଆବା' କିନ୍ତୁ ଇଂରେଜ ପାଦ୍ରୀମାନଙ୍କ ପାଖରେ ଭଗବାନ ବୀର୍ସା ପାଲଟିଥିଲେ ଜଣେ ଅପରାଧୀ ଓ ସଇତାନ । ଫଳରେ, ୧୮୯୫ ମସିହା ଅଗଷ୍ଟ ୧୬ ଦିନ ବିର୍ସା ମୁଣ୍ଡା ଓ ୧୫ ଜଣ ସହଯୋଗୀଙ୍କୁ ପୋଲିସ୍ ଗିରଫ କରିଥିଲା । ଦେଶଦ୍ରୋହ ଅପରାଧରେ ସେମାନଙ୍କୁ ଦୁଇବର୍ଷ କାରାଦଣ୍ଡ ମଧ୍ୟ ଦିଆଯାଇଥିଲା । ୧୮୯୭ ରୁ ୧୯୦୦ ମସିହା ମଧ୍ୟରେ ବିର୍ସା ମୁଣ୍ଡା ବ୍ରିଟିଶ ସହିତ ଲେଢ଼ଇ କରିଥିଲେ । ଅଗଷ୍ଟ ମାସ ୧୮୯୭ରେ ଖୁଣ୍ଟି ପୋଲିସ ଷ୍ଟେସନ ଉପରେ ଆକ୍ରମଣ କରାଗଲା । ୧୮୯୮ ର ଟାଙ୍ଗା ନଦୀ ଉପକୂଳରେ ବ୍ରିଟିଶ ସୈନ୍ୟଙ୍କ ସହିତ ମୁହାଁମୁହିଁ ଯୁଦ୍ଧ ହେଲା । ୧୮୯୯ ମସିହା ଡିସେମ୍ବର ୯ ତାରିଖ ଦିନ ନିଆଁହୁଳା, ଧନୁ ତୀର ଓ ବର୍ଚ୍ଛା ଧରି ଗୋରା ଇଂରେଜମାନଙ୍କର ବାସଭବନ ଓ ଅଫିସ୍‌ରେ ନିଆଁ ଲଗାଇ ଦିଆଯାଇଥିଲା । କିନ୍ତୁ ରାଞ୍ଚି ବିଚାରାଳୟ ଆକ୍ରମଣ କରୁଥିବା ସମୟରେ ବିଦ୍ରୋହକାରୀଙ୍କ ମଧ୍ୟରୁ ପ୍ରାୟ ୧୨ଜଣଙ୍କ ଶହୀଦ ହୋଇଥିଲା । ଡୋମ୍ବାଡ଼ି ପାହାଡ଼ ଉପରେ ପୁଣି ଇଂରେଜ ସହ ମୁହାଁମୁହିଁ ହୋଇ ଘୋମାଘୋଟ ଲେଢ଼ଇ ହୋଇଥିଲା । ବିର୍ସାଙ୍କର ମୁଖ୍ୟ ସହକର୍ମୀ ଗୟା ମୁଣ୍ଡା ଏବଂ ଅନ୍ୟ ଗ୍ରାମବାସୀଙ୍କ ସହାୟତାରେ ୧୯୦୦ ମସିହା ଜାନୁଆରୀ ୧୫ ତାରିଖରେ କନେଷ୍ଟବଳଙ୍କୁ ହତ୍ୟା କରାଯାଇଥିଲା । ଏହାର ପ୍ରତିଶୋଧରେ ସଶସ୍ତ୍ର ପୋଲିସ୍ ବାହିନୀ ଗୟା ମୁଣ୍ଡାଙ୍କୁ ଗିରଫ କରିବାରେ ସଫଳ ହୋଇଥିବାବେଳେ ବୀର୍ସା ମୁଣ୍ଡା ଖସି ପଳାଇବାରେ ସକ୍ଷମ ହୋଇଥିଲେ ।

ବୀର୍ସାଙ୍କୁ ଧରାଦେବା ପାଇଁ ବ୍ରିଟିଶ୍ ସରକାର ପାଞ୍ଚଶହ ଟଙ୍କା ଅର୍ଥ ପୁରସ୍କାର ଘୋଷଣା କରିଥିଲେ । ତାଙ୍କର ସନ୍ଧାନ ସମୟରେ ବିଦ୍ରୋହୀମାନେ ପାହାଡ଼ ଉପରୁ ଧନୁତୀର, ବର୍ଚ୍ଛା ଓ ପଥରଦ୍ୱାରା ଇଂରେଜମାନଙ୍କ ଉପରେ ଆକ୍ରମଣ ଆରମ୍ଭ କରିଥିଲେ । ଇଂରେଜମାନଙ୍କ ଗୁଳିଗୋଳା ମାଡ଼ରେ ନରସିଂହ ମୁଣ୍ଡାଙ୍କ ସମେତ ଦୁଇଶହ ବିଦ୍ରୋହୀ ଶହୀଦ୍ ହୋଇଥିଲେ । ସେଇଠୁ ମଧ୍ୟ ବିର୍ସା ମୁଣ୍ଡା ଅନେକ ଚଢ଼ିଯାଇ ଚକ୍ରଧରପୁର ଜଙ୍ଗଲକୁ ଚାଲିଗଲେ । କିଛି ମାସ ବିର୍ସାଙ୍କ ସନ୍ଧାନ ନ ପାଇବାରୁ ମୁଣ୍ଡାମାନଙ୍କ ଉପରେ ବ୍ରିଟିଶମାନେ ଅମାନୁଷିକ ଅତ୍ୟାଚାର କଲେ । ସେମାନଙ୍କ ଘରେ ନିଆଁ ଲଗାଇଦେବେ । ଇଂରେଜମାନଙ୍କ ଏହିଭଳି ଅମାନୁଷିକ କାର୍ଯ୍ୟରୁ ସେମାନଙ୍କୁ ରକ୍ଷା କରିବା ପାଇଁ ବୀର୍ସାଙ୍କ ସହକର୍ମୀ ଡେନକା ମୁଣ୍ଡା ଏବଂ ମାଝିଆ ମୁଣ୍ଡା ଆତ୍ମସମର୍ପଣ କରିଥିଲେ । ଏହି ସମୟରେ ବିଶ୍ୱାସଘାତକ ଶଶୀଭୂଷଣ ରାୟ ଓ ମାଝିଆ ମାଝିଆ ପାଞ୍ଚ ଶହ ଟଙ୍କା ଲୋଭରେ ବୀର୍ସା ମୁଣ୍ଡା ଲୁଚିରହିଥିବାର ଖବର ଇଂରେଜ ସରକାରଙ୍କୁ ଜଣାଇବାରୁ ୧୯୦୦ ମସିହା ମାର୍ଚ୍ଚ ୩ ତାରିଖରେ ତାଙ୍କୁ ଗିରଫ କରାଯାଇଥିଲା । ରାଞ୍ଚି ଜେଲରେ ଥିବାବେଳେ ତାଙ୍କ ଖାଦ୍ୟରେ ବିଷ ମିଶାଇ ଦିଆଯିବାରୁ ଜୁନ୍ ୯ ତାରିଖ ଦିନ ସେ ଶେଷ ନିଃଶ୍ୱାସ ତ୍ୟାଗ କରିଥିଲେ । ଏହିଭଳି ଭାବରେ ଇଂରେଜ ସରକାର ମହାବିଦ୍ରୋହ 'ଉଲଗୁଲାନ୍' ବା ମୁଣ୍ଡା ବିଦ୍ରୋହ ଦମନ କରିବାରେ ସଫଳ ହୋଇଥିଲେ ।

ବରଲଣ୍ଡା, ମୋ-୯୩୩୭୪୦୪୨୫୪

ବୌଦ୍ଧିକ ବିକାଶ : ଆନନ୍ଦମୟ ପୂର୍ଣ୍ଣାଙ୍ଗ ଜୀବନ

॥ ଡକ୍ଟର ସୁରେଶ କୁମାର ନାୟକ ॥

ପିଲାମାନେ ସଫଳତା ପାଇବାକୁ ହେଲେ କଠିନ ପରିଶ୍ରମ କରିବାକୁ ପଡ଼େ, ଏହା ରାତାରାତି କେଉଁ ଆକାଶରୁ ଖସି ପଡ଼ିନଥାଏ କିମ୍ବା ଯାଦୁବିଦ୍ୟା ଦ୍ୱାରା ସମ୍ଭବ ହୋଇନଥାଏ । ମାତ୍ର କେତେକ ଅଛନ୍ତି ଯେଉଁମାନେ ନିଜ ବୁଦ୍ଧି ବଳରେ ହିଁ ସହଜରେ ବୁଦ୍ଧିମତା ଏପରି ପ୍ରକୃତିଦତ୍ତ ଲକ୍ଷଣ । ଆଉ ଜନ୍ମରୁ ହିଁ ଜଣକର ମାନସିକ ଦକ୍ଷତା ଜଣାପଡ଼ି ଯାଇଥାଏ । କିନ୍ତୁ ଏହା ବ୍ୟତୀତ ଉଦ୍ୟମ ବଳରେ ପିଲାମାନେ ମଧ୍ୟ ନିଜ ବୌଦ୍ଧିକ ବିକାଶ କରିପାରିବେ । ଅନ୍ୟମାନଙ୍କ ଆଗରେ ନିଜ ଦକ୍ଷତା ପ୍ରଦର୍ଶନ କରିବାକୁ ହେଲେ ବୌଦ୍ଧିକ ବିକାଶ ନିହାତି ଜରୁରୀ । ଏଥିପାଇଁ କେଉଁ ସବୁ ଦିଗ ପ୍ରତି ଦୃଷ୍ଟି ଦେବାକୁ ହେବ ସେ ନେଇ ଜାଣିବା ଜରୁରୀ । ବୌଦ୍ଧିକ ଚେତନା ପିଲାମାନଙ୍କୁ ଯେତିକି ବିକଶିତ କରିଥାଏ ସେତିକି ଜୀବନର ଆହ୍ୱାନକୁ ଗ୍ରହଣ କରିବା ପାଇଁ ରାସ୍ତା ପ୍ରଶସ୍ତ କରିଥାଏ ।

ବୁଦ୍ଧିର ବିକାଶ ପାଇଁ ସବୁଠି ବେଶୀ ଗୁରୁତ୍ୱପୂର୍ଣ୍ଣ ହେଉଛି ଅଭ୍ୟାସ । ଯେ କୌଣସି ପିଲା ଅଭ୍ୟାସ ବଳରେ ସବୁ କିଛି ହାସଲ କରିପାରିବ । ସେଥିପାଇଁ କୁହାଯାଏ ଅଭ୍ୟାସ ବଳେ ସବୁ ଗ୍ରନ୍ଥ, ପଢ଼ି ହୋଇବ ଜ୍ଞାନବନ୍ତ । ତେଣୁ ଛାତ୍ରଛାତ୍ରୀମାନେ ବୁଝିପାରୁ ନଥିବା ବିଷୟକୁ ବାରମ୍ବାର ପଢ଼ିବା ଦ୍ୱାରା ନିଶ୍ଚିତ ଭାବେ ତାହା ବୋଧଗମ୍ୟ ହୋଇଥାଏ । କେବଳ ପାଠ ନୁହେଁ କୌଣସି କାମ ପାଇଁ ନିରନ୍ତର ଅଭ୍ୟାସ କରିବା ଫଳରେ ସଫଳତା ନିଶ୍ଚୟ ମିଳିଥାଏ । ତେଣୁ ନିଜର ଜ୍ଞାନ ବଢ଼ାଇବାକୁ ଚାହୁଁଥିଲେ ପ୍ରତିକ୍ଷେତ୍ରରେ ଅଭ୍ୟାସ ହିଁ ସର୍ବପ୍ରଥମ ମାର୍ଗ । ସବୁ କାଠକୁ ଠିକ ସମୟ ଭିତରେ ପୁରା କରନ୍ତି । ବୁଦ୍ଧିମାନ ପିଲାଙ୍କର ଏହା ଏକ ଉତ୍ତମ ଲକ୍ଷଣ । ଯେଉଁ କାମ ପାଇଁ ଯେତିକି ସମୟ ଆବଶ୍ୟକ ସେହି ଅନୁସାରେ କାମ କରିବା ଦରକାର । ଫଳରେ ଅନ୍ୟ ସମୟରେ ନୂଆ କିଛି କାମ କରିପାରିବେ କିମ୍ବା କୌଣସି କ୍ରିଏଟିଭ କାମ କରିବା ପାଇଁ ବି ସୁଯୋଗ ପାଇପାରିବେ ।

ଘରେ ହେଉ କି ସ୍କୁଲରେ ସବୁ ସ୍ଥାନରେ ପ୍ରଥମେ ଅନ୍ୟର କଥାକୁ ଭଲ ଭାବେ ଶୁଣନ୍ତୁ । କଥାକୁ ଭଲ ଭାବେ ଶୁଣିବା ପରେ ହିଁ କୌଣସି ବିଷୟକୁ ବୁଝିବା ସହଜ ହୋଇଥାଏ । ପିଲାଙ୍କର ଏଭଳି ଗୁଣ ସେମାନଙ୍କୁ ଅନେକ ଗୁଡ଼ିଏ କଥା ଜାଣିବାକୁ ପାଇଁ ସୁଯୋଗ ଦେଇଥାଏ । ଫଳରେ ସେମାନେ ବୁଦ୍ଧିମାନ ହୋଇପାରନ୍ତି । ସେଥିପାଇଁ ପାଠ ପଢ଼ାଇବା ସମୟରେ ଶିକ୍ଷକଙ୍କ କଥାକୁ ଭଲ ଭାବେ ଶୁଣିବା ପାଇଁ ପିଲାଙ୍କୁ ପରାମର୍ଶ ଦିଆଯାଏ । ଯେଉଁମାନେ ଭଲ ଭାବେ ଶିକ୍ଷକ ବୁଝାଉଥିବା ପାଠକୁ ଶୁଣନ୍ତି ସେମାନେ ସହଜରେ ବୁଝିପାରନ୍ତି ଏବଂ ମନେ ରଖିପାରନ୍ତି ।

ନିଜର ବୁଦ୍ଧି ବଢ଼ାଇବା ପାଇଁ ଚାହୁଁଥିଲେ ସବୁ ସ୍ଥାନ କିମ୍ବା କାର୍ଯ୍ୟକ୍ରମରେ ସକ୍ରିୟ ଭାବେ ଅଂଶ ଗ୍ରହଣ କରନ୍ତୁ । ବିଶେଷକରି ଶ୍ରେଣୀଗୃହରେ ପାଠପଢ଼ା ହେଉଥିବା ସମୟରେ ସେଠାରେ ଅନ୍ୟମନସ୍କ ହୁଅନ୍ତୁ ନାହିଁ । ବରଂ କୌଣସି ବିଷୟରେ ପାଠପଢ଼ାବେଳେ କିଛି ଅବୁଝା ରହିଗଲେ ତୁରନ୍ତ ପ୍ରଶ୍ନ ପଚାରନ୍ତୁ । ସବୁ ବିଷୟର ଅଧିକ ଜାଣିବାର ଆଗ୍ରହ ପିଲାଙ୍କ ବୁଦ୍ଧିକୁ ବଢ଼ାଇଥାଏ । ତେଣୁ ପ୍ରଶ୍ନ ପଚାରିବାର କଳା ଜାଣି ପାରିଲେ ପିଲାମାନେ ସବୁ ବିଷୟରେ ଅଧିକ ଜ୍ଞାନ ହାସଲ କରିପାରିବେ । ବୁଦ୍ଧି ବଢ଼ାଇବାର ଅନ୍ୟ ଏକ ମାଧ୍ୟମ ହେଉଛି ଲକ୍ଷ୍ୟ ସ୍ଥିର କରିବା ବା ନିଜର ଏକ ଟାର୍ଗେଟ କରିବା । ପାଠପଢ଼ାରେ ହେଉ କି ଅନ୍ୟ କୌଣସି କ୍ଷେତ୍ରରେ କାମ କରିବାକୁ ଯାଥିଲେ ପ୍ରଥମେ ଟାର୍ଗେଟ କରି କାମ କରନ୍ତୁ । ଅର୍ଥାତ୍ କେଉଁ ସମୟ ମଧ୍ୟରେ କେତିକିକାମ କରିବେ ସେଥିପାଇଁ ପ୍ରଥମେ ଯୋଜନା କରନ୍ତୁ । ଆଉ ଯୋଜନା ଅନୁସାରେ କାମ ପୁରା କରିବା ନିମନ୍ତେ ପରିଶ୍ରମ କରନ୍ତୁ । ବିଦ୍ୟାର୍ଥୀମାନେ ଯଦି ସମୟ ଅନୁସାରେ କେତିକି କାମ କରିବେ ତାହା ସ୍ଥିରକରିନେବେ ତା'ହେଲେ ଅଧିକ ଜ୍ଞାନ ହାସଲ କରିପାରିବେ ।

ପଢ଼ିବା, ଲେଖିବା କିମ୍ବା ଚିତ୍ର କରିବା ଆଦି କେଉଁ କ୍ଷେତ୍ର ଆପଣଙ୍କୁ ଅଧିକ ପସନ୍ଦ ହେଉଛି ତାହା ସ୍ଥିର କରନ୍ତୁ । ନିଜେ କେଉଁ ବିଷୟରେ ଜାଣିବାକୁ ଚାହୁଁଛନ୍ତି ଏବଂ କେଉଁ କ୍ଷେତ୍ରରେ ଆପଣ ନିଜ ଭବିଷ୍ୟତ ଗଢ଼ିବାକୁ ଚାହୁଁଛନ୍ତିତାହା ଲେଖି ରଖନ୍ତୁ । ପ୍ରତିଦିନ ଖବର କାଗଜ ପଢ଼ନ୍ତୁ ଓ କିଛି ନୂଆ ଚିନ୍ତା କରନ୍ତୁ । ଯାହା ପଢୁଛନ୍ତି ଅଥବା ଭାବୁଛନ୍ତି ସେ ସବୁ ଲେଖି ରଖନ୍ତୁ । କିଛି ଗପ କିମ୍ବା ଗୀତ ଲେଖିବାର ଅଭ୍ୟାସ କରନ୍ତୁ । ଟିଭି କିମ୍ବା ଫୋନରେ ଶିକ୍ଷା ସମ୍ବନ୍ଧୀୟ ଭିଡ଼ିଓ ଦେଖନ୍ତୁ । ନିଜ ଭାବନାକୁ ଲେଖି ରଖନ୍ତୁ କିମ୍ବା ଅନ୍ୟ ମାନଙ୍କ ସହ ଶେୟାର କରନ୍ତୁ । ନିଜ ଠାରୁ ଅଧିକ ସ୍ମାର୍ଟ ପିଲାଙ୍କ ସହିତ ଅଧିକ ସମୟ କଟାନ୍ତୁ । ନୂଆ ନୂଆ ସ୍ଥାନ ବୁଲିବାକୁ ଯାଆନ୍ତୁ ଓ ଅଧିକ ଲୋକଙ୍କ ସହ ମିଶି କଥାବାର୍ତ୍ତା କରନ୍ତୁ । ଚେସ କିମ୍ବା ବିଭିନ୍ନ ପ୍ରକାର ପଜଲ ଗେମ ଖେଳନ୍ତୁ । ବେଳେ ବେଳେ କିଛି କାମ ନକରି ନୀରବ ହୋଇ ବସନ୍ତୁ । ଯୋଗ, ଧ୍ୟାନ ଓ ବ୍ୟାୟାମ କରନ୍ତୁ । ସନ୍ତୁଳିତ ଆହାର ନିଅନ୍ତୁ ଓ ଭଲ ନିଦରେ ସାତରୁ ଆଠଘଂଟା ଶୁଅନ୍ତୁ ।

ବୌଦ୍ଧିକ ବିକାଶ ପଛରେ ଅନ୍ତର୍ନିହିତ ଜୀବନଚେତନା ରହିଛି । ଏହାକୁ ଏକ ହଲକା କଥା ବୋଲି ଗୁରୁତ୍ୱହୀନ ଭାବି ଆଦୌ ବିଚାର କରନ୍ତୁ ନାହିଁ । ବିଦ୍ୟାଳୟ ପରେ ପିଲାଟିର ଅଧିକାଂଶ ସମୟ ବିତିଥାଏ ଘରେ । ପିଲାଟିକୁ ଜୀବନର ପ୍ରାରମ୍ଭରୁ ବସ୍ତୁବାଦୀ ଭିତରକୁ ନ ଠେଲି ନୀତି, ନୈତିକତା, ଆଧ୍ୟାତ୍ମିକତାର ଶିକ୍ଷା ଦିଅନ୍ତୁ । ପିଲାଟି ଖୁବ କମ ବର୍ଷ ବୟସରୁ ମାନବୀୟ ମୂଲ୍ୟବୋଧ ଶିକ୍ଷା କରୁ ଜଗତ ଈଶ୍ୱରଙ୍କ ଠାରୁ ଭିନ୍ନ ନୁହେଁ । ସକଳ ବସ୍ତୁରେ ସମସ୍ତଙ୍କ ଭିତରେ ସକଳ ଜୀବନକୁ ଆନନ୍ଦମୟ କରିବା ପାଇଁ ସେ ଯେପରି ପ୍ରତିଟି ଆହ୍ୱାନକୁ ଗ୍ରହଣ କରେ ସେ ଶିକ୍ଷା ଦେବାର ଦାୟିତ୍ୱ ବାପ-ମାଆଙ୍କର । ଜୀବନ ହିଁ ଧର୍ମ, ସ୍ୱାର୍ଥ ତ୍ୟାଗ ହିଁ ଜୀବନ । ସତ୍ୟ, ନ୍ୟାୟ, ପ୍ରେମ, ପବିତ୍ରତା, ପୂଣ୍ୟ ଓ ସଦାଚାରରେ ବ୍ରତୀ ହୋଇ ପ୍ରାର୍ଥନା ଓ ଧ୍ୟାନକୁ ଧର୍ମର ଦୁଇଟି ପ୍ରଧାନ ସ୍ତମ୍ଭ ଭାବେ ପିଲାଟି ଜୀବନରେ ଶିକ୍ଷା ଲାଭ କରୁ । ଜୀବନର ବୌଦ୍ଧିକ ବିକାଶ କ୍ଷେତ୍ରରେ ପ୍ରତିଟି ଆନନ୍ଦମୟ ଶିକ୍ଷା କେବଳ ନିଜ, ଘର ପରିବାର ପାଇଁ ବନ୍ଧୁବର୍ଗଙ୍କ ପାଇଁ ଠାରୁ ସବୁଠାରୁ ବଡ଼ । ଏ ମହାନ ସମାଜ ପ୍ରତି ତାର ଦାୟିତ୍ୱବୋଧ । ଶାଶ୍ୱତ, ଆନନ୍ଦମୟ ଜୀବନ ଭିତରେ ବୌଦ୍ଧିକ ଚେତନା ନିଖୁଣ ହେଲେ ପିଲାଟିର ଜୀବନ ପୂର୍ଣ୍ଣାଙ୍ଗ ହେବ ।

ଅଧ୍ୟକ୍ଷ, ଏସେଲ୍ସ ପବ୍ଲିକ ସ୍କୁଲ, ସେକ୍ଟର-୯, ସିଡିଏ, କଟକ, ଦୂରଭାଷ : ୯୪୩୭୨୨୫୫୯୨

ଜିଲ୍ଲାପାଳଙ୍କ ମିଳିତ ଜନ ଅଭିଯୋଗ ଶୁଣାଣୀ ଅନୁଷ୍ଠିତ

ପାରଳାଖେମୁଣ୍ଡି, ୨୩/୦୬ (ଆ.ପ୍ର) : ଗଜପତି ଜିଲ୍ଲା ଗୋଷାଣୀ ବ୍ଲକ ପଂଚାୟତ ସମିତି କାର୍ଯ୍ୟାଳୟ ସମ୍ମିଳନୀ କକ୍ଷ ଠାରେ ଗ୍ରାମ୍ୟ ମୁଖୀ ପ୍ରଶାସନ ସଂଯୁକ୍ତ ଜନ ଅଭିଯୋଗ ଶୁଣାଣୀ ଶିବିର ଅନୁଷ୍ଠିତ ହୋଇଯାଇଛି । ଏହି ଅଭିଯୋଗ ଶୁଣାଣିରେ ଜିଲ୍ଲାପାଳ ଅକ୍ଷୟ ସୁନୀଲ ଅଗ୍ରୱାଲ, ମୁଖ୍ୟ ଉନ୍ନୟନ ଅଧିକାରୀ ତଥା ନିର୍ବାହୀ ଅଧିକାରୀ ଜିଲ୍ଲାପରିଷଦ ଦୟାମୟ ପାତ୍ରୀ, ଉପଜିଲ୍ଲାପାଳ ପାରଳାଖେମୁଣ୍ଡି ଅନୁପ ପଣ୍ଡା ଅଭିଯୋଗ ଶୁଣାଣୀରେ ଯୋଗଦାନ କରି ଗୋଷାଣୀ ପଂଚାୟତ ସମିତିର ସମୁଦାୟ ମୋଟ- ୩୨ ଗୋଟି ଅଭିଯୋଗ ପତ୍ର ଗ୍ରହଣ କରାଯାଇଥିଲା । ସେଥି ମଧ୍ୟରୁ ବ୍ୟକ୍ତିଗତ ଅଭିଯୋଗ ସମସ୍ୟା- ୧୮ ଗୋଟି , ଗ୍ରାମ ଭିତିକ ସମସ୍ୟା - ୧୪ ଗୋଟି ଅଭିଯୋଗ ଆସିଥିଲା ସେଥି ମଧ୍ୟରୁ ଗୋଟିଏ ଅଭିଯୋଗକୁ ତୁରନ୍ତ ସମାଧାନ କରାଯାଇଛି । ଅନ୍ୟ ସମସ୍ତ ଅଭିଯୋଗକୁ ତୁରନ୍ତ ସମାଧାନ କରିବା ପାଇଁ ବିଭାଗୀୟ ଅଧିକାରୀମାନଙ୍କୁ ଜିଲ୍ଲାପାଳ ନିର୍ଦ୍ଦେଶ ଦେଇଛନ୍ତି । ଜିଲ୍ଲା ସାମାଜିକ ସୁରକ୍ଷା ଓ ଭିନ୍ନକ୍ଷମ ସଶକ୍ତିକରଣ ବିଭାଗ ପକ୍ଷରୁ ୯ ଜଣଙ୍କୁ ମଧୁବାବୁ ପେନସନ ଯୋଜନାରେ ସାମିଲ କରାଯାଇଛି । ୧୨ ଜଣଙ୍କୁ ଖାଉଟି କାର୍ଡ ବଂଟନ କରାଯାଇଛି । ୫ ଜଣଙ୍କୁ ଅନ୍ତୋଦୟ ଗୃହ ଯୋଜନା କାର୍ଯ୍ୟାଦେଶ ବଂଟନ, ୧୦ ଜଣ ମୃତ୍ତିକା ସ୍ୱାସ୍ଥ୍ୟ କାର୍ଡ ଓ ୧୦ ଜଣ ଅଙ୍ଗନୱାଡ଼ି କର୍ମୀଙ୍କୁ ମୋବାଇଲ୍ ଫୋନ୍ ବଂଟନ କରାଯାଇଛି । ଆଜିର ଏହି ଅଭିଯୋଗ ଶୁଣାଣି ଶିବିରରେ ସାମାଜିକ ସୁରକ୍ଷା , ଜମି ପଟ୍ଟା , ମନରେଗା, ଗୃହ ନିର୍ମାଣ, ରାସନ୍ କାର୍ଡ, ଶିକ୍ଷା, ଜଳ ସେଚନ ରାସ୍ତା ଓ ସ୍ୱାସ୍ଥ୍ୟ ସମସ୍ୟା ଭଳି ବିଭିନ୍ନ ସମସ୍ୟା ନେଇ ଅଭିଯୋଗ ଆସିଥିଲା । ଆଜିର ଗ୍ରାମ୍ୟ ମୁଖୀ ପ୍ରଶାସନ ସହ ସଂଯୁକ୍ତ ଜନ ଅଭିଯୋଗ ଶୁଣାଣୀରେ ଗୋଷାଣୀ ପଂଚାୟତ ସମିତି ଅଧ୍ୟକ୍ଷ ଶ୍ରୀଯୁକ୍ତ ଏନ୍. ବୀରରାଜୁ, ଗୋଷ୍ଠୀ ଉନ୍ନୟନ ଅଧିକାରୀ ଗୋର ଚନ୍ଦ୍ର ପଟ୍ଟନାୟକ ସମେତ ସମସ୍ତ ଜିଲ୍ଲା ସ୍ତରୀୟ ଅଧିକାରୀଗଣ ଓ ସ୍ଥାନୀୟ ଜନପ୍ରତିନିଧି ପ୍ରମୁଖ ଅଭିଯୋଗ ଶୁଣାଣୀରେ ଉପସ୍ଥିତ ଥିଲେ ।

ଶ୍ରୀମଦ୍ ଭାଗବତ ସପ୍ତାହ ଉଦଯାପିତ

ନିମାପଡ଼ା, ୨୩/୦୬ (ଆ.ପ୍ର) : ନିମାପଡ଼ା ଏନ ଏ ସି ଅନ୍ତର୍ଗତ ଅଣିଆ ସାହି ମା' ଦକ୍ଷିଣେଶ୍ୱରୀଙ୍କ ପୀଠରେ ଶ୍ରୀମଦ୍ ଭାଗବତ ସପ୍ତାହ ଅନୁଷ୍ଠିତ ହୋଇଯାଇଛି । ଏହି ଧାର୍ମିକ ଉତ୍ସବକୁ ବାବାଜୀ ବୈକୁଣ୍ଠ ଦାସ ମହାରାଜ ଉଦ୍ଘାଟନ କରିଥିଲେ । ମା' ଦକ୍ଷିଣେଶ୍ୱରୀ ବିଦ୍ୟାପୀଠର ପ୍ରଧାନ ଶିକ୍ଷକ ହରିହର ସ୍ୱାଇଁ, ବରିଷ୍ଠ ନାଗରିକ ମଂଚର ସଭାପତି ବିବେକାନନ୍ଦ ପାତ୍ର, ବିଦ୍ୟାଳୟ ସଭାପତି ସନ୍ତୋଷ ଓଝା ପ୍ରମୁଖ ପ୍ରଦୀପ ପ୍ରଜ୍ୱଳନ କରିଥିଲେ । ଗତ ୩ତାରିଖରୁ ଆରମ୍ଭ ହୋଇ ୯ତାରିଖ ପର୍ଯ୍ୟନ୍ତ ଭକ୍ତିମୟ ପରିବେଶ ମଧ୍ୟରେ ଅନୁଷ୍ଠିତ ହୋଇଥିଲା । ଏହି ଅବସରରେ ପ୍ରବକ୍ତା ଶିବଶଙ୍କର ଦାସ ଭାଗବତ ପ୍ରବଚନ ପ୍ରଦାନ କରି ଭକ୍ତମାନଙ୍କୁ ଧର୍ମ, ନୀତି, ମାନବିକ ମୂଲ୍ୟବୋଧ ସମ୍ପର୍କରେ ଉଦ୍ବୁଦ୍ଧ କରିଥିଲେ । ତାଙ୍କର ସରଳ, ପ୍ରେରଣାଦାୟକ ବକ୍ତବ୍ୟ ଶ୍ରୋତା ମାନଙ୍କ ମନରେ ଭକ୍ତିଭାବ ଜାଗ୍ରତ କରିଥିଲା । ପ୍ରତ୍ୟେକ ଦିନ ସନ୍ଧ୍ୟାରେ ସାଂସ୍କୃତିକ କାର୍ଯ୍ୟକ୍ରମ ଭଜନ, ନୃତ୍ୟ ପରିବେଷଣ କରାଯାଇଥିଲା । ଏହି ଉତ୍ସବକୁ ତର୍ପଣ ସାଇ ସଂସ୍ଥାନ ତରଫରୁ ଜେଣ୍ଟୁବାଳା ସେନାପତି ମାଧ୍ୟମରେ ଭକ୍ତିମୟୀ ମାଆ ମାନେ ସମ୍ମିଳିତ ଭାବେ ସୁପରିଚାଳନା କରିଥିଲେ । ସାତଦିନ ଧରି ଚାଲିଥିବା ଏହି ଭାଗବତ ଆଲୋଚନା ଚକ୍ରରେ ବହୁ ସଂଖ୍ୟକ ଶ୍ରଦ୍ଧାଳୁ ଓ ଭକ୍ତମାନଙ୍କ ସମାଗମ ହୋଇଥିଲା । ଧର୍ମ, ସଂସ୍କୃତି, ସଦ୍ ଭାବର ଭାଇଚାରା ମଧ୍ୟରେ ଭକ୍ତିମୟ ପରିବେଶ ସୃଷ୍ଟି ହୋଇଥିଲା ।

ଲୁଟେରାଙ୍କ ଟେର ପାଉନି ଖଣ୍ଡପଡ଼ା ପୁଲିସ

ଖଣ୍ଡପଡ଼ା, ୨୩/୦୬ (ଆ.ପ୍ର) : ଖଣ୍ଡପଡ଼ା ସହରରେ ଲୁଟେରାମାନଙ୍କ ଦୌରାତ୍ମ୍ୟ ଦିନକୁ ଦିନ ବୃଦ୍ଧି ପାଉଥିବାରୁ ସହରବାସୀଙ୍କ ମଧ୍ୟରେ ତୀବ୍ର ଅସନ୍ତୋଷ ପ୍ରକାଶ ପାଇଛି । ଗତ ୪ ଦିନ ମଧ୍ୟରେ ଲୁଟେରାମାନେ ୧୨ ନଂ ୱାର୍ଡ ଅଧୀନ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ସମ୍ମୁଖରୁ ବୀର କିଶୋର ବସନ୍ତରାୟଙ୍କ ଏକ କଳା ରଙ୍ଗର ଯାତ୍ରୀବାହି ଅଟୋଟିକୁ ଚୋରୀ କରି ନେଇଥିବା ବେଳେ ଖଣ୍ଡପଡ଼ା ଥାନାରେ ଏକ ମାମଲା ରୁଜୁ କରି ପୁଲିସ ଉପର ଠାଉରିଆ ଭାବେ ଚୋରୀ ଘଟଣାର ତଦନ୍ତ କରୁଥିବା ଅଭିଯୋଗ ହେଉଛି । ସେହିପରି ଲୁଟେରାମାନେ ବିଳମ୍ବିତ ରାତିରେ ବିଭିନ୍ନ ୱାର୍ଡରୁ ପାଣି ପାଇପରେ ଲଗା ଯାଇଥିବା ୬୩ ଗୋଟି ମୂଲ୍ୟବାନ ମିଟର ଗୁଡ଼ିକ ଚୋରୀ କରି ନେଇଥିବା ଜଣାପଡ଼ିଛି । ଏ ସଂପର୍କରେ ଖଣ୍ଡପଡ଼ା ଜନସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ଏ ନେଇ ଥାନାରେ ଲିଖିତ ଅଭିଯୋଗ ହୋଇଥିଲେ ହେଁ ପୁଲିସ ଏକ ମାମଲା ରୁଜୁ କରି ନୀରବଦ୍ରଷ୍ଟା ସାଜିଥିବା ଜଣାପଡ଼ିଛି । ଖଣ୍ଡପଡ଼ା ପୁଲିସର ଦୁର୍ବଳତା ପରୋକ୍ଷରେ ଲୁଟେରାମାନଙ୍କ ମନୋବଳ ବୃଦ୍ଧି କରିବାରେ ବେଶ ସହାୟକ ହୋଇଛି ବୋଲି ସାଧାରଣରେ ଆଲୋଚନା ହେଉଛି । ପୁଲିସ ପକ୍ଷରୁ ରାତ୍ରିକାଳୀନ ପାଟ୍ରୋଲିଂ ବ୍ୟବସ୍ଥା ଢିଲା ଯୋଗୁଁ ଲୁଟେରାମାନେ ବିଭିନ୍ନ ସ୍ଥାନରୁ ଲୁଟପାଟ କରିବାକୁ ସାହାସ ଜୁଟାଉଥିବା ନେଇ ବୁଦ୍ଧିଜୀବୀ ମହଲରୁ ଅଭିଯୋଗ ହେଉଛି । ଲୁଟେରାମାନଙ୍କ ଦୌରାତ୍ମ୍ୟ ଏବେ ସହରବାସୀଙ୍କ ପାଇଁ ଚିନ୍ତାର କାରଣ ପାଲଟିଥିବା ବେଳେ ଲୁଟେରାମାନେ ସ୍ଥାନୀୟ ଅଂଚଳର ହୋଇ ଥାଇ ପାରନ୍ତି ବୋଲି ବିଶେଷ ସୂତ୍ରରୁ ଜଣାପଡ଼ିଛି । ତେବେ ଲୁଟେରାମାନଙ୍କୁ ଧରପଗଡ଼ ନିମନ୍ତେ ପୁଲିସ ବିଭାଗ ଉଚ୍ଚ କର୍ତ୍ତୃପକ୍ଷ ଓ ଖଣ୍ଡପଡ଼ା ଏସଡିପିଓ ଦୃଷ୍ଟି ଦେବାକୁ ଦାବି ହେଉଛି ।

'ବିକାଶ ଧାରା ଓଡିଶା ସାରା' କାର୍ଯ୍ୟକ୍ରମ ଉଦ୍‌ଘାଟିତ

ଚନ୍ଦାହାଣ୍ଡି, ୨୩/୦୬ (ଆ.ପ୍ର) : ନବରଙ୍ଗପୁର ଜିଲ୍ଲା ଚନ୍ଦାହାଣ୍ଡି ବ୍ଲକ ପରିସରରେ 'ବିକାଶ ଧାରା ଓଡିଶା ସାରା' କାର୍ଯ୍ୟକ୍ରମ ଉଦଘାଟିତ ହୋଇଯାଇଛି । ବ୍ଲକ ଅଧ୍ୟକ୍ଷା ସୁମିତା ପୂଜାରୀଙ୍କ ସଭାପତିତ୍ୱରେ ଆୟୋଜିତ କାଯ୍ୟକ୍ରମ ରେ ମୁଖ୍ୟ ଅତିଥି ଭାବେ ନବରଙ୍ଗପୁର ସାଂସଦ ବଳଭଦ୍ର ମାଝୀ, ଝରୀଗାଁ ବିଧାୟକ ନରସିଂହ ଭତ୍ରା, ଗୋବିନ୍ଦ କୁମାର ଜୈନ, ଅକାନ୍ତୁ ଜାନି, ପ୍ରତାପ ବାଘ, ପ୍ରଭାତ ସୁନା, ଶ୍ୟାମସୁନ୍ଦର ମାଝୀ, ଭରତ ବାଘ, ବିଡିଓ ଚୈତନ୍ୟ ଗଣ୍ଡ, ତହସିଲଦାର ସହଦେବ କୁତୁକା ପ୍ରମୁଖ ଅଂଶଗ୍ରହଣ କରିଥିଲେ । ଏଥିରେ ସମସ୍ତ ଅନେକ ଜନସାଧାରଣ ଉପସ୍ଥିତ ହୋଇଥିଲେ । ପ୍ରଥମେ ଅତିଥି ମାନଙ୍କ ଦ୍ୱାରା ପ୍ରଦୀପ ପ୍ରଜ୍ୱଳନ ସହିତ ସଭାକାର୍ଯ୍ୟ ଆରମ୍ଭ ହୋଇଥିଲା । ବକ୍ତାମାନେ ରାଜ୍ୟ ସରକାରଙ୍କ ଦୁଇବର୍ଷ ର ବିଭିନ୍ନ ଉପଲବ୍ଧି ଉପରେ ନିଜ ନିଜ ବକ୍ତବ୍ୟ ରଖିଥିଲେ । ଯେପରି ମୁଖ୍ୟମନ୍ତ୍ରୀ ଅଂପୂର୍ଣ୍ଣା ଯୋଜନା, ଅନ୍ତ୍ୟୋଦୟ ଗୃହ ଯୋଜନା, ଗ୍ରାମାଂଚଳରେ ନୂତନ ରାସ୍ତା ନିର୍ମାଣ,ପାନୀୟ ଜଳ ଯୋଗାଣ, ଏହିପରି ସରକାରଙ୍କ ଅନେକ ଯୋଜନା ବିଷୟରେ ଆଲୋକ ପାତ କରିଥିଲେ । ୪୮ ଜଣ ଭୂମିହୀନ ପରିବାରକୁ ଘରବାରି ପଟା ପ୍ରଦାନ କରାଯାଇଥିଲା । ରାସନ କାର୍ଡ, ନୂତନ ରାସନ ହିତାଧିକାରୀଙ୍କୁ ନୂତନ ରାସନ କାର୍ଡ ମଧ୍ୟ ପ୍ରଦାନ କରାଯାଇଥିଲା । ତା ସହିତ କିଛି ଅଙ୍ଗନୱାଡି କର୍ମୀଙ୍କୁ ଗୋଟେ ଗୋଟେ ମୋବାଇଲ ଫୋନ ପ୍ରଦାନ କରାଯାଇଥିଲା । ଏହି କାର୍ଯ୍ୟକ୍ରମରେ ସ୍ୱାସ୍ଥ୍ୟ ବିଭାଗ, ଶିକ୍ଷା ବିଭାଗ, କୃଷି ବିଭାଗ, ଗ୍ରାମ୍ୟ ଜଳ ଓ ପରିମଳ ବିଭାଗ, ମିଶନ ଶକ୍ତି ବିଭାଗ, ଗୃହ ଯୋଜନା ବିଭାଗ, ତରଫରୁ ସରକାରଙ୍କ ଯୋଜନା ଗୁଡିକ ବିଭିନ୍ନ ଷ୍ଟଲ ମାଧ୍ୟମରେ ପ୍ରଦର୍ଶିତ କରିଥିଲେ । ଏହି କାର୍ଯ୍ୟକ୍ରମକୁ ନଳିନୀ ଦାଶ ପରିଚାଳନା କରିଥିଲେ ।

ଯାଜପୁର ମେଡିକାଲ କଲେଜରେ ଅତ୍ୟାଧୁନିକ ସ୍ୱାସ୍ଥ୍ୟ ସୁବିଧା ଉଦ୍‌ଘାଟନ କଲେ ଜିଲ୍ଲାପାଳ

ଯାଜପୁର, ୨୩/୦୬ (ଆ.ପ୍ର) : ସ୍ୱାସ୍ଥ୍ୟ ସେବା କ୍ଷେତ୍ରରେ ଯାଜପୁର ଜିଲ୍ଲାକୁ ମିଳିଛି ନୂତନ ତଥା ଅତ୍ୟାଧୁନିକ ସୁବିଧା । ମହାରାଜା ଯଯାତି କେଶରୀ ମେଡିକାଲ କଲେଜ ଏବଂ ହସ୍ପିଟାଲ, ଯାଜପୁରଠାରେ ଏକାଧିକ ନୂତନ ଚିକିତ୍ସା ସେବା ଆରମ୍ଭ କରାଯାଇଛି । ଏହି ଅବସରରେ ଜିଲ୍ଲାପାଳ ଅମର କୁମାର କର ମୁଖ୍ୟ ଅତିଥି ଭାବେ ଯୋଗଦେଇ ନୂତନ ଭାବେ ପ୍ରତିଷ୍ଠିତ ଇକୋ, ମାମୋଗ୍ରାଫି, ଶଲ୍ୟ ଚିକିତ୍ସା ବହିଃର୍ବିଭାଗ, ଏଣ୍ଡୋସ୍କୋପି ଏବଂ ସମସ୍ତ ସୁବିଧା ସମ୍ପନ୍ନ ଅର୍ଥୋପେଡିକ୍ ଅସ୍ତ୍ରୋପଚାର ଗୃହର ଉଦଘାଟନ କରିଛନ୍ତି । ମାମୋଗ୍ରାଫି ୟୁନିଟରେ ପ୍ରସିଦ୍ଧ 'ଫୁଜିଫିଲ୍ମ' ବ୍ରାଣ୍ଡର ଅତ୍ୟାଧୁନିକ ମେସିନ ସ୍ଥାପନ କରାଯାଇଛି, ଯାହା ମହିଳାମାନଙ୍କ ସ୍ତନ କର୍କଟର ପ୍ରାଥମିକ ଚିହ୍ନଟ ଓ ନିଦାନରେ ସହାୟକ ହେବ । ଇକୋକାର୍ଡିଓଗ୍ରାଫି ୟୁନିଟରେ ହୃଦରୋଗର ସଠିକ୍ ପରୀକ୍ଷା ପାଇଁ 'ଜିଇ ହେଲଥକେୟାର' ବ୍ରାଣ୍ଡର ଇକୋ ମେସିନ୍ କାର୍ଯ୍ୟକ୍ଷମ ହୋଇଛି । ପେଟ ଓ ଗ୍ୟାଷ୍ଟ୍ରିକ ସମ୍ବନ୍ଧୀୟ ସମସ୍ୟାର ଚିକିତ୍ସା ତଥା ପରୀକ୍ଷା ପାଇଁ ଫୁଜିଫିଲ୍ମ ବ୍ରାଣ୍ଡର ଏଣ୍ଡୋସ୍କୋପି ୟୁନିଟ୍ ଆରମ୍ଭ କରାଯାଇଛି । ଅସ୍ତ୍ରୋପଚାର ଆବଶ୍ୟକ କରୁଥିବା ରୋଗୀଙ୍କ ପାଇଁ ସ୍ୱତନ୍ତ୍ର ସର୍ଜରୀ ବହିଃ ବିଭାଗ କାର୍ଯ୍ୟକ୍ଷମ ହୋଇଛି । ଏହାସହ ହାଡ଼ ଓ ଗଣ୍ଠି ଜନିତ ଜଟିଳ ଅସ୍ତ୍ରୋପଚାର ପାଇଁ ଏକ ସମ୍ପୂର୍ଣ୍ଣ ଭାବେ ସ୍ୱତନ୍ତ୍ର ଅପରେସନ ଥିଏଟର ଉଦଘାଟନ କରାଯାଇଛି । ଏହି ସମସ୍ତ ସୁବିଧା ଉପଲବ୍ଧ ହେବା ଦ୍ୱାରା ଯାଜପୁର ଏବଂ ଏହାର ଆଖପାଖ ଅଂଚଳର ରୋଗୀମାନେ ବିଶେଷ ଭାବେ ଉପକୃତ ହେବେ । ଜଟିଳ ଅସ୍ତ୍ରୋପଚାର ଏବଂ ହୃଦରୋଗ ସମ୍ପର୍କିତ ପରୀକ୍ଷା ପାଇଁ ଏଣିକି ରୋଗୀଙ୍କୁ ବାହାରକୁ ଯିବାକୁ ପଡ଼ିବ ନାହିଁ । ମହାରାଜା ଯଯାତି କେଶରୀ ଭେଷଜ ମହାବିଦ୍ୟାଳୟ ଓ ହସ୍ପିଟାଲରେ ଏହି ସେବାଗୁଡ଼ିକର ଶୁଭାରମ୍ଭ ଜିଲ୍ଲାରେ ସ୍ୱାସ୍ଥ୍ୟ ସେବାର ଗୁଣବତ୍ତା କ୍ଷେତ୍ରରେ ଏକ ମାଇଲଖୁଂଟ ସଦୃଶ ହୋଇଛି । ଏହା ଆଗାମୀ ଦିନରେ ସ୍ଥାନୀୟ ଜନସାଧାରଣଙ୍କୁ ଉନ୍ନତ ରୋଗ ନିଦାନ ଓ ଚିକିତ୍ସା ପ୍ରଦାନ କରିବାରେ ବେଶ ସହାୟକ ହେବ । ଉଦଘାଟନ ପରେ ଜିଲ୍ଲାପାଳ ଶ୍ରୀ କର ନୂତନ ଭାବେ ସ୍ଥାପିତ ଏହି ସମସ୍ତ ଚିକିତ୍ସା ୟୁନିଟଗୁଡ଼ିକ ନିରୀକ୍ଷଣ କରିଥିଲେ । ଜିଲ୍ଲାରେ ସ୍ୱାସ୍ଥ୍ୟ ସେବାକୁ ସୁଦୃଢ଼ କରିବା ପାଇଁ ନିଆଯାଇଥିବା ଏହି ପଦକ୍ଷେପ ଏବଂ ମେଡିକାଲ ଟିମର ପ୍ରୟାସକୁ ସେ ପ୍ରଶଂସା କରିଛନ୍ତି । ଏହାସହ ସମସ୍ତ ସ୍ୱାସ୍ଥ୍ୟ ସୁବିଧା ନିୟମିତ ଭାବେ ଖୋଲା ରହିବା, ସୂଚାରୁ ରୂପେ ପରିଚାଳିତ ହେବା ଏବଂ ରୋଗୀମାନଙ୍କୁ ଗୁଣାତ୍ମକ ସେବା ପ୍ରଦାନ ସୁନିଶ୍ଚିତ କରିବା ପାଇଁ ସମ୍ପୃକ୍ତ ଅଧିକାରୀ ଓ ଚିକିତ୍ସକମାନଙ୍କୁ ଜିଲ୍ଲାପାଳ ନିର୍ଦ୍ଦେଶ ଦେଇଥିଲେ । ଉଦଘାଟନୀ ସମାରୋହରେ ଜିଲ୍ଲାପାଳଙ୍କ ସମେତ ଜିଲ୍ଲା ମୁଖ୍ୟ ଚିକିତ୍ସା ଓ ଜନସ୍ୱାସ୍ଥ୍ୟ ଅଧିକାରୀ ଡ. ବିଜୟ କୁମାର ମିଶ୍ର, ମେଡିକାଲ କଲେଜର ଅଧ୍ୟକ୍ଷ ପ୍ରଫେସର ଡ. କାମି ସାଗର ପୃଷ୍ଟି, ପ୍ରଫେସର ଡ. ମନୋରମା ସ୍ୱାଇଁ, ମେଡିକାଲ କଲେଜର ପ୍ରଶାସନିକ ଅଧିକାରୀ ଶୈଳସେବା ମୁଦୁଳି, ଅର୍ଥୋପେଡିକ ବିଭାଗ ପ୍ରଫେସର ଡ. ଅତନୁ ମହାନ୍ତି, ସର୍ଜରୀ ବିଭାଗ ପ୍ରଫେସର ଡ. ବିପିନ କୁମାର ଦର, ବିଭିନ୍ନ ବିଭାଗର ବିଭାଗୀୟ ମୁଖ୍ୟ ଏବଂ ମେଡିକାଲ କଲେଜର କର୍ମଚାରୀମାନେ ଉପସ୍ଥିତ ଥିଲେ । ଏହି ସମସ୍ତ ଅତ୍ୟାଧୁନିକ ବିଭାଗ ଓ ସେବାଗୁଡ଼ିକ କାର୍ଯ୍ୟକ୍ଷମ ହେବା ଫଳରେ ରୋଗୀମାନଙ୍କର ଜଟିଳ ରୋଗ ନିର୍ଣ୍ଣୟ ପ୍ରକ୍ରିୟା ଅଧିକ ସହଜ, ଶୀଘ୍ର ଓ ସଠିକ୍ ହୋଇପାରିବ । ସ୍ୱାସ୍ଥ୍ୟ ଭିତିଭୂମିର ସୁଦୃଢ଼ୀକରଣ ଜିଲ୍ଲାର ଚିକିତ୍ସା ବ୍ୟବସ୍ଥାକୁ ଏକ ନୂଆ ଶିଖରକୁ ନେବା ସହ ସରକାରୀ ସ୍ୱାସ୍ଥ୍ୟସେବା ପ୍ରତି ଜନସାଧାରଣଙ୍କ ବିଶ୍ୱାସକୁ ଆହୁରି ମଜଭୁତ କରିବ ।

ରୋଟାରୀ କ୍ଲବ ଅଫ ଶ୍ରୀଜଗନ୍ନାଥ ଧାମର ରୌପ୍ୟ ଜୟନ୍ତୀ ଶ୍ୟାମ ସେନାପତିଙ୍କୁ ରୋଟାରୀ ସମ୍ମାନ -୨୦୨୬

ପୁରୀ, ୨୩/୦୬ (ଆ.ପ୍ର) : ରୋଟାରୀ କ୍ଲବ ଅଫ ଶ୍ରୀଜଗନ୍ନାଥ ଧାମ'ର ରୌପ୍ୟ ଜୟନ୍ତୀ ସମାରୋହ ହୋଟେଲ ହଲିଡ଼େ ରିସୋର୍ଟରେ ମହା ସମାରୋହରେ ଅନୁଷ୍ଠିତ ହୋଇଯାଇଛି । ଏହି ଅବସରରେ ସାହିତ୍ୟ, ସଂସ୍କୃତି, ପରିବେଶ ଓ ସମାଜସେବା କ୍ଷେତ୍ରରେ ଉଲ୍ଲେଖନୀୟ ଅବଦାନ ନିମନ୍ତେ ରାଜ୍ୟପାଳ ପୁରସ୍କାର ପ୍ରାପ୍ତ ସାଂସ୍କୃତିକ ସଂଗଠକ ତଥା ସଫଳ ଉଦଘୋଷକ ଶ୍ୟାମ ପ୍ରକାଶ ସେନାପତିଙ୍କୁ 'ରୋଟାରୀ ସମ୍ମାନ - ୨୦୨୬'ରେ ସମ୍ମାନିତ କରାଯାଇଛି । ଅବସରପ୍ରାପ୍ତ ରାଷ୍ଟ୍ରଦୂତ, ବୈଦେଶିକ ବ୍ୟାପାର ବିଶେଷଜ୍ଞ ତଥା ପ୍ରଧାନମନ୍ତ୍ରୀଙ୍କ ସ୍ୱତନ୍ତ୍ର ପରାମର୍ଶଦାତା ଦୀପକ ଭୋରା ମୁଖ୍ୟ ଅତିଥି, ରୋଟାରୀ ୩୨୬୨ ଜିଲ୍ଲା ଗଭର୍ଣ୍ଣର ମନୋଜ କୁମାର ତ୍ରିପାଠୀ ସମ୍ମାନିତ ଅତିଥି ଭାବେ ଯୋଗଦେଇ ଶ୍ରୀ ସେନାପତିଙ୍କୁ ସମ୍ମାନିତ କରିଥିଲେ । ଅନୁଷ୍ଠାନର ସଭାପତି ରୋଟାରିଆନ ସୁବାସ କୁମାର ପଣ୍ଡା, ଚେୟାରମ୍ୟାନ ପ୍ରଲ୍ଲବ ସୁବୁଦ୍ଧି ଓ ସମ୍ପାଦିକା ଝରଣା ନାୟକ ପ୍ରମୁଖ ମଂଚାସୀନ ଥିଲେ । ଉତ୍ସବରେ ବହୁ ବୁଦ୍ଧିଜୀବୀ, ରୋଟାରିଆନ ଓ ମାନ୍ୟଗଣ୍ୟ ବ୍ୟକ୍ତି ଉପସ୍ଥିତ ଥିଲେ ।

ଆଦିବାସୀ ମହାବିଦ୍ୟାଳୟରେ +୩ ପ୍ରଥମ ପର୍ଯ୍ୟାୟ ନାମଲେଖା ଆରମ୍ଭ

ବାଲିଗୁଡା, ୨୩/୦୬ (ଆ.ପ୍ର) : କନ୍ଧମାଳ ଜିଲ୍ଲା ବାଲିଗୁଡା ସ୍ଥିତ ଆଦିବାସୀ ମହାବିଦ୍ୟାଳୟରେ +୩ କଳା, ବିଜ୍ଞାନ ଓ ବାଣିଜ୍ୟ ସମ୍ମାନ ଶ୍ରେଣୀରେ ପ୍ରଥମ ପର୍ଯ୍ୟାୟ ନାମଲେଖା ମଙ୍ଗଳବାର ଠାରୁ ଆରମ୍ଭ ହୋଇଛି । ଅଧ୍ୟକ୍ଷ ଡ. ବିଭୂତି ଭୂଷଣ ଆଚାର୍ଯ୍ୟଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନ ଓ ମାର୍ଗ ଦର୍ଶନରେ ସମ୍ପୂର୍ଣ୍ଣ ଆଡ୍‌ମିସନ ଟିମ୍ ଏହି କାର୍ଯ୍ୟ ସୁଚାରୁ ରୂପେ ପରିଚାଳନା କରୁଛନ୍ତି । ସୂଚନା ଯୋଗ୍ୟ ଯେ, ଏହି ପୁରାତନ ମହାବିଦ୍ୟାଳୟ ଟି ୧୯୭୯ ମସିହା ଅଗଷ୍ଟ ୩୦ ତାରିଖରେ ପ୍ରତିଷ୍ଠିତ ହୋଇଥିବା ଆଦିବାସୀ ଅଧ୍ୟୁଷିତ କନ୍ଧମାଳ ଜିଲ୍ଲାର ଅନ୍ୟତମ ଅଗ୍ରଣୀ ଘରୋଇ ସରକାରୀ ଅନୁଦାନପ୍ରାପ୍ତ ଉଚ୍ଚ ଶିକ୍ଷାନୁଷ୍ଠାନ ଭାବେ ବେଶ ପରିଚିତ ହୋଇ ପାରିଛି ।

ନୂଆପଡ଼ାରେ ନାର୍କୋ ସମନ୍ୱୟ କେନ୍ଦ୍ର ଜିଲ୍ଲାସ୍ତରୀୟ କମିଟିର ସମୀକ୍ଷା ବୈଠକ ଅନୁଷ୍ଠିତ

ନୂଆପଡ଼ା, ୨୩/୦୬ (ଆ.ପ୍ର) : ନୂଆପଡାରେ ନାର୍କୋ ସମନ୍ୱୟ କେନ୍ଦ୍ର ବ୍ୟବସ୍ଥା ଅଧୀନରେ ଜିଲ୍ଲାସ୍ତରୀୟ କମିଟିର ଏକ ସମୀକ୍ଷା ବୈଠକ ଜିଲ୍ଲାପାଳ ମଧୁସୂଦନ ଦାଶଙ୍କ ଅଧ୍ୟକ୍ଷତାରେ ମୁଖ୍ୟାଳୟ ସମ୍ମିଳନୀ କକ୍ଷରେ ଅନୁଷ୍ଠିତ ହୋଇଯାଇଛି । ପ୍ରାରମ୍ଭରେ ଇନ୍ସପେକ୍ଟର ଅଫ ପୋଲିସ ବି. ରୁଦ୍ରିୟା ସମସ୍ତଙ୍କୁ ସ୍ୱାଗତ ଜଣାଇବା ସହିତ ବୈଠକର ଉଦ୍ଦେଶ୍ୟ ବିଷୟରେ ଅବଗତ କରାଇଥିଲେ । ଜିଲ୍ଲାପାଳ ମାଦକଦ୍ରବ୍ୟ ବିରୋଧୀ ସଚେତନତାକୁ ଅଧିକ ଜୋରଦାର କରିବାକୁ ନିର୍ଦ୍ଦେଶ ଦେଇଥିଲେ । ସମନ୍ୱିତ କାର୍ଯ୍ୟପଦ୍ଧତି ଗ୍ରହଣ କରି ଜିଲ୍ଲାକୁ ଅବୈଧ ମାଦକମୁକ୍ତ କରିବା ପାଇଁ ସମସ୍ତ ବିଭାଗ ଏକତ୍ରିତ ଭାବେ କାର୍ଯ୍ୟ କରିବାକୁ ସେ ନିର୍ଦ୍ଦେଶ ଦେଇଥିଲେ । ବୈଠକରେ ଭାରପ୍ରାପ୍ତ ସିଡିଏମଓ ଡ. ଦ୍ୱାରିକାନାଥ ଶତପଥୀ, ଅବକାରୀ ଅଧୀକ୍ଷକ ସଂଘମିତ୍ରା ପ୍ରଧାନ, ଡିଏସଏସଓ ଅନନ୍ତ କୁମାର ହେମ୍ବ୍ରମ, ଡିଇଓ ପ୍ରଶାନ୍ତ କୁମାର ମହାନ୍ତି ପ୍ରମୁଖ ଉପସ୍ଥିତ ଥିଲେ ।

ଭଦ୍ରକ ଜିଲ୍ଲାରେ ଏସଆଇଆର୍ କାର୍ଯ୍ୟରେ ୮୯.୬୯% ଇଲେକ୍ଟର ଫର୍ମ ଡିଜିଟାଇଜ୍

ଭଦ୍ରକ, ୨୩/୦୬ (ଆ.ପ୍ର) : ଭଦ୍ରକ ଜିଲ୍ଲାର ପାଂଚଟି ବିଧାନସଭା ନିର୍ବାଚନମଣ୍ଡଳୀରେ ଚାଲିଥିବା ସ୍ୱତନ୍ତ୍ର ସଂଘନ ସଂଶୋଧନ (ଏସଆଇଆର) କାର୍ଯ୍ୟକ୍ରମରେ ଉଲ୍ଲେଖନୀୟ ଅଗ୍ରଗତି ହୋଇଛି । ୨୩ ଜୁନ ୨୦୨୬ ଅପରାହ୍ନ ସୁଦ୍ଧା ପ୍ରକାଶିତ ରିପୋର୍ଟ ଅନୁଯାୟୀ ଜିଲ୍ଲାର ସମସ୍ତ ୧୩୨୬ ଜଣ ବିଏଲଓ ପ୍ରଶିକ୍ଷିତ ହୋଇ କ୍ଷେତ୍ରସ୍ତରରେ କାର୍ଯ୍ୟରତ ଅଛନ୍ତି । ଜିଲ୍ଲାରେ ମୋଟ ୧୨,୮୪,୬୮୮ ଜଣ ମତଦାତାଙ୍କ ମଧ୍ୟରୁ ୧୨,୮୪,୪୭୫ଟି ଇଲେକ୍ଟର ଫର୍ମ ଡାଉନଲୋଡ୍ କରାଯାଇଥିବାବେଳେ ସମସ୍ତ ୧୨,୮୪,୬୮୮ଟି ଫର୍ମ ବଂଟନ କରାଯାଇଛି । ଏପର୍ଯ୍ୟନ୍ତ ୧୧,୫୨,୨୦୮ଟି ଫର୍ମ ଡିଜିଟାଇଜ୍ ହୋଇଥିବାରୁ ଜିଲ୍ଲାର ଡିଜିଟାଇଜେସନ୍ ହାର ୮୯.୬୯ ପ୍ରତିଶତରେ ପହଂଚିଛି । ବିଧାନସଭା ଭିତ୍ତିକ ତଥ୍ୟ ଅନୁଯାୟୀ, ଧାମନଗର ନିର୍ବାଚନମଣ୍ଡଳୀରେ ସର୍ବାଧିକ ୯୦.୯୭ ପ୍ରତିଶତ ଫର୍ମ ଡିଜିଟାଇଜ୍ ହୋଇଥିବାବେଳେ ବାସୁଦେବପୁରରେ ୯୦.୨୬ ପ୍ରତିଶତ, ଭଣ୍ଡାରିପୋଖରୀରେ ୯୦.୭୪ ପ୍ରତିଶତ, ଭଦ୍ରକରେ ୮୯.୩୩ ପ୍ରତିଶତ ଏବଂ ଚାନ୍ଦବାଲିରେ ୮୭.୨୩ ପ୍ରତିଶତ ଫର୍ମ ଡିଜିଟାଇଜ୍ କରାଯାଇଛି । ରିପୋର୍ଟ ଅନୁଯାୟୀ, ଜିଲ୍ଲାରେ ୧୧,୫୧,୯୮୫ଟି ଫର୍ମ ଇଆରଓ ମାନଙ୍କ ଦ୍ୱାରା ଯାଂଚ କରାଯାଇଥିବାବେଳେ କେବଳ ୨୦୭ଟି ଫର୍ମ ମତଦାତାଙ୍କ ଦ୍ୱାରା ଦାଖଲ ହୋଇ ଯାଂଚ ଅପେକ୍ଷାରେ ରହିଛି । ଏସଆଇଆର କାର୍ଯ୍ୟକ୍ରମକୁ ଏଇଆରଓମାନଙ୍କ ତତ୍ତ୍ୱାବଧାନରେ ତ୍ୱରାନ୍ୱିତ ଭାବେ ଆଗେଇ ନିଆଯାଉଛି ।

ମହିମା ଅଲେଖ ଯୋଗକ୍ରିୟା ଆଶ୍ରମ ପକ୍ଷରୁ ଅନ୍ତର୍ଜାତୀୟ ଯୋଗ ଦିବସ ପାଳିତ

ଜଗତସିଂହପୁର, ୨୩/୦୬ (ଆ.ପ୍ର) : ଜଗତସିଂହପୁର ଜିଲ୍ଲା ରଘୁନାଥପୁର ବ୍ଲକ ପୁରୁଣାବସନ୍ତ ପଂଚାୟତ ଦେଉଳିସାହି ଗ୍ରାମରେ ଥିବା ମହିମା ଅଲେଖ ଯୋଗକ୍ରିୟା ଆଶ୍ରମ ପକ୍ଷରୁ ଅନ୍ତର୍ଜାତୀୟ ଯୋଗ ଦିବସ ପାଳିତ ହୋଇଯାଇଛି । ଆଶ୍ରମର ପ୍ରତିଷ୍ଠାତା ଶାରୀରିକ ଶିକ୍ଷା ଶିକ୍ଷକ ରାଜକିଶୋର ସାହୁଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଆୟୋଜିତ ଯୋଗ ଶିବିରରେ ଛାତ୍ର ଛାତ୍ରୀ, ଯୁବକ ଯୁବତୀ ଓ ବରିଷ୍ଠ ନାଗରିକ ପାଖାପାଖି ୧୫୦ ଜଣ ଅଂଶଗ୍ରହଣ କରି ଯୋଗ କରିଥିଲେ । ଯେପରି ମହିମା ଯୋଗକ୍ରିୟା ଆଶ୍ରମ ସମ୍ପୂର୍ଣ୍ଣ ଯୋଗମୟ ହୋଇଯାଇଥିଲା । ପ୍ରକାଶ ଥାଉକି ଏହା ପୂର୍ବରୁ ଆଶ୍ରମ ପକ୍ଷରୁ ପଂଚାୟତର ବିଭିନ୍ନ ଗ୍ରାମରେ ଅସୁସ୍ଥହୋଇଥିବା ବ୍ୟକ୍ତି ବିଶେଷଙ୍କୁ ଭେଟି ସମ୍ବର୍ଦ୍ଧନା କରିବା ସହ ମିଠା ଖୁଆଇ ଆଶୁ ଆରୋଗ୍ୟ କାମନା କରିଥିଲେ । ଗ୍ରାମାଂଚଳରେ ଏଭଳି କାର୍ଯ୍ୟକ୍ରମକୁ ସ୍ଥାନୀୟ ପଂଚାୟତବାସୀ ଭୂୟସୀ ପ୍ରଶଂସା କରିଛନ୍ତି ।

ଅନ୍ତର୍ଜାତୀୟ ଯୋଗ ଦିବସ ଅବସରରେ କିନ୍ନରଙ୍କୁ ସୁଯୋଗ

ନବରଙ୍ଗପୁର, ୨୩/୦୬ (ଆ.ପ୍ର) : ନବରଙ୍ଗପୁର ପୋଲିସ ପଡିଆରେ ଅନୁଷ୍ଠିତ ଜିଲ୍ଲା ସ୍ତରୀୟ ଆନ୍ତର୍ଜାତୀୟ ଯୋଗ ଦିବସ ରେ ଜିଲ୍ଲା କିନ୍ନର ସଂଘର ସଦସ୍ୟ ମାନଙ୍କୁ ଯୋଗ କରିବା ନିମନ୍ତେ ଜିଲ୍ଲା ପ୍ରଶାସନ ସୁଯୋଗ ଦେଇଛି । ଯୋଗ କାର୍ଯ୍ୟକ୍ରମ ରେ ରାଜନୈତିକ ବ୍ୟକ୍ତି ବିଶେଷ, ପ୍ରଶାସନ ଅଧିକାରୀ ସମେତ ଅନେକ ଅନୁଷ୍ଠାନ ସହ ଯୋଗ କରିବାର ସୁଯୋଗ ପାଇଥିବାରୁ କିନ୍ନର ମାନେ ଖୁସି ପ୍ରକଟ କରିଛନ୍ତି । ସୂଚନା ଯୋଗ୍ୟ ଯେ ଉଭୟ ରାଜନୈତିକ କର୍ମକର୍ତ୍ତା, ଜିଲ୍ଲା ପ୍ରଶାସନକର୍ମକର୍ତ୍ତା , ବିଭିନ୍ନ ବିଦ୍ୟାଳୟ ରୁ ଆସିଥିବା ଛାତ୍ର ଛାତ୍ରୀ ଏବଂ ଅନ୍ୟ ପ୍ରତିଷ୍ଠିତ ଅନୁଷ୍ଠାନ ର ସଦସ୍ୟ ଙ୍କ ସହ ମିଶି କିନ୍ନର ସଂଘର ସଦସ୍ୟ ସଭାପତି କାଜଲ, ସମ୍ପାଦକ ତୃପ୍ତି, ସହ ସମ୍ପାଦକ ପ୍ରୀତି, ଶାଳାବତୀ ପ୍ରୀତି, ଶ୍ରୁତି, ଶିବାନୀ, କବିତା, ସୁବର୍ଣ୍ଣ, ମେହେନ୍ଦି, ଏଲିନା, ଇପ୍ସିତା, ଲିସା, ବର୍ଷା ଓ ରାଧା ପ୍ରମୁଖ କିନ୍ନର ଯୋଗ କରିଥିଲେ । ଜିଲ୍ଲା ପ୍ରଶାସନ ଦ୍ୱାରା କିନ୍ନର ମାନଙ୍କୁ ବିଭିନ୍ନ କାର୍ଯ୍ୟକ୍ରମ ରେ ସୁଯୋଗ ଦେଇ, ସମାଜ ରେ କିନ୍ନର ଙ୍କ ପ୍ରତି କୌଣସି ଭେଦଭାବ ନାହିଁ ବୋଲି ଏକ ବାର୍ତ୍ତା ସମାଜକୁ ପ୍ରଦାନ କରାଯାଉଛି । ପ୍ରଶାସନ ର ଏହି ପଦକ୍ଷେପ କୁ ବୁଦ୍ଧିଜୀବୀ ମହଲରେ ପ୍ରଶଂସା କରାଯାଉଛି । କିନ୍ନର ମାନଙ୍କୁ ସମସ୍ତଙ୍କ ସହ ଯୋଗ କରିବାକୁ ଜିଲ୍ଲା ପ୍ରଶାସନ ସୁଯୋଗ ଦେଇଥିବାରୁ ସଂଘର ଅଧ୍ୟକ୍ଷ ମନୋଜ କୁମାର ପଟ୍ଟନାୟକ ସମେତ ମୁଖ୍ୟ ପରାମର୍ଶଦାତା ଜଗନ୍ନାଥ ମହାପାତ୍ର, ଉପଦେଷ୍ଟା ଅଧିବକ୍ତା ଶ୍ରୀନିବାସ ପଟ୍ଟନାୟକ, ପ୍ରୋଜେକ୍ଟ ଲିଡର ଏମ.ବାଲା କୃଷ୍ଣ ରାଓ, ସଂଘର ଆଇନ ପରାମର୍ଶଦାତା ରାମ ପ୍ରସାଦ ପାତ୍ର , ସଂଘର ମହିଳା ଉପଦେଷ୍ଟା ତଥା ସମାଜସେବୀ ଶର୍ମିଷ୍ଠା ଦେଓ, ଅଧିବକ୍ତା କିଶୋରୀ ପଟ୍ଟନାୟକ, ଅଧ୍ୟାପିକା ଡକ୍ଟର ସଂଯୁକ୍ତା ପଣ୍ଡା, ପ୍ରିନ୍ସିପାଲ ସ୍ୱର୍ଣ୍ଣଲତା ପଟ୍ଟନାୟକ , ଅନ୍ୟତମ ଉପଦେଷ୍ଟା ସମାଜସେବୀ ନୀନୀବାବୁ ତ୍ରିପାଠୀ, ଅଧ୍ୟାପକ ଅଖିଳ ଭଟ୍ଟ, ସମାଜସେବୀ ଦୁର୍ଗା ପାଢ଼ୀ, ଇଞ୍ଜିନିୟର ଚନ୍ଦନା ମଲ୍ଲିକ, ବୁଲୁ ପାଢ଼ୀ ପ୍ରମୁଖ ଖୁସି ପ୍ରକଟ କରିଛନ୍ତି ଏବଂ ସମସ୍ତ କିନ୍ନର ସଦସ୍ୟ ମାନଙ୍କୁ ଅଭିନନ୍ଦନ ଓ ଶୁଭେଚ୍ଛା ଜ୍ଞାପନ କରିଛନ୍ତି ।

ନୂଆପଡ଼ାରେ ପ୍ରାଣୀ ସମ୍ପଦ ବିଭାଗର ମାସିକ ସମୀକ୍ଷା ବୈଠକ

ଜିଲ୍ଲାପାଳଙ୍କ ଅଧ୍ୟକ୍ଷତାରେ ବିଭିନ୍ନ ଯୋଜନାର ଅଗ୍ରଗତି ସମୀକ୍ଷା

ନୂଆପଡ଼ା, ୨୩/୦୬ (ଆ.ପ୍ର) : ଜିଲ୍ଲା ମୁଖ୍ୟାଳୟ ସଭା ଗୃହରେ ଆଜି ଜିଲ୍ଲାପାଳ ମଧୁସୁଦନ ଦାଶଙ୍କ ଅଧ୍ୟକ୍ଷତାରେ ପ୍ରାଣୀ ସମ୍ପଦ ବିଭାଗର ମାସିକ ସମୀକ୍ଷା ବୈଠକ ଅନୁଷ୍ଠିତ ହୋଇଯାଇଛି । ବୈଠକରେ ଜିଲ୍ଲା ମୁଖ୍ୟ ପ୍ରାଣୀ ଚିକିତ୍ସା ଅଧିକାରୀ ଡ଼ା. ସୁଖେନ୍ଦୁ ରାୟ ବିଭାଗ ଦ୍ୱାରା କାର୍ଯ୍ୟକାରୀ ହେଉଥିବା ବିଭିନ୍ନ ଯୋଜନା, ପ୍ରାଣୀ ଚିକିତ୍ସା ସେବା, ଚାଷୀଙ୍କ ପାଇଁ ଉପଲବ୍ଧ ସୁବିଧା ଏବଂ ବିଭାଗୀୟ କାର୍ଯ୍ୟକ୍ରମର ଅଗ୍ରଗତି ସମ୍ପର୍କରେ ବିସ୍ତୃତ ତଥ୍ୟ ଉପସ୍ଥାପନ କରିଥିଲେ । ସମୀକ୍ଷାରୁ ଜଣାପଡ଼ିଛି ଯେ, ସମ୍ପ୍ରସାରିତ ଅଭିଯୋଗ ଶୁଣାଣି କାର୍ଯ୍ୟକ୍ରମ ଅବସରରେ ଏପର୍ଯ୍ୟନ୍ତ ଜିଲ୍ଲାରେ ୬୦ଟି ପ୍ରାଣୀ ସ୍ୱାସ୍ଥ୍ୟ ଶିବିର ଆୟୋଜନ କରାଯାଇଛି । ଏହି ଶିବିର ମାଧ୍ୟମରେ ୭,୪୮୨ଟି ପ୍ରାଣୀର ଚିକିତ୍ସା କରାଯାଇଥିବା ବେଳେ ୨,୩୩୧ ଜଣ ଚାଷୀ ଉପକୃତ ହୋଇଛନ୍ତି । ବୈଠକ ଅବସରରେ ପ୍ରାଣୀ ପାଳନ କ୍ଷେତ୍ରରେ ଉଲ୍ଲେଖନୀୟ ସଫଳତା ହାସଲ କରିଥିବା ଚାଷୀମାନଙ୍କୁ ସମ୍ମାନିତ କରାଯାଇଥିଲା । ବ୍ରଏଲର ଚାଷ ପାଇଁ ଖରିଆରର ପ୍ରହଲ୍ଲାଦ ବାଂଚୋର, ଗୋ ପାଳନ ପାଇଁ କୋମନାର ସୁଶୀଳା ବାଂଚୋର, ବ୍ରଏଲର ଚାଷ ପାଇଁ ଖୀରଦାସ ସତନାମୀ, ବୋଡ଼େନର ଅସମତି ଛତ୍ରିଆ (ଗୋ ପାଳନ) ଏବଂ ସିନାପାଲିର ଗୋଲାପୀ ସାଙ୍କୁ ସମ୍ମାନିତ କରାଯାଇଥିଲା । ବୈଠକରେ ସମସ୍ତ ବ୍ଲକ ପ୍ରାଣୀ ଚିକିତ୍ସା ଅଧିକାରୀ, ପ୍ରାଣୀ ଚିକିତ୍ସକ ଏବଂ ପ୍ରାଣୀ ପାଳକମାନେ ଉପସ୍ଥିତ ଥିଲେ ।

ମା' ବନଦୁର୍ଗା ଦେବୀଙ୍କ ନୂତନ ମନ୍ଦିର ଓ ବିଗ୍ରହ ପ୍ରାଣ ପ୍ରତିଷ୍ଠା ଉତ୍ସବ

ବାଲିଗୁଡ଼ା, ୨୩/୦୬ (ଆ.ପ୍ର) : କନ୍ଧମାଳ ଜିଲ୍ଲା ବାଲିଗୁଡ଼ା ନିକଟସ୍ଥ ବିରାଗୁଡା ଠାରେ ଜ୍ୟେଷ୍ଠ ମାସ ଶୁକ୍ଳପକ୍ଷ ଅଷ୍ଟମୀ ତିଥି ଠାରୁ ତିନି ଦିନ ଧରି ମାଁ ବନଦୁର୍ଗା ଦେବୀଙ୍କ ପ୍ରତିଷ୍ଠା କାର୍ଯ୍ୟ ବୈଦିକ ରୀତିରେ ଆରମ୍ଭ ହୋଇଛି । ପ୍ରଥମ ଦିନରେ ଦମଦେଇ ଓ ଆପ୍ରା ନଦୀର ସଙ୍ଗମ ସ୍ଥଳରୁ କଳସରେ ପବିତ୍ର ଜଳ ନେଇ କଳସ ଯାତ୍ରା ହୋଇଥିବା ବେଳେ, ଅଙ୍କୁରାରୋପଣ ଓ ଅଧିବାସ ଅନୁଷ୍ଠିତ ହୋଇଯାଇଛି । ମୁଖ୍ୟ ପୂଜକ ପ୍ରମୋଦ କୁମାର ମହାପାତ୍ର, ଜଗତସିଂପୁରର ଜଗନ୍ନାଥ ପଣ୍ଡା, ଯାଜପୁରରୁ ପ୍ରକାଶ ପଣ୍ଡା ତିନି ପୂଜକ ପୂଜା କାର୍ଯ୍ୟରେ ନିୟୋଜିତ ରହିଥିବା ବେଳେ କର୍ତ୍ତା ଭାବରେ ସୁରେଶ ପଣ୍ଡା ଓ ଧର୍ମ ପତ୍ନି ମଧୁ ଲିକା ପଣ୍ଡା ରହିଛନ୍ତି । ମଙ୍ଗଳବାର ଦିନ ନାମଯଜ୍ଞ, ଘୃତଯଜ୍ଞ, ଅନ୍ନଯଜ୍ଞ, ରତ୍ନମୃଦ ଓ ମନ୍ଦିର ପ୍ରତିଷ୍ଠା କାର୍ଯ୍ୟକ୍ରମ ହୋଇଥିବା ବେଳ ବୁଧବାର ଦିନ ଯମୁନା ଯାତ୍ରା, ମାଁଙ୍କ ପ୍ରାଣ ପ୍ରତିଷ୍ଠା ଓ ଯଜ୍ଞର ପୂର୍ଣ୍ଣାହୁତି କାର୍ଯ୍ୟକ୍ରମ ରହିଥିବା କମିଟି ପକ୍ଷରୁ କୁହାଯାଇଛି ।

ଟେଣ୍ଡର ଖୋଲିବା ପରେ କେଜିବିଭି କାର୍ଯ୍ୟ ବାତିଲ୍: ମ.ରାମପୁର ପଂଚାୟତ ସମିତିର ଇ-ଟେଣ୍ଡର ପ୍ରକ୍ରିୟାକୁ ନେଇ ବଢ଼ିଲା ପ୍ରଶ୍ନ, ତଦନ୍ତ ଦାବି ଜୋରଦାର

କଳାହାଣ୍ଡି, ୨୩/୦୬ (ଆ.ପ୍ର) : ମ. ରାମପୁର ପଂଚାୟତ ସମିତି ଦ୍ୱାରା ପ୍ରକାଶିତ ଟେଣ୍ଡର ନୋଟିସ୍ ନଂ PS-MRMU-T-୧/୨୦୨୬-୨୭ କୁ ନେଇ ବର୍ତ୍ତମାନ ଠିକାଦାର ମହଲରେ ତୀବ୍ର ଅସନ୍ତୋଷ ଦେଖାଦେଇଛି । ଟେଣ୍ଡରର ଶେଷ ତାରିଖ ୨୦.୦୬.୨୦୨୬ ଥିବା ବେଳେ, ଟେଣ୍ଡର ତାଲିକାର କ୍ରମିକ ସଂଖ୍ୟା-୫ ରେ ଥିବା "Repair and Renovation of Kasturaba Gandhi Balika Vidyalaya (KGBV), M. Rampur" କାର୍ଯ୍ୟ ପାଇଁ ଭୁଲବଶତଃ ଅନ୍ୟ ଏକ କାର୍ଯ୍ୟର BOQ ଅପଲୋଡ୍ କରାଯାଇଥିବା ଅଭିଯୋଗ ହୋଇଛି । ସବୁଠୁ ଗୁରୁତ୍ୱପୂର୍ଣ୍ଣ କଥା ହେଉଛି, ଟେଣ୍ଡର ପ୍ରକାଶ ପାଇବା ଠାରୁ ଆରମ୍ଭ କରି ଶେଷ ତାରିଖ ପର୍ଯ୍ୟନ୍ତ ସମ୍ବନ୍ଧିତ ଅଧିକାରୀମାନେ ଏହି ତ୍ରୁଟିକୁ ଧ୍ୟାନ ଦେଇନଥିଲେ । କିନ୍ତୁ ଟେଣ୍ଡର ଖୋଲିବା ତାରିଖ ୨୨.୦୬.୨୦୨୬ ରେ ପହଂଚିବା ପରେ ହଠାତ୍ ଏକ Corrigendum for Cancellation of Tender ଜାରି କରି କେବଳ ଉକ୍ତ କାର୍ଯ୍ୟକୁ ବାତିଲ୍ କରାଯାଇଥିବା ଦେଖାଯାଉଛି । ଏହାକୁ ନେଇ ଅନେକ ପ୍ରଶ୍ନ ଉଠିଛି । ଯଦି BOQ ଭୁଲ ଅପଲୋଡ୍ ହୋଇଥିଲା, ତେବେ ଟେଣ୍ଡର ଅବଧି ମଧ୍ୟରେ ଏହାକୁ ସଂଶୋଧନ କରାଯାଇନଥିଲା କାହିଁକି ? ଟେଣ୍ଡର ଖୋଲିବା ପରେ ହିଁ ଏହି ତ୍ରୁଟି କିପରି ନଜରକୁ ଆସିଲା ? ଏହା କେବଳ ପ୍ରଶାସନିକ ଅବହେଳା ନା ଏହା ପଛରେ ଅନ୍ୟ କୌଣସି କାରଣ ରହିଛି, ତାହା ତଦନ୍ତ ସାପେକ୍ଷ ବୋଲି ମତ ପ୍ରକାଶ ପାଉଛି । ଠିକାଦାରମାନଙ୍କ ଅଭିଯୋଗ ଅନୁସାରେ, ଟେଣ୍ଡରରେ ଅଂଶଗ୍ରହଣ ପାଇଁ ସେମାନେ ଡିଜିଟାଲ ସିଗ୍ନେଚର, EMD ଜମା, ଦଲିଲ ପ୍ରସ୍ତୁତି ଓ ଅନ୍ୟାନ୍ୟ ଖର୍ଚ୍ଚ ବହନ କରିଥିଲେ । କିନ୍ତୁ ସମ୍ବନ୍ଧିତ ଅଧିକାରୀଙ୍କ ଅବହେଳା ଯୋଗୁଁ ସେମାନଙ୍କ ସମୟ, ଶ୍ରମ ଓ ଅର୍ଥ ନଷ୍ଟ ହୋଇଥିବାରୁ ଏହାକୁ ସେମାନେ ଅନ୍ୟାୟ ବୋଲି ଦାବି କରିଛନ୍ତି । ବିଶେଷ କରି, କେଉଁ ସରକାରୀ ପରିପତ୍ର କିମ୍ବା ନିୟମ ଆଧାରରେ ଟେଣ୍ଡର ଖୋଲିବା ପରେ କେବଳ ଗୋଟିଏ କାର୍ଯ୍ୟକୁ ବାତିଲ୍ କରାଗଲା, ତାହାକୁ ସାର୍ବଜନୀନ କରିବାକୁ ଦାବି ହେଉଛି । କରିଜେଣ୍ଡମ୍‌ରେ କେବଳ "Due to error in the BOQ this tender hereby cancelled" ବୋଲି ଉଲ୍ଲେଖ ଥିବା ବେଳେ, ଏହି ତ୍ରୁଟି ପାଇଁ ଦାୟୀ କିଏ ଏବଂ କାହା ବିରୋଧରେ କୌଣସି ପଦକ୍ଷେପ ନିଆଯାଇଛି କି ନାହିଁ, ସେଥି ଅସ୍ପଷ୍ଟ ରହିଛି । ଠିକାଦାର ମହଲରେ ଚର୍ଚ୍ଚା ହେଉଛି ଯେ, ଏଭଳି ଗୁରୁତର ତ୍ରୁଟି ଏକ ସରକାରୀ ଇ-ଟେଣ୍ଡର ପ୍ରକ୍ରିୟାରେ କିପରି ଘଟିଲା ? ଟେଣ୍ଡର ପ୍ରକାଶ ପୂର୍ବରୁ BOQ ଯାଂଚ କରିବା ଦାୟିତ୍ୱ କାହାର ଥିଲା ? ବିଡିଓ କାର୍ଯ୍ୟାଳୟରେ ଟେଣ୍ଡର ସମ୍ବନ୍ଧୀୟ ଦଲିଲ ଯାଂଚ ପ୍ରକ୍ରିୟା ସଠିକ୍ ଭାବେ ପାଳନ କରାଯାଉଛି କି ନାହିଁ, ତାହା ମଧ୍ୟ ଏବେ ପ୍ରଶ୍ନବାଚୀ ସୃଷ୍ଟି କରିଛି । ସରକାରୀ ଅର୍ଥ ଓ ଜନସ୍ୱାର୍ଥ ସହ ଜଡିତ ଏହି ପ୍ରସଙ୍ଗରେ ଉଚ୍ଚସ୍ତରୀୟ ତଦନ୍ତ କରାଯାଇ ପ୍ରକୃତ ତଥ୍ୟ ଲୋକଙ୍କ ସମ୍ମୁଖରେ ଆଣିବା ସହିତ ଦାୟୀ ଅଧିକାରୀଙ୍କ ବିରୋଧରେ ଉଚିତ ପଦକ୍ଷେପ ନେବାକୁ ଦାବି ହେଉଛି । ନଚେତ୍ ଭବିଷ୍ୟତରେ ଏପରି ଅବ୍ୟବସ୍ଥା ଓ ଅବହେଳା ଟେଣ୍ଡର ବ୍ୟବସ୍ଥା ପ୍ରତି ଲୋକଙ୍କ ବିଶ୍ୱାସକୁ କ୍ଷୁଣ୍ଣ କରିବ ବୋଲି ସାଧାରଣରେ ମତ ପ୍ରକାଶ ପାଉଛି ।

ଭବାନୀପାଟଣାରେ ନଶା ମୁକ୍ତ ଭାରତ ଅଭିଯାନ' ସଚେତନତା ରାଲି ଆୟୋଜିତ

ଭବାନୀପାଟଣା, ୨୩/୦୬ (ଆ.ପ୍ର) : ଭାରତ ସରକାରଙ୍କ ସାମାଜିକ ନ୍ୟାୟ ଓ ସଶକ୍ତିକରଣ ବିଭାଗ ଦ୍ୱାରା ନିର୍ଦ୍ଦେଶିତ ନିଶାମୁକ୍ତ ଭାରତ ଅଭିଯାନ-୨୦୨୬ ର ପାଳିପାଳନ ଅବସରରେ ୨୩.୦୬.୨୦୨୬ ତାରିଖ ରେ ଭବାନୀପାଟଣାରେ 'ନଶା ମୁକ୍ତ ଭାରତ ଅଭିଯାନ' ସଚେତନତା ରାଲି ଆୟୋଜିତ ହୋଇ ଯାଇଛି । ଚଳିତ ବର୍ଷ ଏହି ଅଭିଯାନ ପାଳିପାଳନ ତା- ୧୭.୬.୨୦୨୬ରୁ ଆରମ୍ଭ ହୋଇ ୨୬.୦୬.୨୦୨୬ ତାରିଖରେ 'ଆନ୍ତର୍ଜାତୀୟ ମାଦକ ଦ୍ରବ୍ୟ ଦୁର୍ବ୍ୟସନ ଓ ଅବୈଧ ଚାଲାଣ ବିରୋଧୀ ଦିବସ' ପାଳନ ସହ ପରିସମାପ୍ତି ହେବ । ସାମାଜିକ ସୁରକ୍ଷା ଓ ଭିନ୍ନକ୍ଷମ ସଶକ୍ତିକରଣ ବିଭାଗ, ଓଡିଶା ସରକାରଙ୍କ ଦ୍ୱାରା ୧୭.୦୬.୨୦୨୬ ରୁ ୨୬.୦୬.୨୦୨୬ ପର୍ଯ୍ୟନ୍ତ ରାଜ୍ୟବ୍ୟାପି ସରକାରୀ ଓ ବେସରକାରୀ ଅନୁଷ୍ଠାନ ଗୁଡିକର ସମନ୍ୱୟ ରେ ବିଭିନ୍ନ ସଚେତନତା କାର୍ଯ୍ୟକ୍ରମ ଆୟୋଜନ କରାଯାଉଛି । ଏହି ବର୍ଷର ଥିମ୍ "ନଶା ମୁକ୍ତ ଭାରତ ଅଭିଯାନ, ବିକସିତ ଭାରତ କି ପହେଚାନ" ରହିଛି । ଏହି ପରିପ୍ରେକ୍ଷିତରେ ଆଜି ଭବାନୀପାଟଣାରେ 'ନଶା ମୁକ୍ତ ଭାରତ' ସଚେତନତା ରାଲି ଆୟୋଜିତ ହୋଇଥିଲା । ଏହି ରାଲିକୁ ଅତିରିକ୍ତ ଜିଲ୍ଲାପାଳ ତନ୍ମୟ କୁମାର ଦରଖାନ ମହୋଦୟ ଓ ଏକ୍ସାଇଜ୍ ସୁପରିଂଟେଣ୍ଡେଂଟ ରଞ୍ଜନ ନାୟକ ପତାକା ଦେଖାଇ ଶୁଭାରମ୍ଭ କରିଥିଲେ । ଏହି ସଚେତନତା ରାଲିରେ ୨୦୦ ରୁ ଅଧିକ ଛାତ୍ରଛାତ୍ରୀ ଯୋଗଦେଇ ମାଦକ ବିରୋଧୀ ସନ୍ଦେଶ ପ୍ରଚାର କରିଥିଲେ । କାର୍ଯ୍ୟକ୍ରମଟି ଜିଲ୍ଲା ସମାଜ ସୁରକ୍ଷା ଅଧିକାରୀ, କଳାହାଣ୍ଡି ଦିନେଶ କୁମାର କନ୍ହରଙ୍କ ଅଧ୍ୟକ୍ଷତାରେ ଆୟୋଜିତ ହୋଇଥିଲା । କାର୍ଯ୍ୟକ୍ରମର ସଫଳ ବ୍ୟବସ୍ଥାପନା ପାଇଁ DSSO ଓ DDRCର କର୍ମଚାରୀମାନେ ସହଯୋଗ କରିଥିଲେ ।

ଖଳିସାହି ପଂଚାୟତରେ ଓଡ଼ିଶା ସାରା ବିକାଶ ଧାରା କାର୍ଯ୍ୟକ୍ରମ

ଖଣ୍ଡପଡ଼ା, ୨୩/୦୬ (ଆ.ପ୍ର) : ରାଜ୍ୟ ସରକାରଙ୍କ ୨ ବର୍ଷ ପୂର୍ତ୍ତି ଅବସରରେ ଖଣ୍ଡପଡ଼ା ବ୍ଲକ ପ୍ରଶାସନର ନିର୍ଦ୍ଦେଶକ୍ରମେ ଖଳିସାହି ପଂଚାୟତରେ ୩ ଦିନ ବ୍ୟାପି ଓଡିଶା ସାରା ବିକାଶ ଧାରା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ଏ ଅବସରରେ ମିଶନ ଶକ୍ତିର ମହିଳାମାନଙ୍କୁ ନେଇ ସଚେତନତା ଓ ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା । ସେହିପରି ଯୋଗ ଶିବିର, ବୃକ୍ଷ ରୋପଣ ଆଦି ବିଭିନ୍ନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ଖଳିସାହି ପଂଚାୟତ ଅଧୀନ ସମସ୍ତ ଗ୍ରାମର ଯୋଗ୍ୟ ହିତାଧିକାରୀଙ୍କୁ ଅନ୍ନପୂର୍ଣ୍ଣା କାର୍ଡ, ଆୟୁଷ୍ମାନ ବୟୋ ବନ୍ଦନା କାର୍ଡ, ଭତା କାର୍ଡ, ଅନ୍ତ୍ୟୋଦୟ ଗୃହ କାର୍ଯ୍ୟାଦେଶ ଇତ୍ୟାଦି ପ୍ରଦାନ କରାଯାଇଥିବା ଜଣାଯାଇଛି । ପଂଚାୟତ କାର୍ଯ୍ୟନିର୍ବାହୀ ଅଧିକାରୀ ମନୋଜ କୁମାର ପ୍ରଧାନଙ୍କ ପ୍ରତ୍ୟେକ୍ଷ ତତ୍ୱାବଧାନରେ ସମସ୍ତ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା । ଜିଆରଏସ, ଏମବିକେଙ୍କ ସମେତ ମହିଳା ସ୍ୱୟଂ ସହାୟିକା ଗୋଷ୍ଠୀର ସଦସ୍ୟା, ଆଶା କର୍ମୀ, ଅଙ୍ଗନବାଡି କର୍ମୀ, ୱାର୍ଡ ସଭ୍ୟ ସଭ୍ୟା ପ୍ରମୁଖ କାର୍ଯ୍ୟକ୍ରମରେ ଉପସ୍ଥିତ ଥିଲେ ।

ନୂତନ ଶିକ୍ଷା ବର୍ଷ ପାଇଁ +୩ ନାମଲେଖା ଛାତ୍ର ଛାତ୍ରୀଙ୍କୁ ସହଯୋଗ କରିବା ନିମନ୍ତେ ଏକ ସହାୟତା କେନ୍ଦ୍ର ଆରମ୍ଭ

ଭବାନୀପାଟଣା, ୨୩/୦୬ (ଆ.ପ୍ର) : ସମ୍ମୁଖରେ କଳାହାଣ୍ଡି ଜିଲ୍ଲା ବିଜୁ ଯୁବ ଓ ଛାତ୍ର ଜନତା ଦଳ ପକ୍ଷରୁ ନୂତନ ଶିକ୍ଷା ବର୍ଷ ପାଇଁ +୩ ନାମଲେଖା ଛାତ୍ର ଛାତ୍ରୀଙ୍କୁ ସହଯୋଗ କରିବା ନିମନ୍ତେ ଏକ ସହାୟତା କେନ୍ଦ୍ର ଆରମ୍ଭ କରାଯାଇଛି । ଏହି ସହାୟତା କେନ୍ଦ୍ର ମାଧ୍ୟମରେ ନାମଲେଖା ସମ୍ବନ୍ଧୀୟ ସୂଚନା, ଅନଲାଇନ ଅନୁସନ୍ଧାନ, ଆବଶ୍ୟକ ଦସ୍ତାବେଜ ଲିଷ୍ଟ, ବିଭିନ୍ନ ପ୍ରଶ୍ନର ସମାଧାନ ଏବଂ ଛାତ୍ରଛାତ୍ରୀ ଓ ଅଭିଭାବକ ମାନଙ୍କୁ ଆବଶ୍ୟକୀୟ ସହାୟତା ପ୍ରଦାନ କରାଯାଉଛି । ଆଜି ଠାରୁ ଆରମ୍ଭ ହୋଇଥିବା ଏହି ସହାୟତା କେନ୍ଦ୍ର ଆଗାମୀ ୨୫ ଜୁନ ପର୍ଯ୍ୟନ୍ତ ଖୋଲାଯିବ ବୋଲି ଯୁବ ଛାତ୍ର ବିଜେଡି ପକ୍ଷରୁ କୁହାଯାଇଛି । ଏହି କାର୍ଯ୍ୟକ୍ରମରେ ଜିଲ୍ଲା ବିଜୁ ଯୁବ ବିଜେଡି ସଭାପତି ଅବିନାଶ ଠାକୁର, ରାଜ୍ୟ ଯୁବ ବିଜେଡି ବରିଷ୍ଠ ଉପସଭାପତି ମିଂଟୁ ନାଏକ, ରାଜ୍ୟ ଯୁବ ବିଜେଡି ଉପସଭାପତି ମନୀନ୍ଦ୍ର ନାଏକ, ଜିଲ୍ଲା ଛାତ୍ର ବିଜେଡି ସଭାପତି ଅଜିତ କୁମାର ସାହୁ, ଯୁବ ନେତା ଶିବା ସାହୁ, ଛାତ୍ର ନେତା ପ୍ରବୀଣ କୁମାର, ମାନସ ସିନ୍ଦୁର, ଭୋଳାନାଥ ନାଗ, ବିଭୁତି ମଲ୍ଲିକ, ସିଦ୍ଧାର୍ଥ ନାଏକ, ରବି ଚନ୍ଦ୍ର ନାଏକ, ଯୁବ ନେତା ଅମିତ ଯାଦବ, ନବୀନ ନାୟକ, ଶୁଭମ ପ୍ରଧାନ, ଶ୍ରୀଚନ୍ଦନ ନାଏକ, ନିମସ ତାଣ୍ଡି ପ୍ରମୁଖ ଉପସ୍ଥିତ ରହି ଛାତ୍ରଛାତ୍ରୀଙ୍କୁ ସହଯୋଗ କରିଥିଲେ ।

ପବିତ୍ର ମହରମ ପର୍ବ ପାଳନ ନିମନ୍ତେ ପ୍ରଶାସନ ପକ୍ଷରୁ ଶାନ୍ତି କମିଟି ବୈଠକ



ଧାମନଗର, ୨୩/୦୬ (ଆ.ପ୍ର) : ଧାମନଗର ବ୍ଲକ ଓ ଏନ ଏ ସି ଅଂଚଳରେ ପବିତ୍ର ମହରମ ପର୍ବ କିପରି ଶାନ୍ତି ଶୃଙ୍ଖଳା ସହ ପାଳନ ହେବ ସେନେଇ ପ୍ରଶାସନ ପକ୍ଷରୁ ଶାନ୍ତି କମିଟି ବୈଠକ ଅନୁଷ୍ଠିତ ହୋଇଯାଇଛି । ସୋମବାର ଧାମନଗର ପଂଚାୟତ ସମିତି କନ୍‌ଫ୍ରେନ୍‌ସ ସଭାଗୃହ ପରିସରରେ ଶାନ୍ତି କମିଟିର ଆବାହକ ତଥା ତହସିଲଦାର ଜ୍ଞାନରଞ୍ଜନ ସାହୁଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ବୈଠକରେ ଜିଲ୍ଲା ପରିଷଦ ଉପାଧ୍ୟକ୍ଷା ବୃନ୍ଦାବାଳା ବିଶ୍ୱାଳ, ଅଧ୍ୟକ୍ଷା ନିବେଦିତା ଜେନା, ଏଏସପି ଅଂଶୁମାନ ଦ୍ୱିବେଦୀ, ଏସଡିପିଓ ବିଷ୍ଣୁ ଚରଣ ବାରିକ, ଆଇଆଇସି ଶୁଭ୍ରଜିତ ଦାଶ, କାର୍ଯ୍ୟ ନିର୍ବାହୀ ଅଧିକାରୀ ସନ୍ତୋଷ କୁମାର ନାୟକ ପ୍ରମୁଖ ମଂଚାସିନ ହୋଇ ବକ୍ତବ୍ୟ ରଖିଥିଲେ । ଶାନ୍ତି କମିଟିର ବରିଷ୍ଠ ସଦସ୍ୟ ବାସୁଦେବ ତ୍ରିପାଠୀ, ବିରେନ୍ଦ୍ର କୁମାର ଜେନା, କୃଷ୍ଣ ଚନ୍ଦ୍ର ଜେନା, ଏମଡି ଇସ୍ରାଇଲ ହବିବି, ଗୋଲାମ ଜିଲାନି ହବିବି, ସେକ ଜାଫର ଅଲ୍ଲୀ, ସେକ ରୋସ୍ତମ, ପ୍ରତାପ ସାମଲ, ଲମ୍ବୋଦର ଜେନା, ଏମଡି ଫକିରୁଦ୍ଦିନ, ପୂର୍ତ୍ତ ବିଭାଗ ଯନ୍ତ୍ରୀ ଶ୍ରୀନିବାସ ମଲ୍ଲିକ, ବିଦ୍ୟୁତ ବିଭାଗ ପକ୍ଷରୁ କନିଷ୍ଠ ଯନ୍ତ୍ରୀ ଶାଶ୍ୱତ ନନ୍ଦୀ, ସ୍ୱାସ୍ଥ୍ୟ ବିଭାଗ ଅଧିକାରୀ ପ୍ରମୁଖ ଉପସ୍ଥିତ ରହି ଇସଲାମିକ ନୂତନ ବର୍ଷ ଏବଂ ପାଉବାବା ହୋଜୁର ମୁଜାହିଦ୍-ଏ- ମିଲ୍ଲତଙ୍କ ଜନ୍ମ ଦିନ ଅବସରରେ ଅଭିନନ୍ଦନ ଓ ଶୁଭେଚ୍ଛା ଜଣାଇବା ସହ ବ୍ୟାପକ ଆଲୋଚନା କରିଥିଲେ ଓ ଭାଇଚାରାର ମାଟି ଧାମନଗରରେ ପରସ୍ପରକୁ ସହଯୋଗ କରି ଏହି ପର୍ବ ପାଳନ କରିବାକୁ ନିଜ ନିଜର ବକ୍ତବ୍ୟ ରଖିଥିଲେ । ଶାନ୍ତି ଶୃଙ୍ଖଳା ରକ୍ଷା କରିବା ପାଇଁ ବ୍ୟାପକ ସୁରକ୍ଷା ବ୍ୟବସ୍ଥା କରିବା ସହ ଡିଜେ ସମ୍ପୂର୍ଣ୍ଣ ବନ୍ଦ କରିବା,ବାଡ଼ିଖେଳ ବେଳେ ମଦ୍ୟପାନ ନକରିବା ପାଇଁ ପୋଲିସ ପକ୍ଷରୁ ତାଗିଦ କରାଯାଇଥିଲା ।

ନାବାଳିକାକୁ ଦୁଷ୍କର୍ମ ଘଟଣା ଅଭିଯୁକ୍ତଙ୍କୁ ୨୦ ବର୍ଷ କାରାଦଣ୍ଡାଦେଶ

ଯାଜପୁର, ୨୩/୦୬ (ଆ.ପ୍ର) : ୨୦୨୦ ମସିହା କୋରେଇ ଥାନା ଅଂଚଳରେ ନାବାଳିକାକୁ ଦୁଷ୍କର୍ମ ଘଟଣାର ରାୟ ପ୍ରକାଶ କରିଛନ୍ତି ମାନ୍ୟବର ପୋକ୍ସୋ ସ୍ପେସାଲ କୋର୍ଟ । ଅଭିଯୁକ୍ତ ଟିଉସନ ସାର ଶାଳକଣା ଗାଁର ରମାକାନ୍ତ ବିଶ୍ୱାଳଙ୍କୁ ୨୦ ବର୍ଷ କାରାଦଣ୍ଡାଦେଶ ଶୁଣାଇଲେ ପୋକ୍ସୋ ସ୍ପେସାଲ ଅଦାଲତ । ୧୯ ଜଣ ସାକ୍ଷ ପ୍ରମାଣକୁ ଆଧାର କରି ଅଭିଯୁକ୍ତଙ୍କୁ ୨୦ବର୍ଷ କାରାଦଣ୍ଡାଦେଶ ସହ ୫୦ ହଜାର ଟଙ୍କା ଜରିମାନା ଓ ଅନାଦେୟ ଅଧିକ ୧ବର୍ଷ ପାଇଁ ଜେଲ ଦଣ୍ଡ ଶୁଣାଇଛନ୍ତି ।

ନବରଙ୍ଗପୁର -ଜୟପୁର ରେଳପଥ ପ୍ରକଳ୍ପର ଭୂମି ଅଧିଗ୍ରହଣ ବାବଦ ତୃତୀୟ ପର୍ଯ୍ୟାୟ କ୍ଷତି ପୂରଣ ରାଶି ବିତରଣ କାର୍ଯ୍ୟକ୍ରମ

ନବରଙ୍ଗପୁର, ୨୩/୦୬ (ଆ.ପ୍ର) : ଆଜି ସ୍ଥାନୀୟ ପୋଲିସ ପଡ଼ିଆ ଠାରେ ନବରଙ୍ଗପୁର ଜୟପୁର ରେଳପଥ ପ୍ରକଳ୍ପ ସକାଶେ ଭୂମି ଅଧିଗ୍ରହଣ ବାବଦ ତୃତୀୟ ପର୍ଯ୍ୟାୟ କ୍ଷତି ପୂରଣ ରାଶି ବିତରଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ଏହି କାର୍ଯ୍ୟକ୍ରମରେ ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗ ମନ୍ତ୍ରୀ ନିତ୍ୟାନନ୍ଦ ଗଣ୍ଡ ମୁଖ୍ୟ ଅତିଥି, ସାଂସଦ ଲୋକସଭା ବଳଭଦ୍ର ମାଝୀ ବରେଣ୍ୟ ଅତିଥି ଏବଂ ସମ୍ମାନୀତ ଅତିଥି ଭାବେ ମାନ୍ୟବର ବିଧାୟକ ନବରଙ୍ଗପୁର ତଥା ଜିଲ୍ଲା ଯୋଜନା ବୋର୍ଡ ଅଧ୍ୟକ୍ଷ ଗୌରୀ ଶଙ୍କର ମାଝୀ, ଜିଲ୍ଲାପାଳ ଡ଼ ମହେଶ୍ୱର ସ୍ୱାଇଁ ଯୋଗ ଦେଇ ଜମି ଅଧିଗ୍ରହଣ ଯୋଗୁଁ ନନ୍ଦାହାଣ୍ଡି ତହସିଲର ଜମି ହରାଇଥିବା ୧୪୪ ଜଣ ବ୍ୟକ୍ତିଙ୍କୁ ୧୫୩ କୋଟିଟଙ୍କାର ଅର୍ଥରାଶି ଚେକ୍ ମାଧ୍ୟମରେ ପ୍ରଦାନ କରିଛନ୍ତି । ଏହି କାର୍ଯ୍ୟକ୍ରମରେ ଅନ୍ୟ ଅତିଥି ଭାବେ ଅତିରିକ୍ତ ଜିଲ୍ଲାପାଳ (ରାଜସ୍ୱ) ବିଶ୍ୱଜିତ୍ ଚନ୍ଦ୍ର ବର୍ମନ, ଉପ ଜିଲ୍ଲାପାଳ ପ୍ରକାଶ କୁମାର ମିଶ୍ର, ବିଶିଷ୍ଟ ସମାଜସେବୀ କୁଞ୍ଜ ବିହାରୀ ଦାସ ପ୍ରମୁଖ ଉପସ୍ଥିତ ଥିଲେ । ଅତିରିକ୍ତ ଜିଲ୍ଲାପାଳ (ରାଜସ୍ୱ)ସମସ୍ତଙ୍କୁ ସ୍ୱାଗତ କରିଥିଲେ । ଏହି ପ୍ରକଳ୍ପ ନିମନ୍ତେ ନନ୍ଦାହାଣ୍ଡି ତହସିଲ ର ବହିଭଟା, ନୂଆଗୁଡା, ଗଡବାଗୁଡା, ସିଙ୍ଘିଗୁଡା ମୌଜା ର ୧୦୮.୫୫ ଏକର ଜମି ଅଧିଗ୍ରହଣ କରାଯାଇଛି ଏବଂ ଏହି ପ୍ରକଳ୍ପ ପାଇଁ ୫.୧୩ ଏକର ସରକାରୀ ଜମି ମଧ୍ୟ ଅଧିଗ୍ରହଣ ହୋଇଛି ।ମୁଖ୍ୟ ଅତିଥି ଏହି ଅବସରରେ ରେଳ ପ୍ରକଳ୍ପ ଯୋଗୁଁ ନବରଙ୍ଗପୁର ଜିଲ୍ଲାବାସୀଙ୍କ ବହୁଦିନର ସ୍ୱପ୍ନ ପୂରଣ ହେବ ବୋଲି କହିଥିଲେ । ନିଜ ବକ୍ତବ୍ୟରେ କେନ୍ଦ୍ର ସରକାରଙ୍କ ଓଡ଼ିଶା ରାଜ୍ୟରେ ରେଳ ପ୍ରକଳ୍ପ ବିକାଶ ପାଇଁ ୧୦,୦୦୦ କୋଟି ଟଙ୍କାର ବ୍ୟୟବରାଦକୁ ପ୍ରଶଂସା କରିବା ସହ ଭାରତ ମାଳା ରାସ୍ତା, ଜୟପୁର ବ୍ରହ୍ମପୁର ୬ ଟିକିଆ ରାସ୍ତା, ମେଡିକାଲ କଲେଜ, ବ୍ଲକ୍ ଷ୍ଟାଡିୟମ୍, ଆଦର୍ଶ ବିଦ୍ୟାଳୟ,ଦକ୍ଷତା ବିକାଶ ଉପରେ ଗୁରୁତ୍ୱ ଦେଇ ଏହା ଜିଲ୍ଲାର ବିକାଶ ରେ ବିଶେଷ ସହାୟକ ହେବ ବୋଲି କହିଥିଲେ । ସାଂସଦ ନିଜ ବକ୍ତବ୍ୟରେ ଏହି ରେଳ ପ୍ରକଳ୍ପ ନବରଙ୍ଗପୁର ଜିଲ୍ଲା ବାସୀଙ୍କ ବହୁ ଦିନର ଦାବି ଓ ସ୍ୱପ୍ନକୁ ପୂରଣ କରିବ ଏବଂ ଡିସେମ୍ବର ସୁଦ୍ଧା ଖୁବ ଶୀଘ୍ର ରେଳପଥ ନିର୍ମାଣ କାର୍ଯ୍ୟ ଆରମ୍ଭ ହେବ ବୋଲି କହିବା ସହ ରେଳ ପ୍ରକଳ୍ପରେ ଜମି ଦେଇଥିବା ବ୍ୟକ୍ତିଙ୍କୁ ଭୂୟସୀ ପ୍ରଶଂସା କରିଥିଲେ । ପ୍ରକାଶ ଥାଉ କି ପ୍ରସ୍ତାବିତ ଜୁନାଗଡ - ନବରଙ୍ଗପୁର, ନବରଙ୍ଗପୁର - ଜୟପୁର ଏବଂ ମାଲକାନଗିରି - ଭଦ୍ରାଚଳମ ମୋଟ ୪୬୦ କିମି ସ୍ୱାଧୀନ ଭାରତର ଦ୍ୱିତୀୟ ବୃହତମ ରେଳପଥ ପ୍ରକଳ୍ପ ଅଟେ । ମାନ୍ୟବର ବିଧାୟକ ନବରଂଗପୁର ନିଜ ବକ୍ତବ୍ୟରେ ଜିଲ୍ଲାର ବିକାଶ ରେ କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ପକ୍ଷରୁ ବିଶେଷ ପଦକ୍ଷେପ ନିଆଯାଉଛି ଏବଂ ଏହି ରେଳ ପ୍ରକଳ୍ପ ଶୀଘ୍ର ନିର୍ମାଣ ହେଲେ ଜିଲ୍ଲାବାସୀଙ୍କ ଆର୍ଥିକ ଅଭିବୃଦ୍ଧି ରେ ବିଶେଷ ସହାୟକ ହେବ ବୋଲି କହିଥିଲେ । କାର୍ଯ୍ୟକ୍ରମରେ ଜମି ହରାଇ କ୍ଷତି ପୂରଣ ପାଇଥିବା ବ୍ୟକ୍ତି, ସାଂସଦ ପ୍ରତିନିଧି ଜ୍ୟୋତି ରଞ୍ଜନ କଂସ, ତହସିଲଦାର ନନ୍ଦାହାଣ୍ଡି ଚନ୍ଦ୍ରହାସ ମହାନନ୍ଦିଆ, ତହସିଲଦାର ନବରଙ୍ଗପୁର ଭୋଳେଶ୍ୱର ନାୟକ, ବିଡିଓ ନବରଙ୍ଗପୁର ସୁନିଲ ଖରା, ଡିଆଇପି ଆର୍ ଓ ମନୋଜ ବେହେରାଙ୍କ ସମେତ ଅନେକ ହିତାଧିକାରୀ, ବୁଦ୍ଧିଜୀବି, ସ୍ଥାନୀୟ ଜନ ସାଧାରଣ, ଛାତ୍ର, ଛାତ୍ରୀ,ତହସିଲ କାର୍ଯ୍ୟାଳୟ କର୍ମଚାରୀ,ଗଣ ମାଧ୍ୟମ ପ୍ରତିନିଧି ଉପସ୍ଥିତ ଥିଲେ ।

ଶ୍ୟାମା ପ୍ରସାଦ ମୁଖାର୍ଜୀଙ୍କ ୭୩ତମ ବଳିଦାନ ଦିବସ ପାଳିତ

ଦଶପଲ୍ଲା, ୨୩/୦୬ (ଆ.ପ୍ର) : ଦଶପଲ୍ଲା ଏନ୍ଏସି ଅନ୍ତର୍ଗତ ତ୍ରିନାଥ ବଜାରସ୍ଥିତ ବିଜେପି କାର୍ଯ୍ୟାଳୟରେ ମଙ୍ଗଳବାର ଦିନ ଶ୍ୟାମପ୍ରସାଦ ମୁଖର୍ଜୀଙ୍କ ୭୩ତମ ବଳିଦାନ ଦିବସ ଶ୍ରଦ୍ଧା ଓ ଭକ୍ତିଭାବର ସହ ପାଳନ କରାଯାଇଛି । ଏହି ଅବସରରେ ଆୟୋଜିତ ସ୍ମୃତିଚାରଣ ସଭାରେ ତାଙ୍କ ଜୀବନାଦର୍ଶ, ଦେଶପ୍ରେମ ଏବଂ ରାଷ୍ଟ୍ର ଗଠନରେ ଅବଦାନ ଉପରେ ବକ୍ତାମାନେ ଆଲୋକପାତ କରିଥିଲେ । ବିଜେପି ନେତା ରାଘବ ମଲ୍ଲିକ ଙ୍କ ତତ୍ୱାବଧାନରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ଦଳୀୟ କର୍ମୀ ଓ ନେତୃବୃନ୍ଦ ଶ୍ୟାମା ପ୍ରସାଦ ମୁଖାର୍ଜୀଙ୍କ ପ୍ରତିମୂର୍ତ୍ତିରେ ପୁଷ୍ପମାଲ୍ୟ ଅର୍ପଣ କରି ଶ୍ରଦ୍ଧାଞ୍ଜଳି ଜଣାଇଥିଲେ । ଉପସ୍ଥିତ ବକ୍ତାମାନେ କହିଥିଲେ ଯେ, ଦେଶର ଏକତା ଓ ଅଖଣ୍ଡତା ପାଇଁ ମୁଖାର୍ଜୀଙ୍କ ତ୍ୟାଗ ଓ ଅବଦାନ ସର୍ବଦା ସ୍ମରଣୀୟ ହୋଇ ରହିବ । କାର୍ଯ୍ୟକ୍ରମରେ ବହୁ ବିଜେପି ନେତା, କର୍ମୀ ଓ ସମର୍ଥକ ଯୋଗଦେଇ ତାଙ୍କ ଆଦର୍ଶକୁ ଅନୁସରଣ କରିବା ସହ ଦେଶସେବା ପ୍ରତି ସମର୍ପିତ ରହିବାକୁ ସଂକଳ୍ପ ଗ୍ରହଣ କରିଥିଲେ । ସମଗ୍ର ପରିବେଶ ଶ୍ରଦ୍ଧା ଓ ସ୍ମୃତିଚାରଣରେ ଭରି ରହିଥିଲା ।

ଅରବିନ୍ଦ ନାୟକ ହେଲେ ଧାମନଗର ବ୍ଲକ କଂଗ୍ରେସ ସଭାପତି



ଧାମନଗର, ୨୩/୦୬ (ଆ.ପ୍ର) : ଧାମନଗର ବ୍ଲକ କଂଗ୍ରେସ ଦଳରେ ଦିର୍ଘ ବର୍ଷ ଧରି ଦେଖାଯାଉଥିବା ସାଙ୍ଗଠନିକ ଦୁର୍ବଳତାକୁ ସୁଦୃଢ଼ କରିବା ଲକ୍ଷ୍ୟରେ ଆଜି ଓଡିଶା ପ୍ରଦେଶ କଂଗ୍ରେସ କମିଟିର ସାଙ୍ଗଠନିକ ଉପସଭାପତି ସନ୍ତୋଷ ସିଂ ସାଲୁଜା ବିଧିବଦ୍ଧ ଭାବରେ ଅରବିନ୍ଦ ନାୟକଙ୍କ ନାମ ଧାମନଗର ବ୍ଲକ ସଭାପତି ଭାବେ ଘୋଷଣା କରିବା ସହ ଭଦ୍ରକ ଜିଲ୍ଲା କଂଗ୍ରେସ ଦଳର ସଭାପତି ନଳିନୀକାନ୍ତ ମହାନ୍ତିଙ୍କୁ ଏକ ଚିଠି ମାଧ୍ୟମରେ ଅବଗତ କରାଯାଇଛି । ବ୍ଲକ ସଭାପତି ଭାବେ ଅରବିନ୍ଦ ନାୟକଙ୍କୁ ଦାୟିତ୍ୱ ମିଳିଥିବାରୁ ଦଳୀୟ କର୍ମୀ ଓ ସମର୍ଥକମାନଙ୍କ ମଧ୍ୟରେ ଖୁସିର ଲହରୀ ଖେଳିଯାଇଛି । ନୂତନ ଦାୟିତ୍ୱ ପାଇବା ପରେ କଂଗ୍ରେସ ଦଳର କର୍ମୀମାନେ ଅରବିନ୍ଦ ନାୟକଙ୍କୁ ତାଙ୍କ ବାସ ଭବନରେ ଭେଟି ପୁଷ୍ପଗୁଚ୍ଛ ଓ ଉତରୀୟ ପ୍ରଦାନ କରି ଅଭିନନ୍ଦନ ଜଣାଇଥିଲେ । ଦଳର ବରିଷ୍ଠ ନେତା ଓ କର୍ମୀମାନେ ତାଙ୍କ ନେତୃତ୍ୱରେ ଧାମନଗରରେ କଂଗ୍ରେସ ସଂଗଠନ ଅଧିକ ସୁଦୃଢ଼ ଓ ସକ୍ରିୟ ହେବ ବୋଲି ଆଶା ବ୍ୟକ୍ତ କରିଥିଲେ । ଦୀର୍ଘ ଦିନ ଧରି କଂଗ୍ରେସ ସଂଗଠନ ସହ ଜଡିତ ରହି ଦଳ ପାଇଁ ନିସ୍ୱାର୍ଥପର ଭାବେ କାର୍ଯ୍ୟ କରିଆସୁଥିବା ଅରବିନ୍ଦ ନାୟକ ନିଜର ସାଂଗଠନିକ ଦକ୍ଷତା ଓ ନେତୃତ୍ୱ ପାଇଁ ଏହି ଦାୟିତ୍ୱ ପାଇଥିବା କୁହାଯାଉଛି । ନୂତନ ଦାୟିତ୍ୱ ପାଇବା ପରେ ସେ ଦଳର ନୀତି, ଆଦର୍ଶକୁ ସାଧାରଣ ଲୋକଙ୍କ ନିକଟରେ ପହଂଚାଇବା ସହ ତୃଣମୂଳ ସ୍ତରରେ କିପରି ସଂଗଠନକୁ ମଜବୁତ କରିହେବ ତାହା ମୋର ପ୍ରଥମ ଲକ୍ଷ୍ୟ ହେବ ବୋଲି ଗଣମାଧ୍ୟମକୁ ଶ୍ରୀ ନାୟକ ସୂଚନା ଦେଇଛନ୍ତି ।

ପାଣିରେ ବୁଡ଼ି ଯୁବକ ମୃତ

ନୀଳଗିରି, ୨୩/୦୬ (ଆ.ପ୍ର) : ପୁଣି ସୋନନଦୀରେ ବୁଡ଼ି ଜଣେ ନିଜ ଯୁବକଙ୍କ ଜୀବନ ଯାଇଛି । ଏଭଳି ଅଭାବନୀୟ ଘଟଣା ଦେଖିବାକୁ ମିଳିଛି ନୀଳଗିରି ବ୍ଲକ ଅଯୋଧ୍ୟା ପଂଚାୟତ ବାଡ଼ିଆ ଗ୍ରାମରେ । ଦୀର୍ଘ ୪ ବର୍ଷତଳେ ହୃଦଘାତରେ ପରଲୋକ କରିଥିବା ଅନିରୁଦ୍ଧ ଦାସଙ୍କ ୨୨ବର୍ଷୀୟ ପୁଅ ସତ୍ୟପ୍ରକାଶ ଦାଶ ଆଜି ପୂର୍ବାହ୍ନରେ ସୋନନଦୀରେ ଗାଧୋଇବାକୁ ଯାଇଥିବାବେଳେ ଗୋଡ଼ଖସିଯିବାରୁ ଗଭୀରରେ ବୁଡ଼ିଯାଇଥିଲେ । ନିକଟସ୍ଥ ପିଇସୀଘର ଲୋକ ବହୁ ଖୋଜାଖୋଜି କରିଥିଲେ ହେଁ ସତ୍ୟପ୍ରକାଶର ସନ୍ଧାନ ପାଇପାରି ନଥିଲେ । ଶେଷରେ ସ୍ଥାନୀୟଲୋକ ଏବଂ ଦମକଳବାହିନୀ ନଦୀରେ ଖୋଜାଖୋଜି କରିବାପରେ ଯୁବକଙ୍କ ମୃତଦେହ ଉଦ୍ଧାରକରି ନୀଳଗିରି ହସ୍ପିଟାଲ ଆଣିଥିଲେ । ସେଠାରେ ଡାକ୍ତର ତାଙ୍କୁ ମୃତଘୋଷଣା କରିଥିଲେ । ଆଜି ଶବବ୍ୟବଚ୍ଛେଦ କରାଯିବାପରେ ପରିବାରଲୋକଙ୍କୁ ହସ୍ତାନ୍ତର କରାଯିବ ।

ଦେଉଳାବନ୍ଧ ମନସା ମାତା ପୂଜୋତ୍ସବକୁ ପୁରିଲା ୬୬ ବର୍ଷ

ଭୋଗରାଇ, ୨୩/୦୬ (ଆ.ପ୍ର) : ବାଲେଶ୍ୱର ଜିଲ୍ଲା ଭୋଗରାଇ ବ୍ଲକର ଦେଉଳା ପଂଚାୟତ ଅନ୍ତର୍ଗତ ଦେଉଳା ହାଟ ଦକ୍ଷିଣ ପାର୍ଶ୍ୱସ୍ଥ ଦେଉଳାବନ୍ଧ ଠାରେ ଆୟୋଜିତ ମନସା ମାତା ପୂଜୋତ୍ସବକୁ ପୁରିଛି ୬୬ ବର୍ଷ । ଦିବଂଗତ ଗୁଣାକର ପାତ୍ରଙ୍କ ଉଦ୍ୟମରେ ଆରମ୍ଭ ହୋଇଥିବା ଏବଂ ଦେଉଳାବନ୍ଧ ମନସା ମାତା କ୍ଲବ ଆନୁକୂଲ୍ୟରେ ଆୟୋଜିତ ଏହି ମନସା ମାତାଙ୍କ ପୂଜୋତ୍ସବ ସୋମବାର ସନ୍ଧ୍ୟାରେ ଶୁଭାରମ୍ଭ ହୋଇଛି । ସୋମବାର ସନ୍ଧ୍ୟାରେ ଅତି ଆଡ଼ମ୍ବର ସହକାରେ ଏବଂ ଏକ ବର୍ଣ୍ଣାଢ୍ୟ ଶୋଭାଯାତ୍ରାରେ ମନସା ମାତାଙ୍କ ଘଟତୋଳନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା । ମଙ୍ଗଳବାର ମା'ଙ୍କ ବଡ଼ ପୂଜା ଅନୁଷ୍ଠିତ ହୋଇଥିଲା ବେଳେ ହଜାର ହଜାର ମହିଳା ଉପବାସ ରହି ବ୍ରତ ପାଳନ କରିବା ସହିତ ଭୋଗ ଡାଲା ଲଗାଇଥିଲେ । ଆସନ୍ତା ୨୬ ତାରିଖ ଶୁକ୍ରବାର ପର୍ଯ୍ୟନ୍ତ ଏହି ଉତ୍ସବ ପାଳନ ହେବାକୁ ଥିବା ବେଳେ ମଙ୍ଗଳବାର ଓ ବୁଧବାର ସନ୍ଧ୍ୟାରେ ଗୀତାଭିନୟ କାର୍ଯ୍ୟକ୍ରମ ପରିବେଷଣ ହେବ । ଗୁରୁବାର ଓ ଶୁକ୍ରବାର ସନ୍ଧ୍ୟାରେ ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହେବ । କ୍ଲବର ସଭାପତି ନାରାୟଣ ଚନ୍ଦ୍ର ଜେନା, ସମ୍ପାଦକ ଅତୁଲ ଚନ୍ଦ୍ର ଜେନା, କୋଷାଧ୍ୟକ୍ଷ ସତ୍ୟନାରାୟଣ କରଣ, ସଦସ୍ୟ ଗୋପୀନାଥ ସିଂ, ସଞ୍ଜୟ କୁମାର ଜେନା, ଅଜୟ କୁମାର ବେହେରା, ଦିଲ୍ଲୀପ କୁମାର ଦାସ, ପ୍ରଦୀପ ବେହେରା, ଦେଉଳା ସରପଂଚ ଚୈତନ୍ୟ ବେହେରା, ଶୟମ୍ଭୁ ଜେନା, ଚନ୍ଦନ ପାତ୍ର, କେଦାର ଦାସ, ପୁଲକ ପାଳ, ପ୍ରଭାକର ପାତ୍ର, ପ୍ରଦୀପ କୁମାର ଦାସ, ସୁଶାନ୍ତ ପାତ୍ର, ପଦ୍ମଲୋଚନ ଦିଣ୍ଡା, ପରମେଶ୍ୱର ଦାସ, ହେମନ୍ତ ଦାସ, ଜୟନ୍ତ ପାତ୍ର, ନିର୍ମଳ ଦାସ, ମଧୁସୂଦନ ପାତ୍ର, ଦିଲ୍ଲୀପ ପାତ୍ର, ସତ୍ୟଜିତ ପାତ୍ର, ତାପସ ଦାସମହାପାତ୍ର, ଶାନ୍ତନୁ ପ୍ରଧାନଙ୍କ ସମେତ ସମସ୍ତ ସଦସ୍ୟ ମାନେ ପରିଚାଳନା କରିଥିଲେ ।

ବିକାଶର ଧାରା ଓଡ଼ିଶା ସାରା; ଖୋର୍ଦ୍ଧା ବ୍ଲକ ସ୍ତରୀୟ ଜନସଚେତନତା ଓ ସେବା କାର୍ଯ୍ୟକ୍ରମ

ଖୋର୍ଦ୍ଧା, ୨୩/୦୬ (ଆ.ପ୍ର) : ଖୋର୍ଦ୍ଧା ପଂଚାୟତ ସମିତି ଆନୁକୂଲ୍ୟରେ ବିକାଶର ଧାରା ଓଡ଼ିଶା ସାରା ଅନ୍ତର୍ଗତ ଖୋର୍ଦ୍ଧା ବ୍ଲକରେ ରାଜ୍ୟ ସରକାରଙ୍କ ଦ୍ୱିତୀୟ ବର୍ଷ ପୂର୍ତ୍ତି ଜନସଚେତନତା ଓ ସେବା କାର୍ଯ୍ୟକ୍ରମ ମଣ୍ଡଳ ଉନ୍ନୟନ ଅଧିକାରୀ ସିଦ୍ଧାର୍ଥ ପଟ୍ଟନାୟକଙ୍କ ପୌରହିତ୍ୟରେ ଅନୁଷ୍ଠିତ ହୋଇଯାଇଅଛି । ଏହି କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ମାନ୍ୟବର ବିଧାୟକ, ଖୋର୍ଦ୍ଧା ଏବଂ ଜିଲ୍ଲା ଯୋଜନା ବୋର୍ଡ ଅଧ୍ୟକ୍ଷ ପ୍ରଶାନ୍ତ କୁମାର ଜଗଦେବ ଯୋଗଦେଇ ଫିତା କାଟି ପ୍ରଦର୍ଶନୀ ଷ୍ଟଲ ଉଦ୍ଘାଟନ କରିବାସହ ସାଧାରଣ ସଭା ଓ ହିତାଧିକାରୀ ସେବା ସମାରୋହକୁ ପ୍ରଦୀପ ପ୍ରଜ୍ୱଳନ କରି ଉଦ୍ଘାଟନ କରିଥିଲେ । ନିଜ ଉଦବୋଧନରେ ମୁଖ୍ୟ ଅତିଥି କହିଥିଲେ ଖୋର୍ଦ୍ଧା ସଦର ମହକୁମା ସହ ଖୋର୍ଦ୍ଧା ବ୍ଲକର ବିଭିନ୍ନ ଲୋକ କଲ୍ୟାଣ କାରୀ ଯୋଜନା ନୂତନ ସରକାରଙ୍କ ମାତ୍ର ଦୁଇବର୍ଷ ପୂର୍ତ୍ତିରେ ଦ୍ରୁତ ଗତିରେ ବିକାଶର ଧାରା ଜାରି ରହିଛି । ଖୋର୍ଦ୍ଧା ଜିଲ୍ଲା ରାଜ୍ୟ ସରକାର ଯେଉଁ ଭିଜନ ରଖିଛନ୍ତି ବିକଶିତ ଓଡ଼ିଶା ୨୦୩୬ ରେ ଖୋର୍ଦ୍ଧା ଜିଲ୍ଲା ସମଗ୍ର ରାଜ୍ୟରେ ଏକ ନମ୍ବର ଜିଲ୍ଲା ହୋଇ ହୋଇ ରହିବ ବୋଲି ଦୃଢୋକ୍ତି ପ୍ରଦାନ କରିଥିଲେ । ଏହି ଅବସରରେ ମାନ୍ୟବର ବିଧାୟକ ଜଗଦେବ ଜିଲ୍ଲାବାସୀଙ୍କ ସହଯୋଗ ଲୋଡ଼ିଥିଲେ । ସମ୍ମାନିତ ଅତିଥି ଭାବେ ଜିଲ୍ଲା ପରିଷଦ ସଭାପତି ରୂପଶ୍ରୀ ରାଣୀ ଗୁମାନ ସିଂହ କହିଲେ ଓଡ଼ିଶା ସରକାର ଲୋକମାନଙ୍କ ହିତରେ ବିଭିନ୍ନ ପ୍ରକାର ଲୋକାଭିମୁଖୀ ଯୋଜନା କାର୍ଯ୍ୟକାରୀ କରୁଛନ୍ତି । ଜନସାଧାରଣ ମାନେ ସଚେତନ ହେଲେ ଏହି ଯୋଜନା ଗୁଡ଼ିକର ସଫଳତା ସେମାନଙ୍କ ପାଖରେ ପହଂଚିପାରିବ ଏବଂ ଜନ ପ୍ରତିନିଧି ମାନେ ସେଥିପ୍ରତି ମଧ୍ୟ ସଚେତନ ହୋଇ ପ୍ରକୃତ ହିତାଧିକାରୀଙ୍କ ପାଖରେ ଯେପରି ଯୋଜନା ପହଂଚାଇ ଖୋର୍ଦ୍ଧା ଜିଲ୍ଲାକୁ ସର୍ବାଗ୍ରେ ସ୍ଥାନିତ କରିବାକୁ ସମସ୍ତେ ନିଷ୍ଠାପର ଭାବେ ଲୋକଙ୍କ ସେବା କରିବାକୁ ଆହ୍ୱାନ ଦେଇଥିଲେ । ସେହିପରି ସମ୍ମାନିତ ଅତିଥି ଭାବେ ଜିଲ୍ଲା ପରିଷଦ ସଭ୍ୟ ଜୋନ -୧ ପ୍ରଫୁଲ୍ଲ କୁମାର ବଡ଼ାଇ, ସାଂସଦଙ୍କ ପ୍ରତିନିଧି ଦିବ୍ଯ ପ୍ରସାଦ ବରିୟାର ସିଂହ, ପ୍ରତାପ ଚନ୍ଦ୍ର ମହାପାତ୍ର, ଅତିରିକ୍ତ ନିର୍ବାହୀ ଯନ୍ତ୍ରୀ, ଖୋର୍ଦ୍ଧା ବ୍ଲକ ମାନସ ରଞ୍ଜନ ନାୟକ ପ୍ରମୁଖ ଯୋଗ ଦେଇ ରାଜ୍ୟ ସରକାରଙ୍କ ଦ୍ୱିତୀୟ ବର୍ଷ ପୂର୍ତ୍ତି ଉପଲକ୍ଷେ ବିଭିନ୍ନ ଉନ୍ନୟନ ମୂଳକ ଯୋଜନାର ରୂପରେଖ ସମ୍ବନ୍ଧରେ ବକ୍ତବ୍ୟ ପ୍ରଦାନ କରିଥିଲେ । ମୁଖ୍ୟ ଅତିଥି ମାନ୍ୟବର ବିଧାୟକ, ଖୋର୍ଦ୍ଧା ପ୍ରଶାନ୍ତ କୁମାର ଜଗଦେବ ମୁଖ୍ୟ ମନ୍ତ୍ରୀ ଅନ୍ନପୂର୍ଣ୍ଣା ଯୋଜନା ରେ ୪୩ ହିତାଧିକାରୀ, ୨୦ ଅଙ୍ଗନୱାଡ଼ି କର୍ମୀଙ୍କୁ ମୋବାଇଲ ଫୋନ୍ , ୨୫ ଜଣ ନିର୍ମାଣ ଶ୍ରମିକଙ୍କୁ ଲେବର କାର୍ଡ,୩୦ ଜଣଙ୍କୁ ଆୟୁଷ୍ମାନ କାର୍ଡ, ୯ ଜଣଙ୍କୁ ପି ଏମ ସେବା ନିଧି, ହାଇସ୍କୁଲ ସାର୍ଟିଫିକେଟ ପରୀକ୍ଷା ରେ ୧ ଜଣ ବ୍ଲକ ଟପରଙ୍କୁ ସମ୍ବର୍ଦ୍ଧିତ, ୨ ଜଣ ଲକ୍ଷ ପତି ଦିଦିଙ୍କୁ ସମ୍ବର୍ଦ୍ଧିତ, ବ୍ଲକରେ ଏସ ଆଇ ଆର କାର୍ଯ୍ୟରେ ଶ୍ରେଷ୍ଠତା ପାଇଁ ବି ଏଲ ଓ ଏବଂ ସୁପରଭାଇଜରଙ୍କୁ ନେଇ ୪ ଜଣ, ସମନ୍ୱିତ କୃଷି ଯୋଜନାରେ ସବସିଡି ପାଇଁ ୪ ଜଣ ହିତାଧିକାରୀ, ୩ ଜଣଙ୍କୁ ମାଟି ସ୍ୱାସ୍ଥ୍ୟ କାର୍ଡ, ଆମ୍ବ ଅଧୀନ ସୂର୍ଯ୍ୟମୁଖୀ ଚାଷ ପ୍ରଦର୍ଶନୀ ପାଇଁ ୩ ଜଣ ହିତାଧିକାରୀ, କାମଧେନୁ ଯୋଜନାରେ ୫ ଜଣଙ୍କୁ ସବସିଡି ସହାୟତା ରାଶି, ଗୋ ଖାଦ୍ୟ ଚାଷ ପାଇଁ ୨ ଜଣ , ଆଗଲୁ ବଚନ୍ତୁ କାର୍ଯ୍ୟାଦେଶ ୨ ଜଣଙ୍କୁ ଏବଂ ଉଦ୍ୟାନ କୃଷି ସମନ୍ୱିତ କୃଷିରେ ୪ ଜଣଙ୍କୁ ସବସିଡି ହିତାଧିକାରୀଙ୍କୁ ନେଇ ୧୫୭ ଜଣ ହିତାଧିକାରୀଙ୍କୁ ସହାୟତା ବଂଟନ କରିଥିଲେ । ମଣ୍ଡଳ ଉନ୍ନୟନ ଅଧିକାରୀ ସ୍ୱାଗତ ଭାଷଣ, ଅତିଥି ପରିଚୟ ଓ ବ୍ଲକରେ ବିଭିନ୍ନ ଯୋଜନା କାର୍ଯ୍ୟକାରୀତା ବିଷୟରେ ଅବଗତ କରାଇଥିବା ବେଳେ ଶେଷରେ ଅତିରିକ୍ତ ମଣ୍ଡଳ ଉନ୍ନୟନ ଅଧିକାରୀ ଦେବେନ୍ଦ୍ର କୁମାର ପ୍ରଧାନ ଧନ୍ୟବାଦ ପ୍ରଦାନ କରିଥିଲେ । ପ୍ରାରମ୍ଭରେ ଆଂଚଳିକ ଜାତୀୟ ସଙ୍ଗୀତ ବନ୍ଦେ ଉତ୍କଳ ଜନନୀ ଗାନ କରାଯାଇଥିଲା । ଦିବସରେ ସମସ୍ତ ସରପଂଚ ପଂଚାୟତ ସମିତି ସଭ୍ୟ ସଭ୍ୟା, ବିଭିନ୍ନ ଲାଇନ୍ ଡିପାର୍ଟ ମେଂଟ ଅଧିକାରୀ, ବୁଦ୍ଧି ଜିବୀ, ମାନ୍ୟଗଣ୍ୟ ବ୍ୟକ୍ତି ଓ ଗଣ ମାଧ୍ୟମ ପ୍ରତିନିଧି ବୃନ୍ଦ ଯୋଗଦେଇଥିଲେ ।

ପୁରୀ ପ୍ରସିଦ୍ଧ ରଥଯାତ୍ରାର ଦ୍ୱିତୀୟ ସମନ୍ୱୟ ବୈଠକ ଅନୁଷ୍ଠିତ

ପୁରୀ, ୨୩/୦୬ (ଆ.ପ୍ର) : ମହାପ୍ରଭୁଙ୍କ ରଥଯାତ୍ରା ଅନନ୍ୟ ଓ ବିଶ୍ୱ ପ୍ରସିଦ୍ଧ । ମହାପ୍ରଭୁ ନିଜେ ହିଁ ସବୁ କରିଥାନ୍ତି । ଆମେ ନିମିତ୍ତ ମାତ୍ର । ତାଙ୍କ ଆଶୀର୍ବାଦ, ଆମ ସମସ୍ତଙ୍କ ସହଯୋଗ ଓ ସମନ୍ୱୟରେ ଚଳିତ ରଥଯାତ୍ରା ଖୁବ ଭଲରେ ହେବ ବୋଲି ପ୍ରାର୍ଥନା କରିଛନ୍ତି ଆଇନ, ପୂର୍ତ୍ତ ଓ ଅବକାରୀ ମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନ । ଚଳିତ ରଥଯାତ୍ରାର ଦ୍ୱିତୀୟ ସମନ୍ୱୟ ବୈଠକ ମଙ୍ଗଳବାର ପୂର୍ବାହ୍ନରେ ଟାଉନ ହଲ ପରିସରରେ ଅନୁଷ୍ଠିତ ହୋଇଥିଲା । ଏଥିରେ ମନ୍ତ୍ରୀ ଶ୍ରୀ ହରିଚନ୍ଦନ ଅଧ୍ୟକ୍ଷତା କରିବା ସହ ମହାପ୍ରଭୁଙ୍କ ପବିତ୍ର ରଥଯାତ୍ରାକୁ ଶାନ୍ତି ଶୃଙ୍ଖଳାର ସହ ସମ୍ପର୍ଣ୍ଣ କରିବାକୁ ସମସ୍ତଙ୍କ ସହଯୋଗ କାମନା କରିଥିଲେ । ରଥଯାତ୍ରା ଏକ ସାମୂହିକ କାର୍ଯ୍ୟ । ପାରସ୍ପରିକ ସହଯୋଗର ସହ ପ୍ରତ୍ୟେକ ବିଭାଗ ଉତରଦାୟୀ ଏବଂ ସମର୍ପିତ ଭାବେ କାର୍ଯ୍ୟ କରିବାକୁ ସେ ପରାମର୍ଶ ଦେଇଥିଲେ । ଚଳିତ ରଥଯାତ୍ରାର ସମସ୍ତ କାର୍ଯ୍ୟକୁ ସୁରୁଖୁରୁରେ ସମ୍ପର୍ଣ୍ଣ ପାଇଁ ମୁଖ୍ୟ ଶାସନ ସଚିବଙ୍କ ଅଧ୍ୟକ୍ଷତାରେ ଜାନୁଆରୀ ମାସ ଠାରୁ ବୈଠକ କରାଯାଉଛି । କାର୍ଯ୍ୟର ଅଗ୍ରଗତି ସନ୍ତୋଷ ଜନକ । ଜୁଲାଇ ୫ ତାରିଖ ପର ଠାରୁ ପୁରୀ ସହରରେ କୌଣସି ରାସ୍ତା ଘାଟ ଖୋଳିବାର ଅନୁମତି ଦିଆଯିବ ନାହିଁ । ପୁରୀ ସହର ବାସୀଙ୍କ ଶ୍ରୀମନ୍ଦିର ଦର୍ଶନ ପାଇଁ ସ୍ୱତନ୍ତ୍ର ବ୍ୟବସ୍ଥା କରାଯାଉଛି । ଓକାଳ ଏକ ପୁରୀର ଦୁଇଟି ପୋଷ୍ଟାଲ ପିନ ନମ୍ବରକୁ ସ୍ଥାନ କରି ପୁରୀ ଲୋକଙ୍କୁ ଚିହ୍ନଟ କରି ମହାପ୍ରଭୁଙ୍କ ଦର୍ଶନ ପାଇଁ ଏକ ସ୍ୱତନ୍ତ୍ର ବ୍ୟବସ୍ଥା ପାଇଁ ପଦକ୍ଷେପ ନିଆଯାଉଛି ବୋଲି ମନ୍ତ୍ରୀ ଶ୍ରୀ ହରିଚନ୍ଦନ ସୂଚନା ଦେଇଥିଲେ । ସେହିପରି ପୁରୀରେ ସ୍ଥାୟୀ ଫୁଡ ସେଫ୍ଟି ଟେଷ୍ଟିଂ ବ୍ୟବସ୍ଥା କରାଯିବ ବୋଲି ମନ୍ତ୍ରୀ ସୂଚନା ଦେଇଥିଲେ । ରଥଯାତ୍ରା ସମୟରେ ସ୍ୱାସ୍ଥ୍ୟ ସେବା ପାଇଁ ଅତିରିକ୍ତ ୨୦୦ ବେଡ ର ବ୍ୟବସ୍ଥା କରିବା, ଆସନ୍ତା ବର୍ଷ ରଥଯାତ୍ରା ପୂର୍ବରୁ ସ୍ଥାୟୀ ବର୍ଣ୍ଣ ୟୁନିଟ ପ୍ରତିଷ୍ଠା କରାଯିବ, ବଡଦାଣ୍ଡର ଉଭୟ ପାର୍ଶ୍ୱରେ ଅସ୍ଥାୟୀ ଚିକିତ୍ସା ବ୍ୟବସ୍ଥା କରାଯିବ ଯାହା ଫଳରେ ବାରମ୍ବାର ଆମ୍ବୁଲାନ୍ସ ଯିବା ଆସିବାର ଆବଶ୍ୟକତା ରହିବ ନାହିଁ, ରଥଯାତ୍ରା ପୂର୍ବରୁ ଡାକ୍ତର ଓ ଫୁଡ ସେଫ୍ଟି ଅଫିସର ପୁରୀ ରେ କାର୍ଯ୍ୟ ଆରମ୍ଭ କରିବେ ବୋଲି ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ମନ୍ତ୍ରୀ ଡା ମୁକେଶ ମହାଲିଙ୍ଗ ସୂଚନା ଦେଇଥିଲେ ।ଅନ୍ୟ ମାନଙ୍କ ମଧ୍ୟରେ ଗ୍ରାମ୍ୟ ଉନ୍ନୟନ, ପଂଚାୟତରାଜ ଓ ପାନୀୟ ଜଳ ମନ୍ତ୍ରୀ ରବି ନାରାୟଣ ନାୟକ,କ୍ରିଡା ଓ ଯୁବ ସେବା ଓ ସଂସ୍କୃତି ମନ୍ତ୍ରୀ ସୂର୍ଯ୍ୟ ବଂଶୀ ସୂରଜ, ରାଜ୍ୟସଭା ସାଂସଦ ଶୁଭାଶିଷ ଖୁଂଟିଆ, ସତ୍ୟବାଦୀ ବିଧାୟକ ଓମ ପ୍ରକାଶ ମିଶ୍ର,ପିପିଲି ବିଧାୟକ ଆଶ୍ରିତ ପଟ୍ଟନାୟକ, କାକଟପୁର ବିଧାୟକ ତୁଷାର କାନ୍ତି ବେହେରା, ପୁରୀ ବିଧାୟକ ସୁନିଲ କୁମାର ମହାନ୍ତି, ବ୍ରହ୍ମଗିରି ବିଧାୟିକା ଉପାସନା ମହାପାତ୍ର,ଜିଲ୍ଲା ପରିଷଦ ଅଧ୍ୟକ୍ଷା ସ୍ୱପ୍ନାରାଣୀ ସ୍ୱାଇଁ ପ୍ରମୁଖ ଯୋଗ ଦେଇଥିଲେ । ଶ୍ରୀମନ୍ଦିର ମୁଖ୍ୟ ପ୍ରଶାସକ ଡ ଅରବିନ୍ଦ ପାଢ଼ୀ ସମସ୍ତଙ୍କୁ ସ୍ୱାଗତ କରିବା ସହ ଶ୍ରୀମନ୍ଦିର ନୀତି କାନ୍ତି ସମ୍ପର୍କରେ ସୂଚନା ଦେଇଥିଲେ ।ଜିଲ୍ଲାପାଳ ଦିବ୍ୟ ଜ୍ୟୋତି ପରିଡା ଧନ୍ୟବାଦ ଅର୍ପଣ କରିଥିଲେ । ଅନ୍ୟ ମାନଙ୍କ ମଧ୍ୟରେ ପରିଚାଳନା କମିଟି ସଦସ୍ୟ, ସେବାୟତ, ଅତିରିକ୍ତ ଡିଜି ଆଧୁନିକୀକରଣ ସୌମେନ୍ଦ୍ର ପ୍ରିୟଦର୍ଶୀ, ଆଇନ ସଚିବ ଡ ପବିତ୍ର ମୋହନ ସାମଲ, ପରିବହନ ଆୟୁକ୍ତ ଅମିତାଭ ଠାକୁର, ଏନଏଚଏମ ର ଏମଡି ଡି ବୃନ୍ଦା, କେନ୍ଦ୍ରାଂଚଳ ଆରଡିସି କେନ୍ଦ୍ରାଂଚଳ ଆରକ୍ଷୀ ମହା ନିର୍ଦ୍ଦେଶକ ସତ୍ୟଜିତ ନାୟକ, ଅଗ୍ନିଶମ ଆଇ ଜି ଉମା ଶଙ୍କର ମିଶ୍ର,ଏସ ପି ପ୍ରତୀକ ସିଂ, ଡିଏଫଓ ମଗର ଧନିଜ ରାଉସୋ, ଆରସିସିଏଫ ପି ଅର୍ଥନାରୀ, ପୁରୀ ମହାନଗର ନିଗମର କମିଶନର ସ୍ନେହା ଅରୁଣ୍ଣା, ରେଲୱେ କମିଶନର କୌସ୍ତଭଦୀପ୍ତ ପାଣି, ଜଡିଆରଏମ ପି କେ ବେହେରା, ଦେବୋତର କମିଶନର ସତ୍ୟ ସୁନ୍ଦର ଷଡ଼ଙ୍ଗୀ, ପର୍ଯ୍ୟଟନ ନିର୍ଦ୍ଦେଶକ ଦୀପଙ୍କର ମହାପାତ୍ର, ବୁଦ୍ଧିଜୀବୀ, ଗଣମାଧ୍ୟମ ପ୍ରତିନିଧି, ଅନ୍ୟାନ୍ୟ ଅଧିକାରୀ ପ୍ରମୁଖ ଯୋଗ ଦେଇଥିଲେ । ରଥକାଠ ଯୋଗାଣ, ବିଭିନ୍ନ ସାମଗ୍ରୀ ସଂଗ୍ରହ ଓ ଯୋଗାଣ, ରଥକପଡା ସଂଗ୍ରହ, ନୀତି ସଂପାଦନ, ସ୍ୱାସ୍ଥ୍ୟ ଓ ପରିମଳ ବ୍ୟବସ୍ଥା, ପାନୀୟ ଜଳ ଯୋଗାଣ, ବିଦ୍ୟୁତ ଯୋଗାଣ, ପରିବହନ ବ୍ୟବସ୍ଥା, ରାସ୍ତା ଘାଟ ମରାମତି ଓ ଉନ୍ନତି କରଣ, ପାର୍କିଂ ସ୍ଥଳ,ଶାନ୍ତି ଶୃଙ୍ଖଳା ରକ୍ଷା, ଟ୍ରେନ ଚଳାଚଳ ବ୍ୟବସ୍ଥା, ରଥଯାତ୍ରାର ସିଧାସଳଖ ପ୍ରସାରଣ ବ୍ୟବସ୍ଥା, ଯାତ୍ରୀ ସୁବିଧା ପାଇଁ ଅସ୍ଥାୟୀ ସୂଚନା କେନ୍ଦ୍ର ବ୍ୟବସ୍ଥା,ଚଳିତ ବର୍ଷ ଶ୍ରଦ୍ଧାଳୁ ଓ ଯାତ୍ରୀ ମାନଙ୍କ ସୁବିଧା ପାଇଁ ଏଲଇଡି ଟିଭି ବ୍ୟବସ୍ଥା ସମ୍ବନ୍ଧ ରେ ବିସ୍ତୃତ ଆଲୋଚନା କରାଯାଇଥିଲା ।

ସାମାନ୍ୟ ବଚସାରୁ ବାପାକୁ ହତ୍ୟା କଲା ପୁଅ

ବଣାଇଁ, ୨୩/୦୬ (ଆ.ପ୍ର) : ବାପାଙ୍କୁ ସମ୍ମାନ ଜଣାଇବା ପାଇଁ ଦୁଇ ଦିନ ପୂର୍ବରୁ ପିତୃଦିବସ ଭାବେ ପାଳନ କରାଗଲା । ହାତ ଧରି ଯିଏ ଚାଲିବା ଶିଖାଇଥିଲା, ସମୟ ନ ଥାଇ ମୁଣ୍ଡଝାଳ ତୁଣ୍ଡରେ ମାରି ଯିଏ ପିଲାର ଭବିଷ୍ୟତ ପାଇଁ ଚିନ୍ତାକରିଥିଲା, ଯାହାଙ୍କୁ ପାଖରେ ପାଇଲେ ଶତ ସିଂହର ବଳ ଆସେ, ସେହି ମଣଷକୁ ବାପା କୁହାଯାଏ । ଏକାନ୍ତ ପରିବାରରେ ମୂଲ୍ୟବୋଧର ଅବକ୍ଷୟ ଯୋଗୁ ପିତୃତ୍ୱ ଆଜି ବିପନ୍ନ । କାହିଁ କେଉଁ କାଳରୁ ରହିଆସିଥିବା ସେହି ମହାନ୍ ସଂସ୍କୃତି ପିତା ଧର୍ମଃ ପିତା ସ୍ୱର୍ଗଃ ପିତାହିଁ ପରମଂ ତପଃ, ପିତରି ପ୍ରୀତିମାପନ୍ନେ ପ୍ରିୟନ୍ତେ ସର୍ବ ଦେବତାଃ । ଏପରି ଭାବ ଆମ ସମାଜରେ ସମ୍ପ୍ରତି ହଜିଯିବାକୁ ବସିଲାଣି । ଅନେକ ବାପା ଅଛନ୍ତି ଯେଉଁମାନଙ୍କ ପାଇଁ ପିତୃ ଦିବସ ମୂଲ୍ୟହୀନ ହୋଇପଡିଛି । ପରିବାରରେ ରହିଥିଲେ ମଧ୍ୟ ସେମାନେ ଅବହେଳିତ ଓ ଉପେକ୍ଷିତ । ଆଜି ସୁନ୍ଦରଗଡ଼ ଜିଲ୍ଲା ବଣାଇଁ ଉପଖଣ୍ଡରେ ଘଟିଛି ଅଭାବନୀୟ ଘଟଣା । ସାମାନ୍ୟ ବଚସାରୁ ବାପାକୁ ହତ୍ୟା କଲା ପୁଅ । ଲହୁଣୀପଡା ଥାନା ଟେନସା ଫାଣ୍ଡି ଅନ୍ତର୍ଗତ ବରସୁଆଁ ବସଷ୍ଟାଣ୍ଡ ନିକଟରେ ଘଟିଛି ଏହି ଘଟଣା । ଆଜି ସକାଳୁ ସାମାନ୍ୟ ବଚସାରୁ ବାପ ପୁଅ ମଧ୍ୟରେ କଳି ଆରମ୍ଭ ହୋଇଥିଲା । ପରେ ପୁଅ ରମେଶ ନାଏକ ଉତକ୍ଷିପ୍ତ ହୋଇ ପରିବା କଟା ଛୁରୀରେ ବାପା ଅସାରୁ ନାଏକର ଗଳା କାଟି ହତ୍ୟା କରିଥିଲା । ତାପରେ ବି ମନ ନ ବୁଝିବାରୁ ବାପାର ବେକରେ ଗାମୁଛା ବାନ୍ଧି ଶେଷ ନିଶ୍ୱାସ ଯାଏଁ ହତ୍ୟା କରିଥିଲା । ଲହୁଣୀପଡା ପୁଲିସ୍ ଖବର ପାଇ ଘଟଣାସ୍ଥଳରେ ପହଂଚି ପୁଅକୁ ଅଟକ ରଖିଛି । ସାଇଂଟିଫିକ୍ ଟିମ୍ ପହଂଚିଲା ପରେ ସମ୍ପୂର୍ଣ୍ଣ ତଦନ୍ତ ଆରମ୍ଭ ହେବ ବୋଲି ସୂଚନା ମିଳିଛି ।

ବିଦ୍ୟୁତ ସମସ୍ୟାର ସମାଧାନ ନେଇ ସିଧାମୂଳା ଗ୍ରାମବାସୀଙ୍କ ସହ ଯନ୍ତ୍ରୀଙ୍କ ଆଲୋଚନା, ଆନ୍ଦୋଳନ ସ୍ଥଗିତ

ଖଣ୍ଡପଡ଼ା, ୨୩/୦୬ (ଆ.ପ୍ର) : ଖଣ୍ଡପଡ଼ା ବ୍ଲକ ଅଧୀନ ସିଧାମୂଳା ଗ୍ରାମବାସୀ ବିଦ୍ୟୁତ ସମସ୍ୟାର ସ୍ଥାୟୀ ସମାଧାନ ନେଇ ରଣିଆ ବିଦ୍ୟୁତ ବିତରଣ କମ୍ପାନୀ କାର୍ଯ୍ୟାଳୟ ସମ୍ମୁଖରେ ଧାରଣା ଦେବା ପାଇଁ ନିଷ୍ପତି ନେଇଥିଲେ । ଗ୍ରାମବାସୀଙ୍କ ଯଥାର୍ଥ ଦାବିକୁ ସମ୍ମାନ ଜଣାଇ ରଣିଆ ବିଦ୍ୟୁତ ବିଭାଗ କନିଷ୍ଠ ଯନ୍ତ୍ରୀ ଗ୍ରାମବାସୀଙ୍କ ସହ ଏ ସଂପର୍କରେ ବିସ୍ତୃତ ଭାବେ ମଙ୍ଗଳବାର ଆଲୋଚନା କରିଥିବା ଜଣାଯାଇଛି । ସିଧାମୂଳା ଗ୍ରାମର ସଭାପତି କୈଳାସ ଚନ୍ଦ୍ର ବଳେଇ ଓ ସରପଂଚଙ୍କ ନେତୃତ୍ୱରେ ଗ୍ରାମର ପ୍ରଦୀପ କୁମାର ମନ୍ତ୍ରୀ, ରାହସ ବିହାରୀ ରାଉତ, ବସନ୍ତ କୁମାର ମହାଲିକଙ୍କ ସମେତ ଗ୍ରାମବାସୀ କନିଷ୍ଠ ଯନ୍ତ୍ରୀଙ୍କୁ ଭେଟିଥିବା ଜଣାଯାଇଛି । ଲୋ-ଭୋଲଟେଜ ସମସ୍ୟା ଦୂର ନିମନ୍ତେ ସିଧାମୂଳା ଗ୍ରାମରେ ଖୁବ ଶୀଘ୍ର ଏକ ୨୫୦ କେଭି ବିଦ୍ୟୁତ ଟ୍ରାନ୍ସଫର୍ମର ସ୍ଥାପନ ନେଇ ଗ୍ରାମବାସୀଙ୍କୁ ଯନ୍ତ୍ରୀ ପ୍ରତିଶ୍ରୁତି ଦେଇଥିବା ଜଣାପଡିଛି । ସେହିପରି ବିଦ୍ୟୁତ ସମସ୍ୟା ସଂପର୍କିତ ଅନ୍ୟାନ୍ୟ ଦାବି ଗୁଡିକ ପର୍ଯ୍ୟାୟକ୍ରମେ ପୂରଣ କରାଯିବ ବୋଲି ଯନ୍ତ୍ରୀ ପ୍ରତିଶ୍ରୁତି ଦେବା ପରେ ଗ୍ରାମବାସୀ ଆନ୍ଦୋଳନରୁ ଓହରି ଯାଇଥିବା ଜଣାପଡିଛି । ତେବେ ନିର୍ଦ୍ଧାରିତ ସମୟ ମଧ୍ୟରେ ଟାଟା ପାୱାର କମ୍ପାନୀ କର୍ତ୍ତୃପକ୍ଷ ଯଦି ବିଦ୍ୟୁତ ସମସ୍ୟାର ସ୍ଥାୟୀ ସମାଧାନ ନ କରନ୍ତି ତାହାଲେ ଆଗାମୀ ଦିନରେ ସିଧାମୂଳା ଗ୍ରାମବାସୀ ଆନ୍ଦୋଳନକୁ ଓହ୍ଲାଇବେ ବୋଲି ଚେତାବନୀ ଦେଇଛନ୍ତି ।

ଓଡ଼ିଶା ସରକାରଙ୍କ ଦ୍ୱିତୀୟ ବର୍ଷ ପୂର୍ତ୍ତି ଉପଲକ୍ଷେ ଆୟୋଜିତ 'ବିକାଶର ଧାରା, ଓଡିଶା ସାରା' କାର୍ଯ୍ୟକ୍ରମର ସମାପନୀ ଉତ୍ସବ ଅନୁଷ୍ଠିତ

ନବରଙ୍ଗପୁର, ୨୩/୦୬ (ଆ.ପ୍ର) : ଓଡ଼ିଶା ସରକାରଙ୍କ ଦ୍ୱିତୀୟ ବର୍ଷ ପୂର୍ତ୍ତି ଉପଲକ୍ଷେ ଆୟୋଜିତ 'ବିକାଶର ଧାରା, ଓଡିଶା ସାରା' କାର୍ଯ୍ୟକ୍ରମର ନବରଙ୍ଗପୁର ଜିଲ୍ଲାସ୍ତରୀୟ ସମାପନୀ ଉତ୍ସବ ଆଜି ନବରଙ୍ଗପୁର ପୋଲିସ୍ ପଡିଆ ପରିସରେ ବ୍ୟାପକ ଉତ୍ସାହ ଓ ଉଦ୍ଦୀପନା ମଧ୍ୟରେ ଅନୁଷ୍ଠିତ ହୋଇଯାଇଛି । ଏହି ସମାରୋହରେ ମାନ୍ୟବର ନବରଙ୍ଗପୁର ବିଧାୟକ ତଥା ଜିଲ୍ଲା ଯୋଜନା ବୋର୍ଡ ଅଧ୍ୟକ୍ଷ ଗୌରୀ ଶଙ୍କର ମାଝୀ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଦୀପ ପ୍ରଜ୍ୱଳନ କରି କାର୍ଯ୍ୟକ୍ରମର ଶୁଭାରମ୍ଭ କରିଥିଲେ । କାର୍ଯ୍ୟକ୍ରମରେ ବିଭିନ୍ନ ବିଭାଗର ଜିଲ୍ଲାସ୍ତରୀୟ ଅଧିକାରୀ ଗୋଷ୍ଠୀ ଉନ୍ନୟନ ଅଧିକାରୀ ନବରଙ୍ଗପୁର ସୁନୀଲ ଖରା, ଗୋଷ୍ଠୀ ଉନ୍ନୟନ ଅଧିକାରୀ କୋଷାଗୁମୁଡା ଆଶିଷ ତ୍ରିପାଠୀ, ଗୋଷ୍ଠୀ ଉନ୍ନୟନ ଅଧିକାରୀ ତେନ୍ତୁଳୀଖୁଂଟି ମନୋଜ ପାଣିଗ୍ରାହୀ, ଜିଲ୍ଲା ସୂଚନା ଲୋକ ସମ୍ପର୍କ ଅଧିକାରୀ ମନୋଜ କୁମାର ବେହେରା ,କୃଷି ଅଧିକାରୀ ଯୋଗମୟୀ ପଟ୍ଟନାୟକ,ପ୍ରାଣୀ ସମ୍ପଦ ଚିକିତ୍ସକ ସ୍ମିତାଶ୍ରୀ ପଟ୍ଟନାୟକ, ଅତିରିକ୍ତ ମତ୍ସ୍ୟ ଅଧିକାରୀ ଏସ ଭବାନୀ ରେଡ୍ଡୀ,ବିଧାୟକ ନବରଙ୍ଗପୁର ପ୍ରତିନିଧି ଦେବଦାସ ମହାକୁଡଙ୍କ ସମେତ ବିଭାଗୀୟ ଅଧିକାରୀ ,ଜନପ୍ରତିନିଧି ,ସ୍କୁଲ ଛାତ୍ର ଛାତ୍ରୀ, ହିତାଧିକାରୀ ଓ ଜନସାଧାରଣ ଉପସ୍ଥିତ ଥିଲେ । କାର୍ଯ୍ୟକ୍ରମରେ ବିଭିନ୍ନ ସରକାରୀ ହିତାଧିକାରୀ ସହାୟତା ଓ କାର୍ଯ୍ୟାଦେଶ ବଂଟନ କରାଗଲା । ମୁଖ୍ୟ ଅତିଥିଙ୍କ ଦ୍ୱାରା ଆଜି ମୋଟ ୨୯୫ ଜଣ ହିତାଧିକାରୀଙ୍କୁ ବିଭିନ୍ନ ଯୋଜନାର ସହାୟତା ଓ କାର୍ଯ୍ୟାଦେଶ ପ୍ରଦାନ କରାଯାଇଥିଲା । ରାଜସ୍ୱ ଓ ବିପର୍ଯ୍ୟୟ ବିଭାଗ ଅଧୀନରେ ୫୦ ଜଣ ହିତାଧିକାରୀଙ୍କୁ ସ୍ୱାମିତ୍ୱ ସମ୍ପତି କାର୍ଡ, ପଂଚାୟତିରାଜ ଓ ପାନୀୟ ଜଳ ବିଭାଗର ୬୮ ଜଣ ହିତାଧିକାରୀଙ୍କୁ ଗୃହ ନିର୍ମାଣ ପାଇଁ କାର୍ଯ୍ୟାଦେଶ,ଖାଦ୍ୟ ଓ ଯୋଗାଣ ବିଭାଗ ର ମୁଖ୍ୟମନ୍ତ୍ରୀ ଅନ୍ନପୂର୍ଣ୍ଣା ଯୋଜନାର ୫୩ ଜଣ ହିତାଧିକାରୀ, ସାମାଜିକ ସୁରକ୍ଷା ଓ ଭିନ୍ନକ୍ଷମ ସଶକ୍ତିକରଣ ବିଭାଗ ଅଧୀନରେ ୯୧ ଜଣ ହିତାଧିକାରୀଙ୍କୁ ନୂତନ ମଧୁବାବୁ ପେନସନ୍ ,ମତ୍ସ୍ୟ ଓ ପଶୁ ସମ୍ପଦ ବିଭାଗ ଅଧୀନରେ ୧ ଜଣ ହିତାଧିକାରୀଙ୍କୁ ସହାୟତା ପ୍ରଦାନ କରାଯାଇଥିଲା । ସେଭଳି ମତ୍ସ୍ୟ ଓ ପଶୁ ସମ୍ପଦ ବିଭାଗ ଅଧୀନରେ ୧ ଜଣ ହିତାଧିକାରୀଙ୍କୁ ବାୟୋଫ୍ଲୋକ୍ ମତ୍ସ୍ୟଚାଷ ପାଇଁ ସହାୟତା ପ୍ରଦାନ କରାଯାଇଥିଲା । ମହିଳା ଓ ଶିଶୁ ବିକାଶ ବିଭାଗ ପକ୍ଷରୁ ୩୦ ଜଣ ଅଙ୍ଗନୱାଡି କର୍ମୀଙ୍କୁ ସ୍ମାର୍ଟ ମୋବାଇଲ୍ ଫୋନ୍ ବିତରଣ କରାଯାଇଥିଲା, ଯାହା ସେମାନଙ୍କ ଡିଜିଟାଲ୍ କାର୍ଯ୍ୟ ପରିଚାଳନାରେ ସହାୟକ ହେବ । ଜାତୀୟ ସ୍ତରୀୟ ଗ୍ରାମ ସଭାରେ ଦ୍ୱିତୀୟ ସ୍ଥାନ ଅଧିକାର କରିଥିବା "ଟଏକଲବ୍ୟ ମଡେଲ ଆବାସିକ ବିଦ୍ୟାଳୟ, ହିର୍ଲିକୁ ମୁଖ୍ୟ ଅତିଥି ଗୌରୀ ଶଙ୍କର ମାଝୀ ପୁଷ୍ପଗୁଚ୍ଛ ଓ ପ୍ରଶସ୍ତି ପତ୍ର ପ୍ରଦାନ କରି ସମ୍ମାନିତ କରିଥିଲେ । ଏହି ଉପଲବ୍ଧି ପାଇଁ ସମଗ୍ର ଜିଲ୍ଲା ଗର୍ବିତ ବୋଲି ତାଙ୍କ ଅଭିଭାଷଣରେ କହିଥିଲେ । ନିଜ ବକ୍ତବ୍ୟରେ ମୁଖ୍ୟ ଅତିଥି ପଁ ମାନ୍ୟବର ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଏବଂ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ ନେତୃତ୍ୱରେ ନବରଙ୍ଗପୁର ଜିଲ୍ଲାରେ ବିକାଶର ଗତି ଅଭୂତପୂର୍ବ ଭାବେ ବୃଦ୍ଧି ପାଉଛି । ଆଜି ପ୍ରଦାନ କରାଯାଇଥିବା ୨୯୫ରୁ ଅଧିକ ସହାୟତା ଏହାର ଜ୍ୱଳନ୍ତ ଉଦାହରଣ । ଆମ ସରକାରଙ୍କ ଲକ୍ଷ୍ୟ ହେଉଛି ପ୍ରତ୍ୟେକ ଯୋଗ୍ୟ ହିତାଧିକାରୀଙ୍କ ପାଖରେ ସରକାରୀ ଯୋଜନାର ଲାଭ ସିଧାସଳଖ ପହଂଚାଇବା । 'ବିକାଶର ଧାରା, ଓଡିଶା ସାରା' ଏବେ ନବରଙ୍ଗପୁର ରେ ବାସ୍ତବତା ପାଲଟିଛି ।' ଆଗାମୀ ଦିନରେ ଜିଲ୍ଲାରେ ଶିକ୍ଷା, ସ୍ୱାସ୍ଥ୍ୟ, କୃଷି ଓ ନିଯୁକ୍ତି କ୍ଷେତ୍ରରେ ଆହୁରି ବଡ଼ ପ୍ରକଳ୍ପ ଆରମ୍ଭ ହେବ ବୋଲି କହିଥିଲେ । ବ୍ଲକ୍ କୃଷି ଅଧିକାରୀ ଲୋପାମୁଦ୍ରା ସାହୁ ଜୈବିକ ଓ ପ୍ରାକୃତିକ କୃଷି କୁ କିଭଳି ସରକାର ପ୍ରାଧାନ୍ୟ ଦେଉଛନ୍ତି ତା ଉପରେ କହିବା ସହ ଜିଲ୍ଲାର ଉପସ୍ଥିତ ଚାଷୀଙ୍କୁ ଜୈବିକ ପଦ୍ଧତିରେ ଚାଷ କରିବା ପ୍ରଣାଳୀ ଉପରେ ବିଶେଷ ତଥ୍ୟ ରଖିଥିଲେ । ସମାପନୀ ଉତ୍ସବରେ ସ୍ଥାନୀୟ କଳାକାରମାନଙ୍କ ଦ୍ୱାରା ନୃତ୍ୟ, ଆଦିବାସୀ ଲୋକଗୀତ ଗାନ କରାଯାଇଥିଲା, ଯାହା ଉପସ୍ଥିତ ଜନସାଧାରଣଙ୍କୁ ମୁଗ୍ଧ କରିଥିଲା ।ଛି ଭି ରି ରଞ୍ଜିତା କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ । କାର୍ଯ୍ୟକ୍ରମ ଶେଷରେ ଗୋଷ୍ଠୀ ଉନ୍ନୟନ ଅଧିକାରୀ ନବରଙ୍ଗପୁର ସୁନୀଲ ଖରା ସମସ୍ତ ଅଧିକାରୀ, କର୍ମଚାରୀ, ଗଣମାଧ୍ୟମ ପ୍ରତିନିଧି ଓ ଜନସାଧାରଣଙ୍କୁ ଧନ୍ୟବାଦ ଜ୍ଞାପନ କରିଥିଲେ ।

ତଥ୍ୟଭିତିକ ନାଟକ ରଚନା କରିବାରେ ନାଟ୍ୟକାର ସୁଧାକର ଦ୍ୱିବେଦୀ ଅନ୍ୟତମ

ଜଗତସିଂହପୁର, ୨୩/୦୬ (ଆ.ପ୍ର) : ନାଟ୍ୟକାର ସୁଧାକର ଦ୍ୱିବେଦୀ ସ୍ମୃତି ପରିଷଦ ପକ୍ଷରୁ ସୁନାମଧନ୍ୟ ନାଟ୍ୟକାର ସ୍ୱର୍ଗତ ସୁଧାକର ଦ୍ୱିବେଦୀଙ୍କର ୪୪ତମ ଶ୍ରାଦ୍ଧ ବାର୍ଷିକୀ ଜନ୍ମସ୍ଥାନ ଗହ୍ମପୁର ଗ୍ରାମରେ ପାଳିତ ହୋଇଯାଇଛି । ପ୍ରାରମ୍ଭରେ ସ୍ମୃତି ପରିଷଦର କର୍ମକର୍ତ୍ତା, ଉପଦେଷ୍ଟା, ଶୁଭେଚ୍ଛୁ ମାନଙ୍କ ଦ୍ୱାରା ନାଟ୍ୟକାରଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରାଯାଇ ଶ୍ରଦ୍ଧାସୁମନ ଅର୍ପଣ କରାଯାଇଥିଲା । ପରିଷଦର ସଭାପତି ସାହିତ୍ୟିକ ଅଲେଖ ଚନ୍ଦ୍ର ବେହେରାଙ୍କ ସଭାପତିତ୍ୱରେ ମା' ଉଗ୍ରେଶ୍ୱରୀ ନାରାୟଣୀ ଙ୍କ ପୀଠରେ ଅନୁଷ୍ଠିତ ସଭାରେ ପରିଷଦର କାର୍ଯ୍ୟକାରୀ ସଭାପତି ଶିକ୍ଷାବିତ ସୁରେଶ ଚନ୍ଦ୍ର ରାଉତ, ଉପ ସଭାପତି ଅବସରପ୍ରାପ୍ତ ବ୍ୟାଙ୍କ ମ୍ୟାନେଜର କୈଳାସ ଚନ୍ଦ୍ର ମଲ୍ଲିକ, ଶିକ୍ଷାବିତ୍ ସୁଭାଷ ଚନ୍ଦ୍ର ରାଉତ,ସାଧାରଣ ସମ୍ପାଦକ ସରୋଜ କୁମାର ଦ୍ୱିବେଦୀ,ସହ ସମ୍ପାଦକ ବନମାଳୀ ମହାରଣା, ଯୁଗ୍ମ ସମ୍ପାଦକ ବିଜନ ମହାପାତ୍ର, ସାଂସ୍କୃତିକ ସମ୍ପାଦକ ରାଜକିଶୋର ସାହୁ,ମିଡ଼ିଆ ସଂଯୋଜକ ତପନ କୁମାର ରାଉତରାୟ,କାର୍ଯ୍ୟକାରିଣୀ ସଦସ୍ୟ ରଞ୍ଜନ କୁମାର ମିଶ୍ର,ପରୀକ୍ଷିତ ମହାନ୍ତି,ସନ୍ତୋଷ କୁମାର ସାହୁ ଓ ପ୍ରଦୀପ୍ତ କୁମାର ମହାନ୍ତି ପ୍ରମୁଖ ଯୋଗଦେଇ ପ୍ରଖ୍ୟାତ ନାଟ୍ୟକାର ସୁଧାକର ଦ୍ୱିବେଦୀଙ୍କ କାଳଜୟୀ ନାଟକ ଗୃହଲକ୍ଷ୍ମୀ, ଶପଥ ନୁହେଁ ଜଳକ, ଅକାଳ ଝଡ଼, ରଘୁ ଅରକ୍ଷିତ, ଶଙ୍ଖ ଶାଢ଼ି ସିନ୍ଦୁର,ଗରିବ ଝିଅ, ବିପ୍ଲବୀର ଅପମୃତ୍ୟୁ ଓ ଚମ୍ପଲ ତାଙ୍କୁ ସଂପର୍କରେ ଆଲୋକପାତ କରି ଏହି ନାଟକରେ ଥିବା ସାମାଜିକ ଚେତନା ସଂପର୍କରେ ବିସ୍ତୃତ ଭାବେ ଆଲୋଚନା କରିଥିଲେ । ଶେଷରେ ସଂଗଠନ ସମ୍ପାଦକ ସୁକାନ୍ତ କୁମାର ଦ୍ୱିବେଦୀ ଧନ୍ୟବାଦ ଅର୍ପଣ କରିଥିଲେ । ଏହି କାର୍ଯ୍ୟକ୍ରମ ପରିଚାଳନାରେ ପ୍ରଚେତ ଚେତନ ମହାନ୍ତି, ତନ୍ମୟ କାନ୍ତ ପଣ୍ଡା ଓ ମନୋଜ କୁମାର ଦ୍ୱିବେଦୀ ପ୍ରମୁଖ ସହଯୋଗ କରିଥିଲେ ।

ସେଇଥିରୁ
ଆରମ୍ଭ
SEITHO ARAMBHA

ପୂର୍ବତନ ଭାରତୀୟ ଅଧିନାୟକ ରୋହିତ ଶର୍ମାଙ୍କୁ ପଦ୍ମଶ୍ରୀ ପ୍ରଦାନ

ନୂଆଦିଲ୍ଲୀ : ମଙ୍ଗଳବାର ରାଷ୍ଟ୍ରପତି ଭବନରେ ଆୟୋଜିତ ଏକ ସମାରୋହରେ ପୂର୍ବତନ ଭାରତୀୟ ଅଧିନାୟକ ରୋହିତ ଶର୍ମାଙ୍କୁ ସମ୍ମାନଜନକ ପଦ୍ମଶ୍ରୀ ପୁରସ୍କାର ପ୍ରଦାନ କରାଯାଇଛି । ଭାରତୀୟ କ୍ରିକେଟରେ ରୋହିତଙ୍କ ଉଲ୍ଲେଖନୀୟ ଅବଦାନ ଏବଂ ଅନ୍ତର୍ଜାତୀୟ ସ୍ତରରେ ତାଙ୍କର ସଫଳତାକୁ ସ୍ୱୀକୃତି ଦେବା ପାଇଁ ଭାରତର ରାଷ୍ଟ୍ରପତି ଏହି ସମ୍ମାନ ପ୍ରଦାନ କରିଥିଲେ । ଭାରତ ପାଇଁ ଅନେକ ସ୍ମରଣୀୟ ବିଜୟରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିଥିବା ଏହି ଷ୍ଟାର ବ୍ୟାଟସମ୍ୟାନ୍ ଭବନରେ ଅନ୍ୟ ବିଶିଷ୍ଟ ପୁରସ୍କାରପ୍ରାପ୍ତ ବ୍ୟକ୍ତିଙ୍କ ସହିତ ଯୋଗ ଦେଇଥିଲେ । ରୋହିତ ଶର୍ମାଙ୍କ ନେତୃତ୍ୱରେ, ଭାରତର ପୁରୁଷ ଦଳ ବାରବାଡୋସରେ ICC T20 ବିଶ୍ୱକପ୍ ୨୦୨୪ ଟାଇଟଲ ଏବଂ ଦୁବାଇରେ ୨୦୨୫ ଚାମ୍ପିଅନ୍ସ ଟ୍ରଫି ଜିତିଥିଲା ।'' ଶର୍ମା ODI ଇତିହାସର ସବୁଠାରୁ ସଫଳ ବ୍ୟାଟ୍ସମ୍ୟାନଙ୍କ ମଧ୍ୟରୁ ଜଣେ, ୨୮୫ ମ୍ୟାଚ୍‌ରେ ୪୮.୮୩ ହାରରେ ଏବଂ ୯୨.୯୭ ଷ୍ଟ୍ରାଇକ୍ ରେଟ୍‌ରେ ୧୧,୭୨୦ ରନ୍ କରିଛନ୍ତି । ତାଙ୍କର ସର୍ବାଧିକ ବ୍ୟକ୍ତିଗତ ସ୍କୋର ୨୬୪ ଏବଂ ତିନୋଟି ଦ୍ୱିଶତକ ସହିତ ଅନେକ ବିଶ୍ୱ ରେକର୍ଡ ଅଛି ।''ରୋହିତ ୨୦୧୩ ମସିହାରେ ତାଙ୍କର ଟେଷ୍ଟ ଡେବ୍ୟୁ କରିଥିଲେ ଏବଂ ୬୭ଟି ମ୍ୟାଚ୍ ଖେଳି ଭାରତ ପାଇଁ ପ୍ରତିନିଧିତ୍ୱ କରିଥିଲେ, ୪,୩୦୧ ରନ୍ କରିଥିଲେ । ତାଙ୍କର ରେଡ୍-ବଲ୍ କ୍ୟାରିୟରରେ ୧୨ଟି ଶତକ ଏବଂ ୧୮ଟି ଅର୍ଦ୍ଧଶତକ ଅନ୍ତର୍ଭୁକ୍ତ, ୨୦୧୯ରେ ଦକ୍ଷିଣ ଆଫ୍ରିକା ବିପକ୍ଷରେ ତାଙ୍କର କ୍ୟାରିୟରର ସର୍ବୋଚ୍ଚ ସ୍କୋର ୨୧୨ ।'' ୨୦୦୭ ମସିହାରେ ସେ ତାଙ୍କର ଟି-୨୦ ଡେବ୍ୟୁ କରିଥିଲେ ଏବଂ ୧୫୯ ମ୍ୟାଚ୍‌ରେ ୪୨୩୧ ରନ୍ କରିଥିଲେ, ୨୦୨୪ ମସିହାରେ ରୋହିତ ଏହି ଫର୍ମାଟର ସର୍ବୋଚ୍ଚ ସ୍କୋରର୍ ଥିଲେ । ସେ ଦୁଇଟି ଟି-୨୦ ବିଶ୍ୱକପ୍ ଜିତିଛନ୍ତି: ପ୍ରଥମଟି ୨୦୦୭ରେ ପ୍ରତିଯୋଗିତା ସମୟରେ ଏବଂ ଦ୍ୱିତୀୟଟି ୨୦୨୪ରେ ଅଧିନାୟକ ଭାବରେ ।''୨୦୨୪ ମସିହାରେ, ରୋହିତ ୧୫୦ ରୁ ଅଧିକ ଟି୨୦ରେ ଅଂଶଗ୍ରହଣ କରିଥିବା ପ୍ରଥମ ପୁରୁଷ ଖେଳାଳି ହୋଇଥିଲେ, ଯଦିଓ ସେ ଭାରତର ଟି୨୦ ବିଶ୍ୱକପ୍ ବିଜୟ ପରେ ଏହି ଫର୍ମାଟରୁ ଅବସର ଘୋଷଣା କରିଥିଲେ ।'' ନୂଆଦିଲ୍ଲୀର ରାଷ୍ଟ୍ରପତି ଭବନରେ ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁଙ୍କ ଦ୍ୱାରା ୨୦୨୬ ପଦ୍ମ ପୁରସ୍କାର ପ୍ରଦାନ କରାଯାଇଛି । ଜୁନ୍ ୨୩ ତାରିଖରେ ଦ୍ୱିତୀୟ ନାଗରିକ ବିନିଯୋଗ ସମାରୋହରେ, ମୋଟ ୬୫ ଜଣ ପଦ୍ମ ପୁରସ୍କାର ପ୍ରଦାନ କରାଯିବାର କାର୍ଯ୍ୟକ୍ରମ ରହିଥିଲା । ଯେଉଁଥିରେ ଦୁଇଟି ପଦ୍ମ ବିଭୂଷଣ, ସାତ ପଦ୍ମ ଭୂଷଣ ଏବଂ ୫୬ ପଦ୍ମଶ୍ରୀ ପୁରସ୍କାର ଅନ୍ତର୍ଭୁକ୍ତ ।''ପଦ୍ମ ପୁରସ୍କାର ୨୦୨୬ ପାଇଁ ପ୍ରଥମ ନାଗରିକ ବିନିଯୋଗ ସମାରୋହ ମେ ୨୬ ତାରିଖରେ ଅନୁଷ୍ଠିତ ହୋଇଥିଲା, ଏହି ସମୟରେ ୬୬ ଜଣଙ୍କୁ ପଦ୍ମ ପୁରସ୍କାର ପ୍ରଦାନ କରାଯାଇଥିଲା ।''

ଅଭିନେତା ପ୍ରକାଶ ରାଜଙ୍କ ବିରୋଧରେ ଜାମିନବିହୀନ ଗିରଫ ପରୱାନା ଜାରି

ବେଙ୍ଗାଲୁରୁ, ୨୩/୬(ନ୍ୟୁ.ଏ): ପ୍ରସିଦ୍ଧ ଅଭିନେତା ପ୍ରକାଶ ରାଜ ଏବେ ଏକ ଆଇନଗତ ବିବାଦରେ ଫସିଛନ୍ତି । ବେଙ୍ଗାଲୁରୁର ଏକ ଅଦାଲତ ତାଙ୍କ ବିରୋଧରେ ଜାମିନବିହୀନଗିରଫ ପରୱାନା ଜାରି କରିଛନ୍ତି । ତାଙ୍କ ନାମରେ ଏକାଧିକ ରାଜ୍ୟରେ ଭୋଟର ପରିଚୟପତ୍ର ଥିବା ଅଭିଯୋଗକୁ ନେଇ ଏହି ମାମଲା ଚାଲିଛି । ସୂଚନା ଅନୁସାରେ, ୨୦୧୯ ମସିହାରେ ଆଇନଜୀବୀ ଦିଲୀପ କୁମାର ଏହି ଅଭିଯୋଗ ଦାଖଲ କରିଥିଲେ । ଅଭିଯୋଗରେ କୁହାଯାଇଥିଲା ଯେ ପ୍ରକାଶ ରାଜ କର୍ଣ୍ଣାଟକ, ତାମିଲନାଡୁ, ତେଲଙ୍ଗାନା ସହିତ ଅନ୍ୟ ରାଜ୍ୟରେ ମଧ୍ୟ ଭୋଟର ଭାବେ ପଞ୍ଜୀକୃତ ହୋଇଥିଲେ ଏବଂ ତାଙ୍କ ନାମରେ ଏକାଧିକ ଭୋଟର ଆଇଡି ରହିଥିବାର ଅଭିଯୋଗ ହୋଇଥିଲା । ଭାରତର ନିର୍ବାଚନ ନିୟମ ଅନୁସାରେ, ଜଣେ ନାଗରିକ କେବଳ ଗୋଟିଏ ସ୍ଥାନରେ ଭୋଟର ଭାବେ ନାମ ଲେଖାଇ ପାରିବେ ଏବଂ ତାଙ୍କ ପାଖରେ ମାତ୍ର ଗୋଟିଏ ବୈଧ ଭୋଟର ପରିଚୟପତ୍ର ରହିପାରିବ । ଏହି ନିୟମ ଉଲ୍ଲଂଘନ ଅଭିଯୋଗର ତଦନ୍ତ ଚାଲିଛି । ମାମଲାର ଶୁଣାଣି ସମୟରେ ଅଦାଲତ ପ୍ରକାଶ ରାଜଙ୍କୁ ଏକାଧିକ ଥର ହାଜର ହେବାକୁ ସମନ ଜାରି କରିଥିଲେ । କିନ୍ତୁ ସେ ନିର୍ଦ୍ଧାରିତ ତାରିଖରେ ଅଦାଲତରେ ଉପସ୍ଥିତ ହୋଇନଥିଲେ । ବାରମ୍ବାର ସମନ ସତ୍ତ୍ୱେ ଅନୁପସ୍ଥିତ ରହିବାରୁ ବେଙ୍ଗାଲୁରୁର ୪୮ତମ ଅତିରିକ୍ତ ମୁଖ୍ୟ ନ୍ୟାୟିକ ମାଜିଷ୍ଟ୍ରେଟ୍ ଅଦାଲତ ତାଙ୍କ ବିରୋଧରେ ଜାମିନବିହୀନ ଗିରଫ ପରୱାନା ଜାରି କରିଛନ୍ତି । ଏହି ପରୱାନା ଜାରି ହେବା ପରେ ପ୍ରକାଶ ରାଜଙ୍କୁ ଯେକୌଣସି ସମୟରେ ଗିରଫ କରାଯାଇପାରେ ବୋଲି ଚର୍ଚ୍ଚା ହେଉଛି । ତେବେ ଅଭିଯୋଗଗୁଡ଼ିକ ଏପର୍ଯ୍ୟନ୍ତ ଅଦାଲତରେ ପ୍ରମାଣିତ ହୋଇନାହିଁ ଏବଂ ମାମଲାର ଶୁଣାଣି ଚାଲିଛି । ପ୍ରକାଶ ରାଜ ଅଭିଯୋଗକୁ ଅସ୍ୱୀକାର କରି ସେ କେବଳ ବେଙ୍ଗାଲୁରୁରେ ଭୋଟ୍ ଦେଉଥିବା କହିଛନ୍ତି । ଆଗାମୀ ଦିନରେ ସେ ଅଦାଲତରେ ହାଜର ହେବା ପରେ ଏହି ମାମଲାର ପରବର୍ତ୍ତୀ ଆଇନଗତ ପ୍ରକ୍ରିୟା ସ୍ପଷ୍ଟ ହେବ ।

ମେସି ମ୍ୟାଜିକ୍; ବିଶ୍ୱକପ ଇତିହାସରେ ସର୍ବାଧିକ୍ ଗୋଲ୍ ସ୍କୋର କଲେ

ନୂଆଦିଲ୍ଲୀ, ୨୩/୬(ନ୍ୟୁ.ଏ): ଚଳିତ ବିଶ୍ୱକପ୍‌ରେ ଆର୍ଜେଣ୍ଟିନା ଅଧିନାୟକ ଲିଓନେଲ ମେସି ଆଉ ଏକ ରେକର୍ଡ ଭଙ୍ଗ କରିଛନ୍ତି । ଜର୍ମାନୀର ମିରୋସ୍ଲାଭ କ୍ଲୋଜଙ୍କ ନାମରେ ୧୨ ବର୍ଷ ଧରି ବଜାୟ ରହିଥିବା ସର୍ବାଧିକ ବିଶ୍ୱକପ୍ ଗୋଲ୍ ରେକର୍ଡ ଭଙ୍ଗ କରିଛନ୍ତି ମେସି । ସୋମବାର ଅନୁଷ୍ଠିତ ଅଷ୍ଟ୍ରିଆ ବିପକ୍ଷ ମ୍ୟାଚରେ ସେ ୨ଟି ଗୋଲ୍ କରିଥିଲେ । ତାଙ୍କର ଏହି ଗୋଲ ବଳରେ ଆର୍ଜେଣ୍ଟିନା ୨-୦ ଗୋଲ୍‌ରେ ବିଜୟ ହାସଲ କରି ନକ୍ ଆଉଟ୍ (ରାଉଣ୍ଡ-୩୨)ରେ ସ୍ଥାନ ପକ୍କା କରିଥିଲା । ବିଶ୍ୱକପ୍‌ରେ ମେସିଙ୍କ ଗୋଲ୍ ସଂଖ୍ୟା ୧୮ରେ ପହଂଚି ଯାଇଥିଲା । ମେସି ଚଳିତ ବିଶ୍ୱକପ୍ ଆରମ୍ଭ ହେବା ପୂର୍ବରୁ ୧୩ଟି ଗୋଲ୍ କରିସାରିଥିଲେ । ଆଲଜେରିଆ ବିପକ୍ଷ ପ୍ରଥମ ମ୍ୟାଚରେ ହ୍ୟାଟ୍ରିକ୍ ଗୋଲ୍ କରିବା ସହ ଅଷ୍ଟ୍ରିଆ ବିପକ୍ଷରେ ଆଉ ୨ଟି ଗୋଲ କରି ନୂଆ ରେକର୍ଡ ସ୍ଥାପନ କରିଥିଲେ । ସେ ପ୍ରଥମେ (ଦଶମ ମିନିଟ୍) ଏକ ପେନାଲ୍ଟି ହାତଛଡ଼ା କରିଥିଲେ । ମାତ୍ର ୩୮ତମ ମିନିଟ୍‌ରେ ଫିଲ୍ଡ ଗୋଲ୍ ଦେଇ ସେ କ୍ଲୋଜଙ୍କ ରେକର୍ଡ ଭାଙ୍ଗିଥିଲେ । ପୂର୍ବାର୍ଦ୍ଧର ୯୦+୫ତମ ମିନିଟ୍‌ରେ ଦ୍ୱିତୀୟ ଗୋଲ୍ ଦେଇ ସେ ନିଜ ଗୋଲ୍ ସଂଖ୍ୟା ୧୮କୁ ବୃଦ୍ଧି କରିଥିଲେ । ସୂଚନାଯୋଗ୍ୟ, ମେସି ରେକର୍ଡ ଷଷ୍ଠ ବିଶ୍ୱକପ୍ ଖେଳୁଛନ୍ତି ଓ ୨ଟି ମ୍ୟାଚରେ ମୋଟ୍ ୫ଟି ଗୋଲ କରିସାରିଛନ୍ତି । ବିଶ୍ୱର ତୃତୀୟ ଖେଳାଳି ଭାବେ ମେସି କ୍ରମାନ୍ୱୟରେ ୬ଟି ବିଶ୍ୱକପ୍ ମ୍ୟାଚରେ ଗୋଲ୍ କରିବାରେ ରେକର୍ଡ କରିଛନ୍ତି । ତାଙ୍କ ଗୋଲ୍ ଅଭିଯାନ ଆରମ୍ଭ ହୋଇଥିଲା ୨୦୨୨ ବିଶ୍ୱକପ୍‌ରେ ଅଷ୍ଟ୍ରେଲିଆ ବିପକ୍ଷ ରାଉଣ୍ଡ-୧୬ ମ୍ୟାଚରୁ । ଉକ୍ତ ମ୍ୟାଚରେ ସେ ଗୋଟିଏ ଗୋଲ ଦେଇଥିଲେ । ଆର୍ଜେଣ୍ଟିନା ୨-୧ ଗୋଲ୍‌ରେ ବିଜୟ ହାସଲ କରିଥିଲା । ଏହାପରେ ସେ ନେଦରଲାଣ୍ଡ ବିପକ୍ଷ କ୍ୱାର୍ଟର ଫାଇନାଲ୍‌ରେ ଗୋଟିଏ ଗୋଲ୍ କରିଥିଲେ ଓ ଅନ୍ୟ ଏକ ଗୋଲ୍ ସହାୟତା କରିଥିଲେ । ପରବର୍ତ୍ତୀ କ୍ରୋଏସିଆ ବିପକ୍ଷ ସେମି ଫାଇନାଲ୍‌ରେ ସେ ଏକ ପେନାଲ୍ଟିକୁ ଗୋଲରେ ପରିଣତ କରିଥିଲେ । ଫ୍ରାନ୍ସ ବିପକ୍ଷ ଫାଇନାଲ୍‌ରେ ସେ ୨ଟି ଗୋଲ୍ ଦେଇଥିଲେ । ଚଳିତ ବିଶ୍ୱକପ୍‌ରେ ସେ କ୍ରମାନ୍ୱୟରେ ୨ଟି ମ୍ୟାଚରେ ଗୋଲ୍ କରିଛନ୍ତି । ମେସିଙ୍କ ପୂର୍ବରୁ ୧୯୫୮ ବିଶ୍ୱକପ୍‌ରେ ଫ୍ରାନ୍ସର ଜଷ୍ଟ ଫଣ୍ଟେନ ଓ ୧୯୭୦ ବିଶ୍ୱକପ୍‌ରେ ଜର୍ଜିନୋ କ୍ରମାନ୍ୱୟରେ ୬ଟି ମ୍ୟାଚରେ ଗୋଲ୍ କରିଥିଲେ । ଫଣ୍ଟେନ ଉକ୍ତ ବିଶ୍ୱକପ୍‌ରେ ମୋଟ ୧୩ଟି ଗୋଲ୍ କରିଥିଲେ । ନକ୍‌ଆଉଟ୍‌ରେ ଆର୍ଜେଣ୍ଟିନା-ସବୁ ଆଲୋଚକଙ୍କୁ ଭୁଲ ପ୍ରମାଣିତ କରି ଲିଓନେଲ ମେସି ଚଳିତ ବିଶ୍ୱକପ୍‌ରେ ରେକର୍ଡ ପରେ ରେକର୍ଡ ଭଙ୍ଗ କରି ଚାଲିଛନ୍ତି । ଷଷ୍ଠ ବିଶ୍ୱକପ୍ ଖେଳୁଥିବା ମେସି ଆଉ ମାତ୍ର ୨ ଦିନ ପରେ ୩୯ ବର୍ଷରେ ପଦାର୍ପଣ କରିବେ । ଯେଉଁ ବୟସରେ ଖେଳାଳିମାନେ ଫିଟନେସ୍ ହରାଇ ଅବସର ଜୀବନ କଟାନ୍ତି ସେହି ବୟସରେ ସେ ଯୁବ ଖେଳାଳିଙ୍କ ଭଳି ଖେଳ ପ୍ରଦର୍ଶନ କରି ସମସ୍ତଙ୍କୁ ଚକିତ କରିଦେଉଛନ୍ତି । ବିଶ୍ୱକପରେ ସର୍ବାଧିକ ମ୍ୟାଚ ଖେଳିବା ସହ ମେସି ସର୍ବାଧିକ ଗୋଲ୍ ସ୍କୋରର ଭାବେ ନୂଆ ରେକର୍ଡ ସ୍ଥାପନ କରିଛନ୍ତି । ଜର୍ମାନୀର ମିରୋସ୍ଲାଭ କ୍ଲୋଜଙ୍କ ନାମରେ ୨୦୧୪ରୁ ରହିଥିବା ସର୍ବାଧିକ ବିଶ୍ୱକପ୍ ଗୋଲ୍ ରେକର୍ଡ (୧୬ ଗୋଲ୍) ଭାଙ୍ଗିବା ସହ ସେ ମୋଟ୍ ୧୮ଟି ଗୋଲ କରି ନୂଆ କୀର୍ତ୍ତିମାନ ସ୍ଥାପନ କରିଛନ୍ତି । ଅଷ୍ଟ୍ରିଆ ବିପକ୍ଷ ଗ୍ରୁପ୍-ଜେ'ର ଏକ ମ୍ୟାଚରେ ମେସି ଡବଲ ଗୋଲ୍ କରିବା ଫଳରେ ଆର୍ଜେଣ୍ଟିନା ୨-୦ ଗୋଲରେ ବିଜୟ ହାସଲ କରି ନକ୍ ଆଉଟ୍‌ରେ ସ୍ଥାନ ପକ୍କା କରିଛି ।

ପ୍ରତିଶ୍ରୁତି ରକ୍ଷା ନକଲେ ଗମ୍ଭୀର ପରିଣାମ: ଟ୍ରମ୍ପ

ୱାଶିଂଟନ, ୨୩/୬(ନ୍ୟୁ.ଏ): ଶାନ୍ତି ଚୁକ୍ତିର ସଫଳତା ଓ ହର୍ମୁଜରୁ କଟକଣା ହଟିବା ଦାବି ଭିତରେ ଇରାନକୁ ଆଜି ଏକ ସ୍ପଷ୍ଟ ଓ କଠୋର ଚେତାବନୀ ଦେଇଛନ୍ତି ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ । ଶାନ୍ତି ଚୁକ୍ତି ଅନୁଯାୟୀ ଯଦି ଇରାନ ନିଜର ପ୍ରତିଶ୍ରୁତି ରକ୍ଷା ନକରେ, ତେବେ ବଡ଼ ଧରଣର ସାମରିକ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ଟ୍ରମ୍ପ ଦୃଢ଼ୋକ୍ତି ପ୍ରକାଶ କରିଛନ୍ତି । ହ୍ୱାଇଟ୍ ହାଉସର ଓଭାଲ୍ ଅଫିସରୁ ଗଣମାଧ୍ୟମଙ୍କୁ ସମ୍ବୋଧନ କରି ଟ୍ରମ୍ପ କହିଛନ୍ତି ଯେ ବର୍ତ୍ତମାନର ଅସ୍ତବିରତିର ସଫଳତା ସମ୍ପୂର୍ଣ୍ଣ ଭାବେ ଇରାନର ଆଚରଣ ଉପରେ ନିର୍ଭର କରେ । ଟ୍ରମ୍ପ କହିଛନ୍ତି, ଯେପର୍ଯ୍ୟନ୍ତ ସେମାନେ ଆମକୁ ସମ୍ମାନ ଦେବେ, ସବୁକିଛି ଠିକ୍ ଚାଲିବ । ଯଦି ସେମାନେ ଆମକୁ ସମ୍ମାନ ନଦିଅନ୍ତି ଏବଂ ସର୍ତ୍ତ ନ ମାନନ୍ତି, ତେବେ ପରିସ୍ଥିତି ଆଦୌ ଭଲ ହେବନାହିଁ ଏବଂ ଏହାର ଅତି ଗମ୍ଭୀର ପରିଣାମ ଇରାନକୁ ଭୋଗିବାକୁ ପଡ଼ିବ । ଆଲୋଚନା ସମୟରେ ତେହେରାନକୁ କୌଣସି ପ୍ରକାରର ସୁବିଧା ସୁଯୋଗ ଦେବା ସଂକ୍ରାନ୍ତ ପ୍ରଶ୍ନର ଉତ୍ତରରେ ଟ୍ରମ୍ପ କହିଛନ୍ତି, ସେମାନଙ୍କର ସମ୍ପୂର୍ଣ୍ଣ ଦେଶ ବର୍ତ୍ତମାନ ଧ୍ୱଂସ ହୋଇଯାଇଛି । ଏଭଳି ସ୍ଥିତିରେ ଏମିତି ପ୍ରଶ୍ନ ପଚାରିବା ସମ୍ପୂର୍ଣ୍ଣ ବୋକାମି । ଇରାନର ଦୁର୍ବଳ ଆର୍ଥିକ ସ୍ଥିତି ଯୋଗୁଁ ସେମାନେ ଆମେରିକା ସହ କୌଣସି ପ୍ରକାରର ମୁକାବିଲା କରିବା ସ୍ଥିତିରେ ନାହାନ୍ତି ବୋଲି ସେ ସ୍ପଷ୍ଟ କରିଛନ୍ତି । ଆର୍ଥିକ ସଙ୍କଟ ଅଣଙ୍କା ଅପେକ୍ଷା ଇରାନକୁ ପରମାଣୁ ଅସ୍ତ୍ର ହାସଲରୁ ରୋକିବା ଆମେରିକା ପାଇଁ ସବୁଠାରୁ ବଡ଼ ପ୍ରାଥମିକତା ବୋଲି ଟ୍ରମ୍ପ ଜୋର ଦେଇ କହିଛନ୍ତି ।

ଜାତୀୟ କ୍ରିକେଟ୍ ଦଳ ପାଇଁ ଓଡ଼ିଶାର ସମ୍ଭାବନା ଅନନ୍ୟା

ବଲାଙ୍ଗୀର, ୨୩/୬ (ଆ.ପ୍ର) : ମହିଳା କ୍ରିକେଟ୍‌ରେ ବଲାଙ୍ଗୀର ଜିଲ୍ଲାର ଖେଳାଳି ନିଜ ଛାପ ଛାଡ଼ି ଯାଇଛନ୍ତି । ରୋଶନାରା ପରବିନ୍ ଏବଂ ମାଧୁରୀ ମେହେଟ୍ଟାଙ୍କ ପରେ ଏବେ ଅନନ୍ୟା ମିଶ୍ର ଜାତୀୟ ମହିଳା ଦଳରେ ସାମିଲ ହୋଇ ସମ୍ଭାବନା ସୃଷ୍ଟି କରିଛନ୍ତି । ଭାରତୀୟ କ୍ରିକେଟ୍ ନିୟନ୍ତ୍ରଣ ବୋର୍ଡ (ବିସିସିଆଇ) ପକ୍ଷରୁ ବେଙ୍ଗାଲୁରୁରେ ଉତ୍କୃଷ୍ଟ ପ୍ରଦର୍ଶନ ଜାରି ରଖିଥିବା ମହିଳା କ୍ରିକେଟରଙ୍କ କ୍ୟାମ୍ପ ଆରମ୍ଭ ହେବାକୁ ଯାଉଛି । ଏଥିରେ ଯୋଗଦେବାକୁ ଅନନ୍ୟାଙ୍କୁ ସୁଯୋଗ ମିଳିଛି । ଓଡ଼ିଶାର ଏକମାତ୍ର ଖେଳାଳି ଭାବେ ଅନନ୍ୟା ମିଶ୍ର ଏହି ଜାତୀୟସ୍ତରୀୟ ଶିବିରରେ ସାମିଲ ହେବେ । ତାଙ୍କର ଏହି ସଫଳତା ସକାଶେ ପିତା ରାଜେନ୍ଦ୍ର ମିଶ୍ର, ମା' ମଞ୍ଜୁଳା ଏବଂ କୋଚ୍ ଅରୁଣ ନାୟକ ଶୁଭେଚ୍ଛା ଜଣାଇଛନ୍ତି । ପରିବାରବର୍ଗଙ୍କ କହିବା ଅନୁସାରେ ୧୨ ବର୍ଷ ବୟସରୁ ଅନନ୍ୟା କ୍ରିକେଟ୍ ପ୍ରତି ଆକର୍ଷିତ ହୋଇଥିଲେ । ପରେ ସ୍ଥାନୀୟ ଗାନ୍ଧୀ ଷ୍ଟାଡିୟମ୍‌ରେ କୋଚ୍ ଶ୍ରୀ ନାୟକଙ୍କ ନେତୃତ୍ୱରେ ତାଲିମ ଆରମ୍ଭ କରିଥିଲେ । ଅନନ୍ୟା ପୂର୍ବରୁ ରାଜ୍ୟ ମହିଳା ଦଳର ୧୯ ଓ ୨୩ ବର୍ଷରୁ କମ୍ ବର୍ଗରେ ପ୍ରତିନିଧିତ୍ୱ କରିସାରିଛନ୍ତି । ବଲାଙ୍ଗୀର ଜିଲ୍ଲା ବରିଷ୍ଠ ଦଳର ସେ ଜଣେ ନିୟମିତ ସଦସ୍ୟା । ଏହି ବାହାଣଦାଟୀ ଅଲରାଉଣ୍ଡର ବିସିସିଆଇ ପକ୍ଷରୁ ଆୟୋଜିତ ଅଣ୍ଡର-୨୩ ଟି-୨୦ ଏବଂ ଅଣ୍ଡର-୧୯ ଏକ ଦିବସୀୟରେ ନିଜ ପ୍ରତିଭା ଦେଖାଇ ସାରିଛନ୍ତି । ଉଭୟ ରାଜ୍ୟ ଓ ଜାତୀୟସ୍ତରର ପ୍ରତିଯୋଗିତାରେ ଉତ୍ତମ ପ୍ରଦର୍ଶନ କରି ସେ ଜାତୀୟ ଦଳର ନିୟମିତ ସଦସ୍ୟା ପାଇଁ ଦୃଢ଼ ଦାବିଦାର ପାଲଟିଛନ୍ତି । ଜାତୀୟ ଶିବିରରେ ଯୋଗଦେବା ପୂର୍ବରୁ ଅନନ୍ୟାଙ୍କୁ କ୍ରିକେଟ ତଥା କ୍ରୀଡ଼ାପ୍ରେମୀମାନେ ଶୁଭେଚ୍ଛା ଜଣାଇଛନ୍ତି ।

୨୭ କୋଟିର ଋଷଭ ୧୫ କୋଟିରେ ଦିଲ୍ଲୀ ଫେରିଲେ

ନୂଆଦିଲ୍ଲୀ, ୨୩/୬(ନ୍ୟୁ.ଏ): ଆଇପିଏଲ ୨୦୨୬ ସରିବାକୁ ମାତ୍ର କିଛି ସପ୍ତାହ ହୋଇଛି । ବଡ଼ ଆଇପିଏଲ ଟ୍ରେଡ୍ ଡିଲ୍ ସାଇନ୍ ହୋଇଛି । ଚୁକ୍ତିରେ ଦୁଇ ପ୍ଲେୟାର ବଦଳ ହୋଇଛନ୍ତି । ଲକ୍ଷ୍ନୌ ସୁପର ଜାଏଂଟସ୍ ଫ୍ରାଂଚାଇଜ୍ ଛାଡ଼ିଛନ୍ତି ଋଷଭ ପନ୍ତ । ୨୭ କୋଟିର ଲକ୍ଷ୍ନୌ ପ୍ଲେୟାର ଋଷଭ ପନ୍ତ ୧୫ କୋଟିରେ ଦିଲ୍ଲୀକୁ ଫେରିଛନ୍ତି । ତାଙ୍କ ବଦଳରେ କୁଲଦୀପ ଯାଦବଙ୍କୁ ୧୩ କୋଟି ୫୦ ଲକ୍ଷରେ ଏଲଏସଜିରେ ସାମିଲ ହୋଇଛନ୍ତି । ଦିଲ୍ଲୀ କ୍ୟାପିଟାଲ୍ସକୁ ଋଷଭ ପନ୍ତଙ୍କ ଘରବାହୁଡ଼ା ହୋଇଛି । ଷ୍ଟାର ସ୍ପିନର କୁଳଦୀପ ଯାଦବଙ୍କୁ ନାଲି ଜର୍ସିରେ ଦେଖିବାକୁ ମିଳିବ । ଏହା କେବଳ ଟ୍ରେଡ୍ ଡିଲ୍ ନୁହେଁ, ଦୁଇ ଫ୍ରାଂଚାଇଜର ରଣନୀତିରେ ବଡ଼ ପରିବର୍ତ୍ତନର ସଙ୍କେତ । ପନ୍ତଙ୍କ ଘର ବାହୁଡ଼ା- ଏହି ବାଣିଜ୍ୟ ଚୁକ୍ତିକୁ ଋଷଭ ପନ୍ତଙ୍କ ପାଇଁ ଏକ ଘରକୁ ପ୍ରତ୍ୟାବର୍ତ୍ତନ ହୋଇଛି । ପନ୍ତ ୨୦୧୬ ରୁ ୨୦୨୪ ପର୍ଯ୍ୟନ୍ତ ଦିଲ୍ଲୀ କ୍ୟାପିଟାଲ୍ସ ପାଇଁ ଖେଳିଥିଲେ । ସେ ଫ୍ରାଂଚାଇଜର ସବୁଠାରୁ ବଡ଼ ଚେହେରା ଥିଲେ । ସେ ଦିଲ୍ଲୀ ପାଇଁ ୧୧୧ ମ୍ୟାଚ୍ ଖେଳିଥିଲେ, ଯାହା ଯେକୌଣସି ଖେଳାଳିଙ୍କ ଦ୍ୱାରା ସର୍ବାଧିକ । ଏହା ବ୍ୟତୀତ, ସେ ୨୦୨୧ ରୁ ୨୦୨୪ ମଧ୍ୟରେ ଚାରି ସିଜନରେ ୪୩ ମ୍ୟାଚ୍ ରେ ଦଳର ଅଧିନାୟକତ୍ୱ କରିଥିଲେ । ଆଇପିଏଲ ୨୦୨୫ ମେଗା ନିଲାମରେ କାହାଣୀ ବଦଳିଗଲା । ଲକ୍ଷ୍ନୌ ସୁପରଜାଏଂଟ୍ସ ପନ୍ତଙ୍କୁ ୨୭ କୋଟି ର ରେକର୍ଡ ବିଡ୍ ସହିତ ଚୁକ୍ତି କରିଥିଲା । ଯାହା ଆଇପିଏଲ ଇତିହାସରେ ସର୍ବାଧିକ ବିଡ୍ ଥିଲା । ଏବେ ପୁଣି ପନ୍ତ ଦିଲ୍ଲୀ କ୍ୟାପିଟାଲ୍ସକୁ ଫେରିଛନ୍ତି । ଦିଲ୍ଲୀକୁ ସେ ୧୫ କୋଟି ଟଙ୍କାରେ ଫେରିଛନ୍ତି । ଗତ ଦୁଇଟି ସିଜିନ୍ ଲକ୍ଷ୍ନୌ ସୁପରଜାଏଂଟ୍ସ ପାଇଁ ପନ୍ତଙ୍କର ନୈରାଶ୍ୟଜନକ ପ୍ରଦର୍ଶନ ରହିଥିଲା । ପନ୍ତଙ୍କ ଅଧିନାୟକତ୍ୱରେ, ଦଳ ଆଇପିଏଲ୍ ୨୦୨୫ରେ ୭ମ ସ୍ଥାନରେ ଥିଲା । ପରବର୍ତ୍ତୀ ସିଜିନ୍‌ରେ, ଦଳର ପ୍ରଦର୍ଶନ ଆହୁରି ଖରାପ ହୋଇଥିଲା । ଏଲଏସଜି ଆଇପିଏଲ୍ ୨୦୨୬ରେ ପଏଣ୍ଟ ଟେବୁଲର ସବୁଠାରୁ ତଳେ ଥିଲା । ଏଲଏସଜିରେ ଯୋଗଦେବା ପରଠାରୁ ପନ୍ତ ସଂଘର୍ଷ କରୁଥିଲେ । ସେ ବ୍ୟାଟ୍ ଶାନ୍ତ ଥିଲା । ଅଧିନାୟକ ଭାବରେ ଦଳକୁ ବିଜୟୀ କରିପାରି ନଥିଲେ । କୁଲଦୀପ ଖାଇଂଏରେ ସାମିଲ- ଦିଲ୍ଲୀ କ୍ୟାପିଟାଲ୍ସ ସହିତ କୁଲଦୀପ ଯାଦବଙ୍କ ଚମତ୍କାର ଯାତ୍ରା ଏବେ ଶେଷ ହୋଇଛି । ବାମହାତୀ ଚାଇନାମ୍ୟାନ୍ ସ୍ପିନର ୨୦୨୨ ମସିହାରେ ଦିଲ୍ଲୀରେ ଯୋଗ ଦେଇଥିଲେ । ଗତ ପାଂଚ ସିଜନ ଧରି ଦଳର ବୋଲିଂ ଆକ୍ରମଣର ମେରୁଦଣ୍ଡ ସାଜିଥିଲେ । କୁଲଦୀପ ଦିଲ୍ଲୀ କ୍ୟାପିଟାଲ୍ସ ପାଇଁ ୬୫ ମ୍ୟାଚ୍‌ରେ ୭୨ ୱିକେଟ୍ ନେଇଥିଲେ ଏବଂ ତାଙ୍କ ବୋଲିଂରେ ଅନେକ ମ୍ୟାଚ୍ ଗତି ବଦଳାଇଥିଲେ ।

'ନିଟ୍' ଅସମାନତା ସୃଷ୍ଟି କରୁଛି, ଦୁଇ ଭାଷା ନୀତି ଜାରି ରହିବ: ବିଜୟ

ଚେନ୍ନାଇ, ୨୩/୬(ନ୍ୟୁ.ଏ): ତାମିଲନାଡୁ ବିଧାନସଭାରେ ମୁଖ୍ୟମନ୍ତ୍ରୀ ଜୋସେଫ୍ ବିଜୟ ମଙ୍ଗଳବାର ଦେଇଥିବା ଭାଷଣରେ ବିରୋଧୀଙ୍କ ସମାଲୋଚନାର କଡ଼ା ଜବାବ ଦେବା ସହ ନିଟ୍ ପରୀକ୍ଷା, ହିନ୍ଦୀ ଥୋପିବା ପ୍ରସଙ୍ଗ ଓ କରୁର ଦଳାଚକଟା ଘଟଣା ଉପରେ ସରକାରଙ୍କ ଆଭିମୁଖ୍ୟ ସ୍ପଷ୍ଟ କରିଛନ୍ତି । ବିଜୟ କହିଛନ୍ତି, କିଛି ଲୋକ ତାଙ୍କୁ କେବଳ ଜଣେ ଅଭିନେତା ଏବଂ ତାଙ୍କ ଦଳ ତାମିଲଗା ଭେଟ୍ରି କଝଗମ୍‌କୁ କେବଳ ଅଭିନେତାଙ୍କ ଦଳ ବୋଲି କହୁଛନ୍ତି । ହେଲେ ଏଭଳି ସମାଲୋଚନାକୁ ସେ ଗୁରୁତ୍ୱ ଦିଅନ୍ତି ନାହିଁ । ଜନସାଧାରଣଙ୍କ ଆସ୍ଥା ହାସଲ କରିବା ପାଇଁ ତାଙ୍କ ଦଳକୁ ଅନେକ ସଂଘର୍ଷ, ଷଡ଼ଯନ୍ତ୍ର ଓ ପ୍ରତିବନ୍ଧକର ସମ୍ମୁଖୀନ ହେବାକୁ ପଡ଼ିଥିଲା । ଏଥର ବିଧାନସଭା ନିର୍ବାଚନରେ ତାଙ୍କ ଦଳ ୩୫ ପ୍ରତିଶତ ଭୋଟ୍ ପାଇଥିବା ସେ ସ୍ମରଣ କରାଇଥିଲେ । ନିଟ୍ ପରୀକ୍ଷା ସମ୍ପର୍କରେ ସେ କହିଥିଲେ, ଏହି ବ୍ୟବସ୍ଥା ଛାତ୍ରଛାତ୍ରୀଙ୍କ ମଧ୍ୟରେ ଅସମାନତା ସୃଷ୍ଟି କରୁଛି । ଏହାକୁ ବାତିଲ କରି ସ୍କୁଲ ଯୁକ୍ତ ଦୁଇ ପରୀକ୍ଷାର ପ୍ରାପ୍ତ ନମ୍ବର ଆଧାରରେ ଡାକ୍ତରୀ ପାଠ୍ୟକ୍ରମରେ ନାମଲେଖା ସୁଯୋଗ ଦେବାକୁ ସେ ଦାବି କରିଥିଲେ, ଯେଉଁ ଦାବି ତାଙ୍କର ପୂର୍ବବର୍ତ୍ତୀ ସରକାର ବି ଉଠାଇ ଆସୁଥିଲେ । ନିଟ୍‌କୁ ନେଇ ଛାତ୍ରଛାତ୍ରୀଙ୍କ ଆତ୍ମହତ୍ୟା ଓ ପ୍ରଶ୍ନପତ୍ର ଲିକ୍ ଭଳି ଘଟଣା ଏହାର ବିଶ୍ୱସନୀୟତା ଉପରେ ପ୍ରଶ୍ନଚିହ୍ନ ଲଗାଉଛି ବୋଲି ସେ କହିଥିଲେ । ହିନ୍ଦୀ ପ୍ରସଙ୍ଗରେ ବିଜୟ ସ୍ପଷ୍ଟ କରିଥିଲେ ଯେ, ତାମିଲନାଡୁରେ ବର୍ତ୍ତମାନର ଦୁଇ ଭାଷା ନୀତି ହିଁ ଜାରି ରହିବ । ତାମିଲ ରାଜ୍ୟର ଭାଷା ଓ ଇଂରାଜୀ ଆନ୍ତର୍ଜାତିକ ଯୋଗାଯୋଗର ଭାଷା ଭାବେ ପର୍ଯ୍ୟାପ୍ତ ବୋଲି ସେ କହିଥିଲେ । କରୁରରେ ନିର୍ବାଚନୀ ସଭା ବେଳେ ଦଳାଚକଟାରେ ୪୧ ଜଣଙ୍କ ମୃତ୍ୟୁ ଘଟଣାକୁ ଉଲ୍ଲେଖ କରି ବିଜୟ କହିଥିଲେ, ଏହି ଦୁର୍ଘଟଣାର ଯନ୍ତ୍ରଣା ସେ କେବେ ଭୁଲିପାରିବେ ନାହିଁ । କିନ୍ତୁ ଏହି ଘଟଣା ପାଇଁ ମଧ୍ୟ ତାଙ୍କ ଦଳକୁ ଦୋଷାରୋପ କରାଯାଇଛି, ଯାହା ଦୁଃଖଦ ବୋଲି ସେ କହିଥିଲେ । ସେ ୧୯୬୭ରେ ସିଏନ୍ ଅନ୍ନାଦୁରାଇ ଏବଂ ୧୯୭୭ରେ ଏମ୍‌ଜି ରାମଚନ୍ଦ୍ରନଙ୍କ ସରକାର ବିଷୟରେ ଉଲ୍ଲେଖ କରି କହିଥିଲେ, ସେହିପରି ୨୦୨୬ରେ ତାଙ୍କ ସରକାର ମଧ୍ୟ ସାଧାରଣ ଲୋକଙ୍କ ପାଇଁ କାମ କରିବ । ବଂଶାନୁକ୍ରମିକ ରାଜନୀତିକୁ ପରୋକ୍ଷରେ ସମାଲୋଚନା କରି ସେ କହିଥିଲେ, ତାଙ୍କ ଦଳ କୌଣସି ଗୋଟିଏ ପରିବାରକୁ ନୁହେଁ, ବରଂ ତାମିଲନାଡୁର ପ୍ରତ୍ୟେକ ପରିବାରର ସ୍ୱାର୍ଥକୁ ପ୍ରାଧାନ୍ୟ ଦେଇ କାମ କରିବ ।

Printer & Publisher Deepak Kumar Das, Printed at Omkar Offset, Nayabazar, Balasore-1, Odisha, Published from Hyphen Publication, Nayabazar, Balasore-1, Odisha.
Phone & Fax : 06782-266998, Mobile : 9438600886, E-mail : seithuarambha@gmail.com
ସମ୍ପାଦକ : ଶୁଭେନ୍ଦୁ ଦାସ
Editor : Subhendu Das